CMYK

• Vol.- 45, Issue No. 339
• Friday, 13 March 2026
• ଶୁକ୍ରବାର, ୧୩ ମାର୍ଚ୍ଚ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ଭୟଙ୍କର ସ୍ଥିତିରେ ମଧ୍ୟପ୍ରାଚ୍ୟ ଯୁଦ୍ଧ

## ଇରାନ ଯୁଦ୍ଧ ମଧ୍ୟରେ ମୋଜତବା ଖାମେନିଙ୍କ ପ୍ରଥମ ବୟାନ: ହୋର୍ମୁଜ ଜଳପ୍ରଣାଳୀ ବନ୍ଦ ରହିବ





ତେହେରାନ,୧୨।୩: ଇରାନର ନୂଆ ସର୍ବୋଚ୍ଚ ନେତା ଅୟାତୁଲ୍ଲା ଖାମେନି ସଙ୍କେତ ଦେଇଛନ୍ତି ଯେ, ହୋର୍ମୁଜ ଜଳପ୍ରଣାଳୀକୁ ବନ୍ଦ କରିବା ଚାପକୁ ବ୍ୟବହାର କରାଯାଇପାରେ। ପଦ ସମ୍ଭାଳିବା ପରେ ଏହା ତାଙ୍କର ପ୍ରଥମ ସାର୍ବଜନିକ ବାର୍ତ୍ତା, ଯାହାକୁ ଗୁରୁବାର ସରକାରୀ ଟେଲିଭିଜନରେ ପ୍ରସାରିତ କରାଯାଇଛି। ନୂଆ ନେତାଙ୍କର ଏହି ବିବୃତ୍ତି ଏମିତି ସମୟରେ ଆସିଛି, ଯେତେବେଳେ ଇରାନ ଦ୍ୱାରା ପାରସ୍ୟ ଉପସାଗରରେ ଜାହାଜ ଓ ଏନର୍ଜୀ ଇନଫ୍ରାଷ୍ଟ୍ରକଚର ଉପରେ ଲଗାତାର ଆକ୍ରମଣ କାରଣରୁ ବିଶ୍ୱ ତୈଳ ବଜାରରେ ହାହାକାର ପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳର ଦାମ୍ ପୁଣି ଥରେ ୧୦୦ ଡଲାର ପ୍ରତି ବ୍ୟାରେଲ ଉପରେ ପହଞ୍ଚି ଯାଇଛି। ନିଜର ସମ୍ବୋଧନରେ ଇରାନର ନୂଆ ସର୍ବୋଚ୍ଚ ନେତା ମହମ୍ମଦ ମୋଜତବା ଖାମେନି ରାଷ୍ଟ୍ରକୁ ସମ୍ବୋଧିତ କରି ରାଷ୍ଟ୍ରୀୟ ଏକତାର ଅପିଲ କରିଛନ୍ତି। ସେ କହିଛନ୍ତି ଯେ, ହୋର୍ମୁଜ ଜଳ ପ୍ରଣାଳୀକୁ ଶତ୍ରୁଙ୍କ ଉପରେ ଚାପ ପକାଇବା ପାଇଁ ବନ୍ଦ ରଖାଯିବ। ଏହି ସମୟରେ ସେ ସ୍ପଷ୍ଟ କହିଛନ୍ତି ଯେ, ହୋର୍ମୁଜ ଜଳପ୍ରଣାଳୀ ବନ୍ଦ ରହିବ। ସେ ଏହାକୁ ଇରାନର ଶତ୍ରୁଙ୍କ ଉପରେ ଚାପ ପକାଇବାର ସଶକ୍ତ ମାଧ୍ୟମ ବୋଲି କହିଛନ୍ତି। ସେ ପଡୋଶୀଙ୍କ ସହ ମିତ୍ରତା ଉପରେ ଜୋର ଦେଇଛନ୍ତି, କିନ୍ତୁ ଆମେରିକୀୟ ଠିକଣାକୁ ଟାର୍ଗେଟ୍ କରିବାର ନୀତି ଜାରି ରଖିବା କଥା କହିଛନ୍ତି। ସମ୍ବୋଧନ ବେଳେ ଖାମେନି କ୍ଷେତ୍ରରେ ଥିବା ସବୁ ଆମେରିକୀୟ ସାମରିକ ସ୍ଥଳୀକୁ ତୁରନ୍ତ କରିବାକୁ ଦାବି କରିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ, ଯଦି ଏହି ଆଡ୍ଡାକୁ ହଟା ନଯାଏ ତ ଏହା ଉପରେ ଆକ୍ରମଣ କରାଯିବ। ସେ ସ୍ପଷ୍ଟ କରିଛନ୍ତି ଯେ, ଇରାନ କେବଳ ଆମେରିକୀୟ ଠିକଣା ଗୁଡ଼ିକୁ ଟାର୍ଗେଟ୍ କରୁଛି ଏବଂ ଏହି ନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ। କହି ରଖୁଛୁ କି, ଇରାନର ନୂଆ ସର୍ବୋଚ୍ଚ ନେତାଙ୍କ ଏହି ବୟାନ ଏମିତି ସମୟରେ ଆସିଛି, ଯେବେ ମଧ୍ୟ ପୂର୍ବରେ ଉତ୍ତେଜନା ଶୀର୍ଷସ୍ତରରେ ଏବଂ ତୈଳର ଦାମରେ ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଛି। ଇରାନର ଏହି କଡ଼ା ଆଭିମୁଖ୍ୟ ଅନ୍ତର୍ଜାତୀୟ ଗୋଷ୍ଠୀରେ ଚିନ୍ତାକୁ ଆହୁରି ବଢାଇ ଦେଇଛି।

# ଏୟାରଷ୍ଟ୍ରାଇକ୍‌ରେ ତେହେରାନ ଥରହର

## ୧୦ ଇରାନ ସୁରକ୍ଷାକର୍ମୀ ମୃତ

ନୂଆଦିଲ୍ଲୀ,୧୨।୩: ଇରାନ ଉପରେ ଆମେରିକା-ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ କରିଛି। ବଡ଼ ଧରଣର ଏୟାରଷ୍ଟ୍ରାଇକରେ ତେହେରାନ ଥରହର ହୋଇଛି। ଇରାନର ସବୁ ଯୁଦ୍ଧ ଜାହାଜକୁ ବୁଡ଼ାଇ ଦେଲା ଆମେରିକା । ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବେ ଇରାନର ରାଜଧାନୀ ତେହେରାନ ଉପରେ ଭୟଙ୍କର ଆକ୍ରମଣ କରିଛନ୍ତି । ଏଥିରେ ସୁରକ୍ଷା ବାହିନୀର ଅତିକମରେ ୧୦ଜଣ କର୍ମଚାରୀ ପ୍ରାଣ ହରାଇଛନ୍ତି। ଇରାନର ଶକ୍ତିଶାଳୀ ସେନା ଆଇଆରଜିସିର ଗୁପ୍ତଚର ବିଭାଗ ଏବଂ କୁର୍ଦ୍ଦିସ୍ତାନ ଅଞ୍ଚଳରେ ଥିବା ସାମରିକ ଘାଟିଗୁଡ଼ିକୁ ରକେଟ ମାଡ଼ କରି ଧ୍ୱଂସ କରାଯାଇଛି । ଲେବାନନର ବେରୁତ ସହରରେ ଥିବା ହିଜବୁଲ୍ଲା ସଙ୍ଗଠନର ମୁଖ୍ୟ କାର୍ଯ୍ୟାଳୟ ଉପରେ ଇସ୍ରାଏଲ ବୋମାମାଡ଼ କରିଛି । ଏଥିରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ଇସ୍ରାଏଲର ଆକ୍ରମଣ ଯୋଗୁଁ ଇରାନର ଦୁଇ-ତୃତୀୟାଂଶ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ନଷ୍ଟ ହୋଇଯାଇଛି । ଏହି କାରଣରୁ ଇରାନ ଏବେ ବଡ଼ ଧରଣର ପାଲଟା ଆକ୍ରମଣ କରିବାକୁ ଅସମର୍ଥ ହେଉଛି । ଅନ୍ୟପଟେ ସମୁଦ୍ର ପଥରେ ଇରାନର ଯୁଦ୍ଧ ଜାହାଜ ଏବଂ ଡ୍ରୋନ୍ ସ୍ମଗଲିଂ କରୁଥିବା ବୋଟ୍ ଗୁଡ଼ିକୁ ଆମେରିକା ପୋଡ଼ି ପାଉଁଶ କରିଦେଇଛି । ଇରାନ ସମୁଦ୍ରରେ ବିସ୍ଫୋରକ ବିଛାଇ ବାଣିଜ୍ୟ ପଥ ବନ୍ଦ କରିବାକୁ ଚେଷ୍ଟା କରୁଥିଲା । କିନ୍ତୁ ଆମେରିକା ସେନା ସେହି ସବୁ ଜାହାଜକୁ ବୁଡ଼ାଇ ଦେଇଛି । ଆମେରିକା ଅଧିକାରୀଙ୍କ ଅନୁସାରେ, ଏପର୍ଯ୍ୟନ୍ତ ଇରାନର ୫ ହଜାର ୫୦୦ରୁ ଅଧିକ ସାମରିକ ଘାଟି ଉପରେ ସଫଳତାର ସହ ଆକ୍ରମଣ କରାଯାଇଛି । ଇରାନ ପକ୍ଷରୁ ମରାଯାଇଥିବା ଅନେକ ମିସାଇଲକୁ ଆକାଶରେ ନଷ୍ଟ କରିଦେଇଛନ୍ତି ଆମେରିକା ଓ ଇସ୍ରାଏଲ । ତଥାପି ଏଥିରେ ୧୭୯ ଜଣ ସାମାନ୍ୟ ଆହତ ହୋଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ କୌଣସି ପରମାଣୁ କେନ୍ଦ୍ର ଉପରେ ନୂଆ କରି ଆକ୍ରମଣ ହୋଇନାହିଁ । ବରଂ ଇରାନର ସେନା ନେତୃତ୍ୱକୁ ଦୁର୍ବଳ କରିବା ପାଇଁ ଅପରେସନ ଚାଲିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନର ସେନା, ରାଡାର ଏବଂ ନେତୃତ୍ୱକୁ ଆମେରିକା ସମ୍ପୂର୍ଣ୍ଣ ରୂପେ ଦବାଇ ଦେଇଛି । ଇରାନ ଏବେ ଯୁଦ୍ଧରେ ବହୁତ ପଛରେ ପଡ଼ିଯାଇଛି ।

## ମଧ୍ୟପ୍ରାଚ୍ୟ ଯୁଦ୍ଧରେ ୩ ଭାରତୀୟ ମୃତ, ଜଣେ ନିଖୋଜ

ନୂଆଦିଲ୍ଲୀ,୧୨।୩: ମଧ୍ୟପ୍ରାଚ୍ୟ ଯୁଦ୍ଧରେ ପ୍ରଭାବିତ ଭାରତୀୟଙ୍କ ସମ୍ପର୍କରେ ବଡ ସୂଚନା ପ୍ରଦାନ କରିଛି ବୈଦେଶିକ ମନ୍ତ୍ରାଳୟ। ଯୁଦ୍ଧ ଯୋଗୁଁ ୩ ଭାରତୀୟ ପ୍ରାଣ ହରାଇଥିବା ସୂଚନା ଦେଇଛନ୍ତି ମୁଖପାତ୍ର ରଣଧୀର ଜୟସ୍ୱାଲ। ଶ୍ରୀ ଜୟସ୍ୱାଲ କହିଛନ୍ତି ଆମେ ଏପର୍ଯ୍ୟନ୍ତ ତିନି ଜଣ ଭାରତୀୟ ନାଗରିକଙ୍କୁ ହରାଇଛୁ। ଚତୁର୍ଥ ଜଣଙ୍କ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ସମସ୍ତ ଚାରି ଜଣ ନାଗରିକ ବାଣିଜ୍ୟ ଜାହାଜରେ ଥିବା କ୍ରୁର ସଦସ୍ୟ ଥିଲେ। ଓମାନ ଏବଂ ଇରାକରେ ଆମର ଦୂତାବାସ ଏବଂ ଦୁବାଇରେ ଆମର କନସୁଲେଟ୍ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରୁଛନ୍ତି। ଯାହା ଦ୍ୱାରା ସେମାନଙ୍କ ପାର୍ଥିବ ଶରୀର ଯଥାଶୀଘ୍ର ଆସିପାରିବ। ଭାରତ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରୁଛି। ଜଣେ ଭାରତୀୟ ନାଗରିକଙ୍କ ସଦ୍ୟତମ ଦୁର୍ଘଟଣା ସାଫସି ବିଷ୍ଣୁ ଜାହାଜରେ ଘଟିଥିଲା, ଯାହା ଏକ ମାର୍ଶାଲ୍ ଦ୍ୱୀପପୁଞ୍ଜ-ପତାକା ଥିବା ଜାହାଜ ଥିଲା।

# ଗାଁଠୁ ସହର ଏଲ୍‌ପିଜି ତାତି

ଭୁବନେଶ୍ୱର,୧୨।୩: ଗାଁରୁ ସହର, ରୋଷେଇଶାଳରୁ ହୋଟେଲ ରେସ୍ତୋରାଁ। ସବୁଠି ପଡ଼ିଲାଣି ଗ୍ୟାସ୍ ଚଡ଼କ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ଯୋଗୁ ଗ୍ୟାସ୍ ସଂକଟ ଲୋକଙ୍କୁ ଭୟଭୀତ କରିଥିବା ବେଳେ, ଘରୋଇ ଉପଭୋକ୍ତାଙ୍କ ପାଇଁ ସିଲିଣ୍ଡର୍ ଅଭାବ ନାହିଁ ବୋଲି କହୁଛନ୍ତି ସରକାର । କିନ୍ତୁ ବାସ୍ତବ ଚିତ୍ର କେତେ ଭିନ୍ନ, ତାହା ସ୍ପଷ୍ଟ ବାରି ହୋଇପଡୁଛି ଗ୍ୟାସ୍ ଏଜେନ୍ସି ଓ ଡିପୋ ଗୁଡ଼ିକରେ । ସେପଟେ ରୋଷେଇ ଗ୍ୟାସ୍‌ର ବିକଳ୍ପ ଭାବେ ଗାଁଲୋକେ ଚୁଲିମୁଣ୍ଡକୁ ଫେରିଥିବା ବେଳେ, ସହରରେ ସାହାରା ସାଜିଛି ଇଣ୍ଡକ୍ସନ୍ କୁକର । ଭୁବନେଶ୍ୱର, କଟକ, ସୁନ୍ଦରଗଡ଼, ଜୟପୁର, କେନ୍ଦ୍ରାପଡ଼ା, ବାରିପଦା । ସବୁଠି ଏକାଭଳି ସ୍ଥିତି, ଏକାଭଳି ଚିତ୍ର । ସକାଳୁ ସକାଳୁ ଗ୍ୟାସ୍ ଏଜେନ୍ସି ଓ ଡିପୋରେ ଲୋକଙ୍କ ଅସମ୍ଭବ ଗହଳି । ଟାଇଁ ଟାଇଁ ଖରାରେ କେଉଁଠି ଧାଡ଼ିରେ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଛନ୍ତି, ତ ଆଉ କେଉଁଠି ଗ୍ୟାସ୍ ଗାଡ଼ି ପହଞ୍ଚିବା ବେଳକୁ ଚାରିପଟୁ ଘେରି ଯାଉଛନ୍ତି । ବାଇକ୍, ଅଟୋ ଯେଉଁଥିରେ ପାଉଛନ୍ତି ବୋହି ନେଉଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ରୋଷେଇ ଗ୍ୟାସ୍ ଅଭାବକୁ ନେଇ ଲୋକେ କେତେ ଭୟଭୀତ, କେତେ ହନ୍ତସନ୍ତ । ଘରକୁ ଗ୍ୟାସ୍ ଆସିବା ପରେ ଚୁଲି ଅଭ୍ୟାସ ଛାଡ଼ିଗଲାଣି । କାଠ, କୁଟା ବି ସାଇତା ହେଉନି । ହେଲେ ଏବେ ଚୁଲି ମୁଣ୍ଡକୁ ନଯାଇ ଚାରା ନାହିଁ । ଘରେ ଯେତିକି ଗ୍ୟାସ୍ ଅଛି ତାକୁ ସଞ୍ଚି ସଞ୍ଚି, ଚୁଲିରେ ଯେନତେନ ପ୍ରକାରେ କାମ ଚଳାଉଛନ୍ତି ଲୋକେ । ଗାଁରେ ତ ଚୁଲିରେ ଚଳିଯାଉଛି, କିନ୍ତୁ ସହରରେ ଚୁଲି କାହିଁ ନା ଚୁଲି ଖୋଳିବାକୁ ଜାଗା କାହିଁ ? ତେଣୁ ସହରବାସୀଙ୍କ ପାଇଁ ସାହାରା ସାଜିଛି ଇଣ୍ଡକ୍ସନ୍ କୁକର୍ । ଇଲେକ୍ଟ୍ରୋନିକ୍ସ ଦୋକାନରେ ୪-୫ ଦିନ ହେଲା ଇଣ୍ଡକ୍ସନ୍ ବିକ୍ରି ଅଚାନକ ବଢ଼ିଥିବା କହିଛନ୍ତି ବ୍ୟବସାୟୀ । ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଗ୍ୟାସ୍ ସ୍ଥିତି ସଂପର୍କରେ ସରକାର ସଚେତନ ଅଛନ୍ତି, ଏହାର ଶୀଘ୍ର ସମାଧାନ ହେବ ।

## ଯଥେଷ୍ଟ ଗ୍ୟାସ୍ ଅଛି, ଆତଙ୍କିତ ହୁଅନି: ମନ୍ତ୍ରୀ

### ପ୍ରତିଦିନ ରିପୋର୍ଟ ଦେବେ ଜିଲ୍ଲାପାଳ



ଭୁବନେଶ୍ୱର,୧୨।୩: ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍ ରହିଛି। ତେଣୁ ଚିନ୍ତା କରିବାର କୌଣସି କାରଣ ନାହିଁ। ଗ୍ୟାସ୍‌କୁ ନେଇ ଆତଙ୍କିତ ନ ହେବାକୁ ଜନସାଧାରଣଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏଲ୍‌ପିଜି ଓ ପେଟ୍ରୋଲ୍, ଡିଜେଲ୍ ଉପଲବ୍ଧତାକୁ ନେଇ ଏକ ବୈଠକ ପରେ ମନ୍ତ୍ରୀ ଏହା କହିଛନ୍ତି। ବୈଠକରେ ଆଇଓସିଏଲ, ବିପିସିଏଲ, ଏଚପିସିଏଲ, ରିଲାଏନ୍ସ, ଗେଲ୍‌ର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଏଲ୍‌ପିଜି ବିତରକ ଓ ରିଟେଲ୍ ଆଉଟ୍‌ଲେଟ୍‌ର ବିତରଣ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଖାଉଟିମାନେ ଗ୍ୟାସ୍ ଓ ତେଲ ପାଇବାରେ ଯେଉଁଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି, ସେଥିପ୍ରତି ସଜାଗ ରହିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ କହିଥିଲେ। ଜିଲ୍ଲାପାଳମାନଙ୍କୁ ପ୍ରତିଦିନ ରିପୋର୍ଟ ଦେବାକୁ କୁହାଯାଇଛି। ମନ୍ତ୍ରୀ କହିଥିଲେ ଯେ ବଜାରରେ ଏଲ୍‌ପିଜି କଳାବଜାର ରୋକିବାକୁ ଚଢ଼ଉ ପାଇଁ ବିଭାଗୀୟ ଅଧିକାରୀ ନିୟୋଜିତ ଅଛନ୍ତି। କଳାବଜାର ଖବର ମିଳିଲେ ଦୃଢ଼ ପଦକ୍ଷେପ ନେବାକୁ ସେ କହିଛନ୍ତି। କଟକ ବଡ଼ ମେଡିକାଲ ଭଳି ସମ୍ବେଦନଶୀଳ ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ମାର୍କେଟିଙ୍ଗ ଅଫିସରମାନେ ସ୍ଥିତି ଅନୁଧ୍ୟାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ବିଭାଗୀୟ ସଚିବ ସଞ୍ଜୟ କୁମାର ସିଂହ, ରାଜ୍ୟ ଖାଦ୍ୟ ନିଗମର ପରିଚାଳନା ନିର୍ଦ୍ଦେଶକ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାଜ୍ୟରେ ବଢ଼ିଲା ତାତି

### ପ୍ରଥମଥର ୪୦ଡିଗ୍ରୀ ପାର କଲା ତାପମାତ୍ରା

ଭୁବନେଶ୍ୱର,୧୨।୩: ମାର୍ଚ୍ଚ ମାସ ଅଧା ନହେଉଣୁ ଓଡ଼ିଶାରେ କଳବଳ କଲାଣି ଖରା। ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ପଶ୍ଚିମ ଓଡ଼ିଶାର ଶିଳ୍ପ ସହର ଝାରସୁଗୁଡ଼ା ଏବେ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଚଳିତ ସିଜନରେ ପ୍ରଥମ ଥର ପାଇଁ ରାଜ୍ୟର ପାରଦ ୪୦ ଡିଗ୍ରୀ ଅତିକ୍ରମ କରିଛି। ୪୦.୮ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ତାପମାତ୍ରା ୩୯.୨ ଡିଗ୍ରୀ ରହିଛି। ସେହିପରି ସମ୍ବଲପୁର ଓ ସୁନ୍ଦରଗଡ଼ରେ ପାରଦ ୩୯ ଡିଗ୍ରୀ ଛୁଇଁଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୩୮.୬ ଡିଗ୍ରୀ ଏବଂ କଟକରେ ୩୫.୬ ଡିଗ୍ରୀ ତାପମାତ୍ରା ଅନୁଭୂତ ହୋଇଛି। ରାଜ୍ୟର ପ୍ରାୟ ୨୫ଟି ସ୍ଥାନରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବା ବେଳେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପାରଦ ଆହୁରି ୨ ରୁ ୩ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି।

### ଆଇଏଏସ୍ ସ୍ତରରେ ଅଦଳବଦଳ

## ବଦଳିଲେ ମାଲକାନଗିରି ଜିଲ୍ଲାପାଳ, ପ୍ରଥମେଶ ଅରବିନ୍ଦଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୨।୩: ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ବଦଳି ହୋଇଛି। ତାଙ୍କୁ ବୟନ ଓ ହସ୍ତତନ୍ତ ଶିଳ୍ପ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ତାଙ୍କ ବଦଳରେ ମାଲକାନଗିରିରେ ବ୍ରହ୍ମପୁର ମହାନଗର ନିଗମର କମିସନର ପ୍ରଥମେଶ ଅରବିନ୍ଦଙ୍କୁ ଜିଲ୍ଲାପାଳ ଦାୟିତ୍ୱ ମିଳିଛି। ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିସନର ମନୀଷ ଅଗ୍ରୱାଲଙ୍କୁ ସମବାୟ ସମିତି ସମୂହର ନିବନ୍ଧକ ଭାବେ ନିଯୁକ୍ତି ମିଳିଥିଲା ବେଳେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ଶାସନ ସଚିବ ସ୍ମୃତିରଞ୍ଜନ ପ୍ରଧାନଙ୍କୁ କ୍ଷୁଦ୍ର ଶିଳ୍ପ ନିଗମରେ ଏମ୍‌ଡି ଭାବେ ନିଯୁକ୍ତି ମିଳିଛି। ଶ୍ରୀ ପ୍ରଧାନଙ୍କୁ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଏଠାରେ ପୂର୍ବରୁ ରଶ୍ମିତା ପଣ୍ଡା ଅବସ୍ଥାପିତ ଥିଲେ। ସେହିଭଳି ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସଙ୍କୁ ମତ୍ସ୍ୟ ସଂପଦ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିଲା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶ ମଧୁସ୍ମିତା ସାହୁଙ୍କୁ ଏସ୍‌ସିଇଆରଟିର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳର ବନ୍ଦୋବସ୍ତ ଏବଂ ଚକବନ୍ଦୀ ଅତିରିକ୍ତ କମିସନର ଉପମା କାଲୋଙ୍କୁ ଉତ୍ତରାଞ୍ଚଳ ଆରଡିସି ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଲିଲି କୁମାରୀ କୁଲୁଙ୍କୁ ସରକାରୀ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ନିଯୁକ୍ତି ମିଳିଛି।

## ଖରା ଦିନେ ହେବନି ବିଦ୍ୟୁତ୍ କାଟ: ମନ୍ତ୍ରୀ

ଭୁବନେଶ୍ୱର,୧୨।୩: ଏପ୍ରିଲ ନ ଆସୁଣୁ ତାଉ ଦେଖାଇଲାଣି ତାତି । ସଠି ଖରାର ପ୍ରକୋପ । ଅସହ୍ୟ ଖରାକୁ ଦେଖି ସରକାର ବି ତତ୍ପରତା ପ୍ରକାଶ କଲେଣି । ରାଜ୍ୟ ସରକାରଙ୍କୁ ଘାରିଛି ଅଂଶୁଘାତ ମୁକାବିଲା ଚିନ୍ତା । ସେସବୁକୁ ଦୃଷ୍ଟିରେ ରଖି ସରକାର ନେଉଛି ବଡ଼ ବଡ଼ ନିଷ୍ପତ୍ତି । ସେଥିପାଇଁ ଖରାଦିନେ ହେବନି ବିଦ୍ୟୁତ କାଟ୍ । ଖାସ୍ କରି ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ। ୩୧ ପୌରାଞ୍ଚଳ ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ହିଟୱେଭ ଆକ୍ସନ ପ୍ଲାନ । ୧୦ ପୌରାଞ୍ଚଳ ହିଟୱେଭ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇସାରିଛି। ୩୦ ଜିଲ୍ଲା ଓ ଟ୍ୱିନସିଟି ପାଇଁ ପ୍ରସ୍ତୁତ ହୋଇଛି ହିଟୱେଭ ଆକ୍ସନ ପ୍ଲାନ ।

## ଦେବଗଡ଼ରେ ଟ୍ରିପଲ ମର୍ଡର

### ସ୍ତ୍ରୀ-ବୋହୂ ଓ ନାତୁଣୀକୁ ପିଟିପିଟି ମାରିଦେଲା ଅଭିଯୁକ୍ତ

ଦେବଗଡ଼,୧୨।୩: ଦେବଗଡ଼ରେ ଟ୍ରିପଲ ମର୍ଡର ଘଟିଛି। ପାରିବାରିକ କଳହ ଉଗ୍ର ରୂପ ନେଇଛି। ସ୍ତ୍ରୀ-ବୋହୂ ଓ ନାତୁଣୀକୁ ହତ୍ୟା କରାଯାଇଛି । ହାତୁଡ଼ିରେ ପିଟି ପିଟି ମାରିଦେଲା ଅଭିଯୁକ୍ତ। ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଗରିଆପାଲି ଗାଁରେ ପରିବାରର ତିନିଜଣଙ୍କୁ ମର୍ଡର କରାଯାଇଛି। ଗାଁର ରମେଶ ଗରିଆଙ୍କ ଦୁଇପୁଅ ପେଷାରେ ଡ୍ରାଇଭର ହୋଇଥିବା ବେଳେ ସେମାନେ ପ୍ରାୟତଃ ବାହାରେ ରହୁଥିଲେ। ବୁଧବାର ସନ୍ଧ୍ୟାରେ ଗାଁରେ ଠାକୁର ବିଜେ ଶୋଭାଯାତ୍ରା ସାରି ଅଭିଯୁକ୍ତ ରମେଶ ଘରକୁ ଫେରିବା ପରେ ଖାଇପିଇ ଘର ବାରଣ୍ଡାରେ ଶୋଇଥିଲା। ରାତିରେ ସେ ଉତକ୍ଷିପ୍ତ ହୋଇ ପତ୍ନୀ କୁହ୍ଲୁ, ବୋହୂ ଲିପି ଓ ଚାରିବର୍ଷର ନାତୁଣୀ ଗାୟତ୍ରୀକୁ ହାତୁଡ଼ିରେ ପିଟି ପଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ତେବେ ଝିଆରୀ ପାୟଲ ଝରକା ବାଟେ ଡେଇଁ ପଳାଇ ଯିବାରୁ ଆକ୍ରମଣରୁ ବର୍ତ୍ତି ଯାଇଥିଲା । ଅଭିଯୁକ୍ତ ରମେଶ ଗରିଆ ପରିବାରରେ ବିଭିନ୍ନ ସମୟରେ କଳି ଝଗଡ଼ା ଲାଗି ରହୁଥିଲା । ତେଣୁ ପାରିବାରିକ କଳହରୁ ଏହି ଲୋମହର୍ଷକ ଘଟଣା ଘଟିଥିବା କୁହାଯାଉଛି। ଅଭିଯୁକ୍ତର ଦୁଇ ପୁଅ ଧୀରେନ ଓ ଭୁବନ ଘଟଣାସ୍ଥଳରେ ପହଞ୍ଚିଥିବା ବେଳକୁ ସେମାନଙ୍କ ସୁନାର ସଂସାର ଛାରଖାର ହୋଇଯାଇଥିଲା । କୁଣ୍ଢେଇଗୋଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଦେବଗଡ଼ ଏସପି ଅନୀଲ କୁମାର ମିଶ୍ର, ଏସଡିପିଓ ରମେଶ କୁମାର ମହାନା ସରଜମିନ ଅନୁଧ୍ୟାନ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ହାତୁଡ଼ି ଜବତ କରିଛି । ହତ୍ୟାକାଣ୍ଡର ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ଧରାପଡ଼ିବା ପରେ ସମସ୍ତ କଥା ପଦାକୁ ଆସିବ । ଅନ୍ୟପଟେ ଟ୍ରିପଲ ମର୍ଡର ଘଟଣା ନେଇ ଗରିଆପାଲି ଗାଁରେ ଚାଞ୍ଚଲ୍ୟ ଖେଳିଯାଇଛି । ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ନମୁନା ସଂଗ୍ରହ କରିଛନ୍ତି ।

## ଫାଟିଲା ଗ୍ୟାସ୍ ଟାଙ୍କି: ଜଳିଲା ଦୋକାନ ବଜାର

ଅନୁଗୋଳ,୧୨।୩: ଚାହୁଁ ଚାହୁଁ ହୁତ ହୁତ ହୋଇ ବନ୍ତଲା ଛକରେ ଜଳିଗଲା ୧୦ଟି ଦୋକାନ । ପ୍ରଥମେ ଜଳଖିଆ ଦୋକାନରେ ଅଗ୍ନିକାଣ୍ଡ ହୋଇଥିଲା । ଗ୍ୟାସ୍ ସିଲିଣ୍ଡର ଫାଟିଥିଲା । ତା'ପରେ ନିଆଁ ବ୍ୟାପି ଯାଇଥିଲା ପାଖ ଦୋକାନକୁ । ପାଖକୁ ଲାଗି ରହିଥିଲା ଆଉ ଗୋଟିଏ ଜଳଖିଆ ଦୋକାନ । ତାପରେ ଗ୍ରୋସରୀ ଦୋକାନ, ଲୁଗା ଦୋକାନ, ଚା' ଦୋକାନ, ଷ୍ଟେସନାରୀ ଦୋକାନ ଏପରି ୧୦ଟି ଦୋକାନ ଜଳି ନିମିଷକ ମଧ୍ୟରେ ଜଳି ପାଉଁଶ ହୋଇଯାଇଛି । ଖବରପାଇ ବନ୍ତଳାରୁ ଗୋଟିଏ, ଅନୁଗୋଳରୁ ଦୁଇଟି ଦମକଳ ଆସି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲା । ପରେ ବଅଁରପାଳରୁ ଗୋଟିଏ ଗାଡି ଆସି ପହଞ୍ଚିଲା । ଦୀର୍ଘ ଘଣ୍ଟାଏ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଛି । ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଥିବା ବେଳେ ନିଆଁକୁ ଲିଭାଇବାକୁ ପାଣି ମୁଖ୍ୟ ସମସ୍ୟା ରହିଥିଲା। ତଥାପି ଲୋକଙ୍କ ସହାୟତା ଏବଂ ଦମକଳ ବାହିନୀର ସହାୟତାରେ ନିଆଁକୁ ଆୟତ୍ତ କରାଯାଇଛି ।

# ଭୁବନେଶ୍ୱର କୋର୍ଟକୁ ବୋମା ଧମକ

## ଇ-ମେଲ୍ ଆସିଲା ପରେ ଚାଲିଲା ଯାଞ୍ଚ, ଜଣାପଡିଲା ଫେକ୍



ଭୁବନେଶ୍ୱର,୧୨।୩: ଭୁବନେଶ୍ୱର କୋର୍ଟକୁ ପୁଣି ଥରେ ବୋମା ଧମକ ଆସିଛି। ବୋମା ଆତଙ୍କରେ ଆସିଥିବା ଲୋକେ ଛାନିଆ ହୋଇଛନ୍ତି । ଘଟଣାକୁ ଗୁରୁତର ସହ ନେବା ପରେ ପୋଲିସ, ଅଗ୍ନିଶମ ବାହିନୀ, ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ଏବଂ ସନ୍ଧାନୀ କୁକୁର ଦ୍ୱାରା ବିଭିନ୍ନ କୋଣ ଅନୁକୋଣରେ ଯାଞ୍ଚ ଚାଲିଛି । ସେପଟେ ବରିଷ୍ଠ ଆଇନଜୀବୀ କହିଛନ୍ତି ଯେ, ସବୁକିଛି ସାମାନ୍ୟ ଅଛି, ତଦନ୍ତ ଚାଲିଛି ଲୋକଙ୍କୁ ଆତଙ୍କିତ ନହେବାକୁ ଅପିଲ କରାଯାଇଛି । ଭୁବନେଶ୍ୱର ସ୍ଥିତ ଖୋର୍ଦ୍ଧା ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟକୁ ବୋମାରେ ଉଡାଇଦେବାକୁ ଇ-ମେଲ୍ ଯୋଗେ ମିଳିଛି ଧମକ । ଏହାକୁ ନେଇ କୋର୍ଟ ପରିସରରେ ଚାଞ୍ଚଲ୍ୟ ଖେଳିଯାଇଛି । ଏଭଳି ଧମକପୂର୍ଣ୍ଣ ମେଲ୍ ମିଳିବା ପରେ ଭୁବନେଶ୍ୱର କୋର୍ଟ କମ୍ପ୍ଲେକ୍ସ ଭିତରେ ଡଗ୍ ସ୍କ୍ୱାଡ୍ ଦ୍ୱାରା ତନ ତନ କରି ଯାଞ୍ଚ କରାଯାଇଥିଲା । ତେବେ ଯାଞ୍ଚ ପରେ ଏହା ଗୁଜବ ବୋଲି ଜଣାପଡିଛି । ତେବେ କୋର୍ଟକୁ ବୋମାରେ ଉଡ଼ାଇଦେବା ଖବର ମିଳିବା ପରେ ବଡ଼ଗଡ଼ ଥାନା ପୋଲିସ ଭୁବନେଶ୍ୱର କୋର୍ଟ କମ୍ପ୍ଲେକ୍ସରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲା । ଏହାସହ ଡଗ୍ ସ୍କ୍ୱାଡ୍ କୋର୍ଟ ପରିସରରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଗୁଡ଼ିକରେ ଯାଞ୍ଚ କରିଥିଲା । ଏଭଳି ଖବର ପ୍ରଚାରିତ ହେବା ପରେ କୋର୍ଟ ଭିତରେ ଭୟର ବାତାବରଣ ଖେଳିଯାଇଥିଲା । ଯାଞ୍ଚ ପରେ ଏହା ଗୁଜବ ବୋଲି ଜଣାପଡିଥିଲା । ତେବେ କିଏ ଓ କାହିଁକି ଏଭଳି ଇ-ମେଲ୍ ପଠାଇ ଆତଙ୍କ ସୃଷ୍ଟି କଲେ ତାକୁ ନେଇ ପୋଲିସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି । ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ମାସ ହେବ ରାଜ୍ୟର ବିଭିନ୍ନ କୋର୍ଟକୁ ଏଭଳି ଇ-ମେଲ୍ ଆସିବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ଲାଗି ରହୁଛି। ଗତ ୯ ତାରିଖରେ ପୁରୀ କୋର୍ଟକୁ ମଧ୍ୟ ଏଭଳି ଇ-ମେଲ୍ ଯୋଗେ ଧମକ ମିଳିଥିଲା । ଗତ ୬ ତାରିଖରେ ମଧ୍ୟ ସମାନ ଧମକ କୋର୍ଟକୁ ଆସିଥିଲା । ତେବେ ଇ-ମେଲର ଯାଞ୍ଚ ପରେ ତାହା ଗୁଜବ ବୋଲି ଜଣାପଡିଥିଲା । ଗତ ଜାନୁଆରୀ ୮ ତାରିଖରେ ହାଇକୋର୍ଟ ସମେତ ସମ୍ବଲପୁର, ଦେବଗଡ଼ ଜିଲ୍ଲା କୋର୍ଟକୁ ମଧ୍ୟ ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା । ଯାହାକୁ ନେଇ ସାରା ରାଜ୍ୟରେ ଆତଙ୍କ ଖେଳିଯାଇଥିଲା । ପରେ ତାହା ଫେକ୍ ମେଲ୍ ବୋଲି ଜଣାପଡିଥିଲା ।

CMYK

# ଗୌତମ ବୁଦ୍ଧ

**ଇତିହାସ ଅନୁସାରେ ବୁଦ୍ଧଙ୍କ ଜନ୍ମ ପୁରାତନ ଓଡ଼ିଶା ବା କଳିଙ୍ଗର ଭୁବନେଶ୍ୱର ନିକଟରେ ଥିବା କପିଳେଶ୍ୱର ଜନପଦରେ ହୋଇଥିଲା । ଅଶୋକଙ୍କ ଶିଳାଲେଖ, ଜଉଗଡ଼ର ଶିଳାଲେଖ ଓ ସେକାଳରେ ଓଡ଼ିଶାରେ ପ୍ରଚଳିତ ଭାଷା ପାଲି ଭାଷାର ବ୍ୟବହାର କରାଯାଇଥିବା ବୌଦ୍ଧ ଧର୍ମଗ୍ରନ୍ଥ ତ୍ରିପିଟକର ଭାଷାରୁ ଏକଥା ପ୍ରମାଣ ମିଳିଥାଏ । ତେବେ କିଛି ଗବେଷକଙ୍କ ମତରେ ବୁଦ୍ଧଙ୍କ ଜନ୍ମ ନେପାଳର କପିଳବାସ୍ତୁଠାରେ ହୋଇଥିଲା ।**





## ଜୀବନୀ:



ଗୌତମ ବୁଦ୍ଧ ବୌଦ୍ଧ ଧର୍ମର ପ୍ରତିଷ୍ଠା କରିଥିଲେ । ସେ ଖ୍ରୀ. ପୂ ୫୬୭ (ମତାନ୍ତର)ରେ ହିମାଳୟର ପାଦଦେଶରେ ଅବସ୍ଥିତ କପିଳବାସ୍ତୁ ନିକଟବର୍ତ୍ତୀ ଲୁମ୍ବିନୀ ଉପବନରେ ଜନ୍ମଗ୍ରହଣ କରିଥିଲେ । କପିଳାବାସ୍ତୁ ଶାକ୍ୟବଂଶୀୟ କ୍ଷତ୍ରିୟମାନଙ୍କର ଏକ କ୍ଷୁଦ୍ର ରାଜ୍ୟ ଥିଲା । ଗୌତମଙ୍କର ପିତା ଶୁଦ୍ଧୋଦନ ଏହି ଶାକ୍ୟ ଗଣତନ୍ତ୍ରର ରାଜା ଥିଲେ । ତାଙ୍କର ମାତାଙ୍କ ନାମ ଥିଲା ମାୟାଦେବୀ । ଜନ୍ମ ଲାଭ କରିବାର ଏକ ସପ୍ତାହ ପରେ ତାଙ୍କର ମାତା ମାୟାଦେବୀଙ୍କର ମୃତ୍ୟୁ ହେବାରୁ ବିମାତା ଗୌତମୀଙ୍କଦ୍ୱାରା ସେ ପରିପାଳିତ ହୋଇଥିଲେ । ରାଜପୁତ୍ର ହେଲେ ମଧ୍ୟ ରାଜକୀୟ ଭୋଗବିଳାସ ପ୍ରତି ତାଙ୍କର ମନ ଆଦୌ ଆକୃଷ୍ଟ ନଥିଲା । ସେ ସଂସାରବିରାଗୀ ଥିଲେ । ପୁତ୍ରର ମନ ପରିବର୍ତ୍ତନ ନିମନ୍ତେ ଶୁଦ୍ଧୋଦନ ଗୌତମଙ୍କୁ ଗୋପାନାମ୍ନୀ ଏକ ସୁନ୍ଦରୀ ରାଜକନ୍ୟାଙ୍କ ସହିତ ବିବାହ କରାଇଥିଲେ । ବିବାହ ପରେ ଗୌତମଙ୍କର ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା । ଏସବୁ ସତ୍ତ୍ୱେ ଗୌତମଙ୍କର ମନ ପରିବର୍ତ୍ତନ ହୋଇନଥିଲା ।

## କିମ୍ବଦନ୍ତୀ:

କପିଳାବାସ୍ତୁ ନଗର ପରିଭ୍ରମଣ କଲାବେଳେ ଗୌତମ ଏକ ଜରାଗ୍ରସ୍ତ, ଏକ ରୁଗ୍ଣ ବ୍ୟକ୍ତି ଏବଂ ଏକ ଶବ ଦେଖିବାରୁ ମନରେ ଗଭୀର ଦୁଃଖ ଅନୁଭବ କଲେ । ମନୁଷ୍ୟର ଜନ୍ମ, ବାର୍ଦ୍ଧକ୍ୟ, ରୋଗ, ଦୁଃଖ, କ୍ଳେଶ, ମୃତ୍ୟୁ ଇତ୍ୟାଦି ବିଷୟ ଚିନ୍ତାକରି ସେ ଦୁଃଖରେ ଅଭିଭୂତ ହୋଇପଡ଼ିଲେ । ସେ ଏସବୁଥିରୁ ମୁକ୍ତିଲାଭ କରିବାର ଉପାୟ ଚିନ୍ତା କରିବାକୁ ଲାଗିଲେ । ଏହି ସମୟରେ ଦିନେ ସେ ଏକ ପ୍ରସନ୍ନବଦନ ଜନୈକ ସନ୍ନ୍ୟାସୀଙ୍କୁ ଦେଖିଲେ । ସନ୍ନ୍ୟାସ ବରଣ କଲେ ଦୁଃଖରୁ ତ୍ରାହି ମିଳିବ ବୋଲି ସେ ୨୯ ବର୍ଷ ବୟସରେ ଦିନେ ନିଶାର୍ଦ୍ଧରେ ସାଂସାରିକ ମାୟାବନ୍ଧନ ଛିନ୍ନକରି ସମସ୍ତଙ୍କ ଅଗୋଚରରେ ରାଜପ୍ରସଦ ତ୍ୟାଗ କରିଥିଲେ ।

## ବୌଦ୍ଧଧର୍ମର ପ୍ରସାର:



ଗୌତମ ବୁଦ୍ଧଙ୍କ ପରିନିର୍ମାଣର ଅଳ୍ପ କାଳ ମଧ୍ୟରେ ବୌଦ୍ଧ ଧର୍ମ ସମଗ୍ର ଭାରତବର୍ଷରେ ପ୍ରସାରଲାଭ କରିଥିଲା । ବିଶେଷତଃ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ପୃଷ୍ଠପୋଷକତାରେ ବୌଦ୍ଧ ଧର୍ମ କେବଳ ଭାରତରେ ନୁହେଁ, ଭାରତ ବାହାରେ ଯଥା, ପଶ୍ଚିମରେ ଗ୍ରୀସ ଦେଶଠାରୁ ପୂର୍ବରେ ବ୍ରହ୍ମଦେଶ (ବର୍ତ୍ତମାନର ମିଆଁମାର) ଏବଂ ଦକ୍ଷିଣରେ ସିଂହଳ (ବର୍ତ୍ତମାନର ଶ୍ରୀଲଙ୍କା) ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ କୁଶାଣ ବଂଶର ଶ୍ରେଷ୍ଠ ସମ୍ରାଟ କନିଷ୍କଙ୍କ ପ୍ରେରଣାରେ ବୌଦ୍ଧଧର୍ମ ଚୀନ, ତିବ୍ବତ, ଜାପାନ ପ୍ରଭୃତି ଦେଶରେ ପ୍ରଚାରିତ ହୋଇଥିଲା । ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ କନୌଜର ରାଜା ହର୍ଷବର୍ଦ୍ଧନଙ୍କ ସାହାଯ୍ୟରେ ବୌଦ୍ଧଧର୍ମ ବିଶେଷ ଅଗ୍ରଗତି ଲାଭ କରିଥିଲା । ଏହିପରି ପୃଷ୍ଠପୋଷକତା ଲାଭକରି ବୌଦ୍ଧଧର୍ମ ପୃଥିବୀର ଏକ ମୂଖ୍ୟ ଧର୍ମରେ ପରିଣତ ହୋଇଥିଲା ।ପ୍ରାଚୀନ ରାଜା ମହାରାଜାମାନଙ୍କଦ୍ୱାରା ଅତି ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଅସଂଖ୍ୟ ବୌଦ୍ଧଗୁମ୍ଫା, ସ୍ତୂପ, ଚୈତ୍ୟ, ବୌଦ୍ଧବିହାର ଓ ବୌଦ୍ଧମୂର୍ତ୍ତି ଗୁଡ଼ିକ ଭାରତର ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଥିଲା, ଯାହା ବୌଦ୍ଧ ଧର୍ମର ପ୍ରଚାର ଏବଂ ପ୍ରସାର ଦିଗରେ ଯଥେଷ୍ଟ ସାହାଯ୍ୟ କରିଥିଲା । ସମ୍ରାଟ ଅଶୋକଙ୍କର ଅନୁଶାସନ ବୌଦ୍ଧଧର୍ମ ପ୍ରସାରର ଏକ ପ୍ରଧାନ କାରଣ ।

## ରାବଣର ଆକ୍ରମଣ



କୁବେର ଏବଂ ରାବଣ ଦୁଇଜଣ ଋଷି ବିଶ୍ରବାଙ୍କ ସନ୍ତାନ ଥିଲେ । ଋଷି ବିଶ୍ରବା ସୁନାର ରାଜ୍ୟ ଲଙ୍କାକୁ କୁବେରଙ୍କୁ ଦେଲେ କିନ୍ତୁ କୌଣସି କାରଣବଶତଃ କୁବେର ଲଙ୍କା ପରିତ୍ୟାଗ କରି ହିମାଚଳକୁ ଚାଲିଗଲେ । କୁବେର ଚାଲିଯିବା ପରେ ଦଶାନନ ବହୁତ ଖୁସିହେଲେ ଏବଂ ଲଙ୍କାର ରାଜା ହେଲେ । ରାଜ୍ୟ ପ୍ରାପ୍ତି କରିବା ପରେ ରାବଣ ଅହଂକାରୀ ହେବାସହ ସାଧୁସନ୍ଥଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲେ । ରାବଣର ଅତ୍ୟାଚାର ସଂପର୍କରେ ଜାଣିପାରି ଭାଇ କୁବେର ନିଜ ଭାଇକୁ ବୁଝାଇବା ପାଇଁ ଜଣେ ଦୂତକୁ ରାବଣ ନିକଟକୁ ପଠାଇଲେ । ମାତ୍ର ଦୂରାଚାରୀ ରାବଣ ଦୂତ କଥା ଶୁଣିବା ପରିବର୍ତ୍ତେ ତାକୁ ମାରିଦେଲା । କୁବେରଙ୍କ ପରାମର୍ଶ ଯୋଗୁଁ ରାବଣ ଏତେ କ୍ରୋଧିତ ହୋଇଥିଲା ଯେ, ଭାଇ କୁବେର ଉପରେ ମଧ୍ୟ ଆକ୍ରମଣ କରି କୁବେର ନଗରୀ ଏବଂ ତାଙ୍କ ପୁଷ୍ପକ ବିମାନକୁ ମଧ୍ୟ ନିଜ ଅଧୀନକୁ ଆଣିଲା । ତେବେ କୁବେରଙ୍କ ସେନାପତି କୌଣସି ପ୍ରକାରେ କୁବେରଙ୍କୁ ନନ୍ଦନବନରେ ପହଞ୍ଚାଇ ଦେଲେ । ସେଠାରେ ବୈଦ୍ୟରାଜ ତାଙ୍କର ଚିକିତ୍ସା କରିଥିଲେ । ଦଶାନନ କୁବେରୀ ନଗରୀ ଏବଂ ପୁଷ୍ପକ ବିମାନ ଉପରେ ନିଜର ଅଧିକାର ଜାହିର କଲା ଏବଂ କୁବେର ପୁରୀକୁ ଅଧିକାର କଲା ।

## IIIIIIII ସୂର୍ଯ୍ୟ କାହିଁକି ବିଭିନ୍ନ ରଙ୍ଗର ଦେଖା ଯାଆନ୍ତି IIIIIIII

ପୃଥିବୀ ବିଭିନ୍ନ ରହସ୍ୟରେ ଭରି ହୋଇଛି । ଯଦି କିଏ ଆପଣଙ୍କୁ ପଚାରେ ସୂର୍ଯ୍ୟଙ୍କ ରଙ୍ଗ କଣ ? ହଳଦିଆ ଓ କମଳା ରଙ୍ଗ ବୋଲି ଆମେ କହିଥାଉ । ପ୍ରକୃତରେ ସୂର୍ଯ୍ୟଙ୍କ ରଙ୍ଗ କିପରି ହୋଇଥାଏ ତାହା ଆଜି ଆମେ ଆପଣଙ୍କୁ ଜଣାଇବୁ । ଏହାସହ ସୂର୍ଯ୍ୟ କାହିଁକି ଭୂମିରୁ ଅଲଗା ରଙ୍ଗ ଦେଖାଯାଏ । ଏହା ପଛରେ କଣ କାରଣ ରହିଛି ? ଏମିତି ଅନେକ ପ୍ରଶ୍ନ ଆମ ମନକୁ ଆସିଥାଏ । ସୂର୍ଯ୍ୟଙ୍କ କିରଣ ଭିତରେ ଅନେକ ପ୍ରକାର କିରଣ ରହିଛି । ସୂର୍ଯ୍ୟଙ୍କ ଭିତରୁ ଅନେକ ଶକ୍ତି ଓ ବିଭିନ୍ନ ପ୍ରକାରର ତରଙ୍ଗ ରହିଥାଏ । ସୂର୍ଯ୍ୟ କିରଣ ଯୋଗୁଁ ଜୀବଜଗତ ତିଷ୍ଠି ରହିଛି । ସୂର୍ଯ୍ୟଙ୍କ ଠାରୁ ବାହାରୁଥିବା ତରଙ୍ଗ , ଯାହା ଆମ ଆଖିକୁ ଦେଖାଯାଏ ଏହାକୁ ପ୍ରକାଶିତ ତରଙ୍ଗ ବୋଲି କୁହାଯାଏ । ଏହାଛଡା ସୂର୍ଯ୍ୟଙ୍କ ଠାରୁ ଅତି ବାଇଗଣୀ ରଶ୍ମି ବାହାରିଥାଏ । ଏଥିରୁ ବି ଅନେକ ତରଙ୍ଗ ବାହାରିଥାଏ ଯାହାକୁ ଆମ ଆଖି ଦେଖିପାରେ ନାହିଁ । ସୂର୍ଯ୍ୟଙ୍କ ଠାରୁ ଆସୁଥିବା ରଶ୍ମିରେ ସବୁ ପ୍ରକାର ତରଙ୍ଗ ଏକା ସାଙ୍ଗରେ ଆସିଥାଏ । ଫଳରେ ସୂର୍ଯ୍ୟ ଧଳା ରଙ୍ଗ ଦେଖାଯାନ୍ତି । କିନ୍ତୁ ଯେବେ ଏହି କିରଣ ବାୟୁମଣ୍ଡଳରେ ପ୍ରବେଶ କରିଥାଏ ତେବେ ଆମ ଆଖି ପର୍ଯ୍ୟନ୍ତ ପହଞ୍ଚିବା ପୁର୍ବରୁ ଏଥିରେ କିଛି ପରିବର୍ତ୍ତନ ଦେଖାଯାଇଥାଏ । ଯାହା ଫଳରେ ଆମକୁ ସୂର୍ଯ୍ୟ ବହୁତ ଥର ଭିନ୍ନ ରଙ୍ଗର ଦେଖାଯାନ୍ତି । ବାୟୁମଣ୍ଡଳରେ ସୂର୍ଯ୍ୟଙ୍କ କିରଣ ଅନ୍ୟ ତରଙ୍ଗ ସହ ଧକ୍କା ହୋଇଥାଏ । ଫଳରେ ସୂର୍ଯ୍ୟଙ୍କ ଠାରୁ ଆସୁଥିବା କିରଣ ପୃଥିବୀରେ ବିଚ୍ଛୁରିତ ହୋଇ ପଡିଥାଏ । ଯାହାଦ୍ୱାରା ସୂର୍ଯ୍ୟଙ୍କ ରଙ୍ଗ ହଳଦିଆ ଦେଖାଯାଇଥାଏ । ଯେତେବେଳେ ଦିନ ସରିବାକୁ ଲାଗେ ସେହି ସେମୟରେ ସୂର୍ଯ୍ୟଙ୍କ କିରଣ ବାୟୁ ମଣ୍ଡଳରେ ପ୍ରବେଶ



କରିଥାଏ । ଏଥିପାଇ ବହୁତ ମାତ୍ରାରେ ପ୍ରକାଶିତ ତରଙ୍ଗ ଗୁଡିକ ବିତରଣ ହୋଇଥାଏ । ପରିଣାମରେ ସୂର୍ଯ୍ୟ ଧୀରେ ଧୀରେ ଲାଲ ଏବଂ ନାରଙ୍ଗୀ ଦେଖା ଯାଏ ।

## -ଶ୍ରୀଭେଙ୍କଟେଶ୍ୱର-

ତିରୁପତିର ମୁଖ୍ୟ ମନ୍ଦିର ହେଉଛି ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର (ତିରୁପତି ବାଲାଜୀ ନାମରେ ମଧ ଜଣାଶୁଣା) ଯାହା ତିରୁମାଲା ପାହାଡ଼ ଉପରେ ଅବସ୍ଥିତ, ଏହା ଭଗବାନ ବିଷ୍ଣୁଙ୍କୁ ସମର୍ପିତ, ଏବଂ ଏହାର ବିଶାଳ ଆଧାତ୍ମିକ ଗୁରୁତ୍ୱ ଏବଂ ଦ୍ରାବିଡ଼ ସ୍ଥାପତ୍ୟ ପାଇଁ ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କୁ ଆକର୍ଷିତ କରେ। ଏହି ଅଞ୍ଚଳର ଅନ୍ୟାନ୍ୟ ପ୍ରମୁଖ ମନ୍ଦିରଗୁଡ଼ିକ ମଧ୍ୟରେ ତିରୁଚାନୁରରେ ଶ୍ରୀ ପଦ୍ମାବତୀ ଅମ୍ମାବାରୀ ମନ୍ଦିର (ଭଗବାନ ଭେଙ୍କଟେଶ୍ୱରଙ୍କ ପତ୍ନୀ ପାଇଁ) ଏବଂ ତିରୁପତି ସହରରେ ଶ୍ରୀ ଗୋବିନ୍ଦରାଜସ୍ୱାମୀ ମନ୍ଦିର, ଯାହା ଭଗବାନ ବିଷ୍ଣୁଙ୍କ ଭାଇଙ୍କୁ ସମର୍ପିତ।

**ତିରୁମାଲା ଏବଂ ତିରୁମାଲାରେ ପ୍ରମୁଖ ମନ୍ଦିର:**

**ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର (ତିରୁମାଲା):** ସବୁଠାରୁ ପ୍ରସିଦ୍ଧ, ଭଗବାନ ଭେଙ୍କଟେଶ୍ୱର (ବାଲାଜୀ), ବିଷ୍ଣୁଙ୍କ ଏକ ରୂପ, ତିରୁମାଲା ପାହାଡ଼ ଉପରେ ଅବସ୍ଥିତ।

**ଶ୍ରୀ ପଦ୍ମାବତୀ ଅମ୍ମାବାରୀ ମନ୍ଦିର (ତିରୁଚାନୁର):** ତିରୁପତିଠାରୁ କିଛି କିଲୋମିଟର ଦୂରରେ ଅବସ୍ଥିତ ଭଗବାନ ଭେଙ୍କଟେଶ୍ୱରଙ୍କ ପତ୍ନୀ ଦେବୀ ପଦ୍ମାବତୀଙ୍କୁ ସମର୍ପିତ।

**ଶ୍ରୀଗୋବିନ୍ଦରାଜସ୍ୱାମୀ ମନ୍ଦିର(ତିରୁପତି ନଗର):** ଭଗବାନ ଭେଙ୍କଟେଶ୍ୱରଙ୍କ ଭାଇ ଗୋବିନ୍ଦରାଜଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ପ୍ରାଚୀନ ଏବଂ ବିଶାଳ ସଂକଳନ, ଯାହାର ମୂଳ ଦ୍ୱାଦଶ ଶତାବ୍ଦୀରୁ ଆରମ୍ଭ ହୋଇଛି।

**କପିଳେଶ୍ୱର ସ୍ୱାମୀ ମନ୍ଦିର (ତିରୁପତି):** ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ପବିତ୍ର ମନ୍ଦିର, ଯେଉଁଥିରେ ଏକ ବଡ଼ ନନ୍ଦୀ ପ୍ରତିମା ରହିଛି।

**ଇସ୍କନ୍ ତିରୁପତି:** ଭଗବାନ କୃଷ୍ଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ଆଧୁନିକ ମନ୍ଦିର, ଯାହା ଆନ୍ତର୍ଜାତୀୟ କୃଷ୍ଣ ଚେତନା ସମାଜର ଅଂଶ।



## ରକ୍ତହୀନତାକୁ
## ଦୂର କରିବ ସାରୁ



ସାରୁ ଖୁବ୍ ପୁଷ୍ଟିକର ପରିବା ଭିତରୁ ଅନ୍ୟତମ । ଏହାକୁ କନ୍ଦ ମଧ କୁହାଯାଏ । ଇଂରାଜୀରେ ସାରୁକୁ ଟାରୋ ରୁଟ୍ କୁହାଯାଏ । ଏହା ଅନେକ ପ୍ରକାରର ପୋଷକ ତତ୍ତ୍ୱରେ ଭରା । ସାରୁ ରକ୍ତ ଅଭାବକୁ ଦୂର କରିଥାଏ । ରକ୍ତହୀନତାର ପ୍ରମୁଖ କାରଣ ଶରୀରରେ ଆଇରନ୍‌ର ଅଭାବ । ଚାଲନ୍ତୁ ଜାଣିବା ସାରୁ କଣ ଆଇରନ୍ ଅଭାବକୁ ପୂରଣ କରିପାରିବ କି

**ଆଇରନ୍‌ର ମାତ୍ରା :** ବିଶେଷଜ୍ଞଙ୍କ ମତରେ ସାରୁରେ ଅନେକ ପ୍ରକାରର ଭିଟାମିନ୍ ଓ ମିନେରାଲ୍ ରହିଛି । ୧୦୦ ଗ୍ରାମ୍ ସାରୁରେ ୦.୫୫ ମି.ଲି.ଗ୍ରାମ୍ ଆଇରନ୍ ରହିଥାଏ, ଯାହା ନିୟମିତ ଆବଶ୍ୟକତାର ଏକ ସାମାନ୍ୟ ମାତ୍ରା । ଏହା ଅଧିକ ମାତ୍ରାର ଆଇରନ୍ ନ ଦେଲେ ମଧ ଅନ୍ୟାନ୍ୟ ଖାଦ୍ୟ ସହ ମିଶାଇ ଖାଇବା ଦ୍ୱାରା ଆଇରନ୍ ମାତ୍ରାକୁ ବଢାଇପାରିବେ । ସାରୁରେ ଅଳ୍ପ ମାତ୍ରାର ଆଇରନ୍ ଥିବା ସତ୍ତ୍ୱେ ମଧ ଏଥିରେ ପୋଷକ ତତ୍ତ୍ୱର ମାତ୍ରା କମ୍ ନଥାଏ । ଏଥିରେ ଭିଟାମିନ୍-ସି, ଭିଟାମିନ୍ ବି୬, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ ଫାଇବର ଭରପୂର ମାତ୍ରାର ରହିଥାଏ । ଭିଟାମିନ୍-ସି ଖାଇବା ଦ୍ୱାରା ଆଇରନ୍ ଅବଶୋଷଣ ଭଲ ହେବାରେ ସହଯୋଗ କରିଥାଏ । ସେଥିପାଇଁ ସାରୁକୁ ଅନ୍ୟ ଆଇରନ୍‌ଯୁକ୍ତ ଖାଦ୍ୟ ସହ ମିଶାଇ ଖାଇବା ଦ୍ୱାରା ଅଧିକ ଲାଭ ମିଳିଥାଏ । ତେଣୁ ରକ୍ତହୀନତା ରହିଥିଲେ, ସାରୁକୁ ଆଇରନ୍‌ଯୁକ୍ତ ଖାଦ୍ୟ ସହ ମିଶାଇ ଖାଇପାରିବେ ।





# ମର୍ଯ୍ୟାଦା ପୁରୁଷୋତ୍ତମ



*ଅଯୋଧ୍ୟାରେ ରାଜା ଦଶରଥ ଏବଂ ରାଣୀ କୌଶଲ୍ୟାଙ୍କ ଔରସରେ ଜନ୍ମଗ୍ରହଣ କରି, ସେ ନିର୍ବାସନର ସମ୍ମୁଖୀନ ହେଲେ, ତାଙ୍କ ସ୍ତ୍ରୀ ସୀତାଙ୍କୁ ରାକ୍ଷସ ରାଜା ରାବଣଙ୍କଠାରୁ ଉଦ୍ଧାର କଲେ ଏବଂ ଏକ ନ୍ୟାୟପୂର୍ଣ୍ଣ ଶାସନ ପ୍ରତିଷ୍ଠା କଲେ, ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଥିଲା ।*

**ଶ୍ରୀରାମ (କିମ୍ବା ରାମ) ହିନ୍ଦୁ ଧର୍ମରେ ଏକ ପ୍ରମୁଖ ଦେବତା, ଯିଏ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର (ଅବତାର) ଭାବରେ ପୂଜିତ, ଧାର୍ମିକତା (ଧର୍ମ), ଆଦର୍ଶ ଗୁଣ ଏବଂ କର୍ତ୍ତବ୍ୟର ପ୍ରତୀକ, ତାଙ୍କ ଜୀବନ କାହାଣୀ ମହାକାବ୍ୟ ରାମାୟଣର କେନ୍ଦ୍ରବିନ୍ଦୁ। ତାଙ୍କୁ ଆଦର୍ଶ ପୁରୁଷ, ପୁତ୍ର, ସ୍ୱାମୀ ଏବଂ ରାଜା ଭାବରେ ଜଣାଶୁଣା, ଯାହାଙ୍କ ଜୀବନ ସତ୍ୟ ଏବଂ ନିଃସ୍ୱାର୍ଥପର ସେବା ଶିକ୍ଷା ଦିଏ, ତାଙ୍କ ରାଜତ୍ୱକୁ ୟୁଟୋପିଆନ୍ 'ରାମ ରାଜ୍ୟ' ଭାବରେ ଜଣାଶୁଣା। ଅଯୋଧ୍ୟାରେ ରାଜା ଦଶରଥ ଏବଂ ରାଣୀ କୌଶଲ୍ୟାଙ୍କ ଔରସରେ ଜନ୍ମଗ୍ରହଣ କରି, ସେ ନିର୍ବାସନର ସମ୍ମୁଖୀନ ହେଲେ, ତାଙ୍କ ସ୍ତ୍ରୀ ସୀତାଙ୍କୁ ରାକ୍ଷସ ରାଜା ରାବଣଙ୍କଠାରୁ ଉଦ୍ଧାର କଲେ ଏବଂ ଏକ ନ୍ୟାୟପୂର୍ଣ୍ଣ ଶାସନ ପ୍ରତିଷ୍ଠା କଲେ, ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଥିଲା।**



**ଦିବ୍ୟ ଅବତାର:** ତାଙ୍କୁ ହିନ୍ଦୁ ତ୍ରିମୂର୍ତ୍ତିରେ ସଂରକ୍ଷଣକାରୀ ବିଷ୍ଣୁଙ୍କ ସପ୍ତମ ଅବତାର ଭାବରେ ପୂଜା କରାଯାଏ, ଯିଏ ଦୁଷ୍ଟତା ପ୍ରବଣ ହେଲେ ଧାର୍ମିକତା ପୁନଃସ୍ଥାପନ କରିବାକୁ ଦେଖାଯାଆନ୍ତି।

**ଧର୍ମର ଅବତାର:** ତାଙ୍କ ଜୀବନ ସତ୍ୟ, କର୍ତ୍ତବ୍ୟ ଏବଂ ନୈତିକ ଆଚରଣର ଉଦାହରଣ ଦେଇଥାଏ, ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ (ଆଦର୍ଶ ପୁରୁଷ) କରିଥାଏ।

**ରାମାୟଣର କେନ୍ଦ୍ରୀୟ ବ୍ୟକ୍ତିତ୍ୱ:** ବାଲ୍ମୀକିଙ୍କ ରାମାୟଣରେ ବର୍ଣ୍ଣିତ ତାଙ୍କ କାହାଣୀ, ତାଙ୍କ ଜନ୍ମ, ନିର୍ବାସନ, ସୀତାର ଅପହରଣ, ରାବଣ ସହିତ ଯୁଦ୍ଧ ଏବଂ ଶେଷରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ବିଷୟରେ ବର୍ଣ୍ଣନା କରିଥାଏ।

**ଆଦର୍ଶବାଦର ପ୍ରତୀକ:** ସେ ଆଦର୍ଶ ରାଜତ୍ୱ (ରାମ ରାଜ୍ୟ), ରାଜତ୍ୱ, ପୁତ୍ରତ୍ୱ ଏବଂ ପତିତ୍ୱ ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରନ୍ତି।

**ବ୍ୟାପକ ଉପାସନା:** ସେ ଭାରତ ଏବଂ ଦକ୍ଷିଣ ପୂର୍ବ ଏସିଆରେ ଜଣେ ପ୍ରିୟ ଦେବତା, ତାଙ୍କ ଜନ୍ମ ରାମ ନବମୀ ପର୍ବ ସମୟରେ ପାଳନ କରାଯାଏ।

## ଚଳିତ ଖରିଫ ଋତୁରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ କ୍ରୟ

ରାୟଗଡା,(ନିପ୍ର): ଚଳିତ ଖରିଫ ଋତୁର ୨୦୨୫-୨୬ ପ୍ରକାରେ ରାୟଗଡା ଜିଲ୍ଲାରେ କିଣା ଯାଇଥିବା ଧାନକୁ ଚାଲୁ କରି ଚାଉଳ ଯୋଗାଣ ଅନୁମତି ଦିଆନଯାଇ ଓଲଟା ଗଞ୍ଜାମ ଜିଲ୍ଲାରୁ ରାୟଗଡ଼କୁ ଚାଉଳ ଅଣାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଜିଲ୍ଲା ମିଲର ସଂଘ ସହଜରେ ମାନିନେଇ ପାରୁନାହାନ୍ତି । ଏହି ପ୍ରସ୍ତାବ ଉପରେ ଆଉଥରେ ଆଲୋଚନା କରି ରାୟଗଡ ଜିଲ୍ଲା ମିଲରଙ୍କ ନିକଟରେ ସରକାରଙ୍କ ଗଛିତ ଥିବା ଧାନକୁ ଚାଉଳ କରି ନେବା ନିମନ୍ତେ ରାୟଗଡା ଜିଲ୍ଲା ରାଇସ ମିଲରସ ଆସୋ ସିଏସନ କର୍ମକର୍ତ୍ତାମାନେ ଜିଲ୍ଲାପାଳ ଆତୁତୋଷ କୁଲକାର୍ଣ୍ଣିଙ୍କୁ ସାକ୍ଷାତ କରି ନିବେଦନ କରିଛନ୍ତି । ହସ୍ତଗତ ହୋଇଥିବା ସୂଚନା ପ୍ରକାରେ ପିଡ଼ିଏସ ଓ ମଧ୍ୟାନଭୋଜନ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା ଅନୁଯାୟୀ ରାୟଗଡା ଜିଲ୍ଲାର ପ୍ରତିବର୍ଷ ପ୍ରାୟ ୬ଲକ୍ଷ କୁଇଣ୍ଟାଲ ଚାଉଳ ଆବଶ୍ୟକତା ରହିଛି ।

ଚଳିତ ଖରିଫ ଋତୁରେ ଜିଲ୍ଲାରେ ପ୍ରାୟ ୧୦ ଲକ୍ଷ ୯୩ ହଜାର ୩୪୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ଏଥିରୁ ପାଖାପାଖି ୬ ଲକ୍ଷ ୩୨ ହଜାର ୫୩୮ କୁଇଣ୍ଟାଲ ଚାଉଳ ଉତ୍ପାଦନ ହୋଇପାରିବ । ବର୍ତ୍ତମାନ ଆସନ୍ତା ଏପ୍ରିଲ ପାଇଁ ଚାଉଳ ବଣ୍ଟନ ଆଲଟମେଣ୍ଟ ଜାରୀ ହୋଇଛି ଏବଂ ଚାଉଳ ଉଠାଣ ଓ ବଣ୍ଟନ ପ୍ରକ୍ରିୟା ଚାଲୁ ରହିଛି ।

ଅନ୍ୟଦିଗରେ ଖରିଫ ଋତୁରେ ୨୦୨୫-୨୬ରେ ଧାନ କ୍ରୟ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ହେଲେ କିନ୍ତୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ କ୍ରୟ କରାଯାଇଥିବା ଧାନକୁ ଚାଉଳ କରି ଉତ୍ପାଦିତ ଚାଉଳକୁ ଯୋଗାଣ କରିବାକୁ ଅନୁମତି ପ୍ରାପ୍ତ ହୋଇପାରୁନି । ଏଥର ଜିଲ୍ଲାରେ ପ୍ରଚୁର ପରିମାଣରେ ଧାନ କିଣାଯାଇଛି ୧୭ତମ



ପ୍ରଦେଶ ପ୍ଲାନ କମିଟି ଯୋଜନା ଅନୁସାରେ ରାୟଗଡା ଜିଲ୍ଲାକୁ ଏପର୍ଯ୍ୟନ୍ତ ନିଅଣ୍ଟିଆ ଜିଲ୍ଲା ଭାବେ ଦେଖାଯାଇଛି । ଏଥିପାଇଁ ଗଞ୍ଜାମ ଜିଲ୍ଲାରୁ ପ୍ରାୟ ୮୮ହଜାର ୮୫୦ କୁଇଣ୍ଟାଲ ଚାଉଳ ଆଣିବା ପ୍ରସ୍ତାବ ରହିଛି । ଏଥି ସହିତ ସରକାରଙ୍କ ଚିଠି ନମ୍ବର ୭୬୧୫ /୧୧.୨.୨୦୨୬ ପ୍ରକାରେ ରାସନ କାର୍ଡ ମାଧ୍ୟମରେ ପ୍ରତିମାସ ଅତିରିକ୍ତ ଚାଉଳ ୪ ମାସ ପାଇଁ (ଡ଼ିସେମ୍ବର ୨୦୨୫ ରୁ ମାର୍ଚ୍ଚ ୨୦୨୬)ଦିଆଯାଇଛି । ଯାହାର ପ୍ରତିମାସ ପ୍ରାୟ ୮୮. ୮୫୦ କୁଇଣ୍ଟାଲ ହେବ । ରାୟଗଡା ଜିଲ୍ଲାର କଷ୍ଟମ ମିଲ୍ଲର ମାନେ ସମ୍ପୂର୍ଣ୍ଣ ଭାବେ ଚାଉଳ ଯୋଗାଇବାକୁ ସକ୍ଷମ ଓ ପ୍ରସ୍ତୁତ ଅଛନ୍ତି ବୋଲି ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ଚଳିତ ଖରିଫ ଋତୁରେ ଚାଷୀଙ୍କ ଠାରୁ କିଣା ଯାଇଥିବା ଧାନକୁ ଚାଲୁ କରି ଚାଉଳ ଉତ୍ପାଦନ କରି ଯୋଗାଣ କରିପାରିବେ । ଖରିଫ ଋତୁରେ କ୍ରୟ କରାଯାଇଥିବା ଧାନକୁ ପ୍ରାୟ ୭, ୩୫, ୫୩୮ କୁଇଣ୍ଟାଲ ଚାଉଳ ଉତ୍ପାଦନ ହେବ । ଯାହାକି ଜିଲ୍ଲାର ୬ ଲକ୍ଷ କୁଇଣ୍ଟାଲ ବାର୍ଷିକ ଆବଶ୍ୟକତାକୁ ସହଜରେ ପୂରଣ କରିପାରିବ । ଯଦି ଅନ୍ୟ ଜିଲ୍ଲାରୁ ଚାଉଳ ଆଣିଲେ ରାୟଗଡା ଜିଲ୍ଲାରେ କ୍ରୟ ଧାନକୁ ଚାଲୁ କରିବାରେ ବିଳମ୍ବ ହେଲେ ବର୍ଷା ପାଣି ପାଗ

ସ୍ଥିତିରେ ଧାନର ଗୁଣାତ୍ମକ ମାନ କ୍ଷତିଗ୍ରସ୍ତ ଆଶଙ୍କା ଉଠିଥିବା ନେଇ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣିଙ୍କୁ ମିଲ୍ଲର ସଂଘ ପକ୍ଷରୁ ଅବଗତ କରାଯାଇଛି । ଯଦି ଉପଲବ୍ଧ ଗୋଦାମ ସ୍ଥାନକୁ ଅନ୍ୟ ଜିଲ୍ଲାରୁ ଆସୁଥିବା ଚାଉଳ ପାଇଁ ବ୍ୟବହାର କରାଯାଏ ସ୍ଥାନୀୟ ଭାବେ ଉତ୍ପାଦିତ ଖରିଫ ଋତୁର ଯୋଗାଣରେ ବିଳମ୍ବ ହେବାର ସମ୍ଭାବନା ରହିଛି । ରାୟଗଡା ଜିଲ୍ଲାର ବିଭିନ୍ନ ଗୋଦାମରେ ପ୍ରାୟ ୧ଲକ୍ଷ ୭୨ ହଜାର ୮୧୭ କୁଇଣ୍ଟାଲ ଚାଉଳ ମହଜୁଦ ଅଛି । ଏହି ପରିସ୍ଥିରୀରେ ଗଞ୍ଜାମ ଜିଲାରୁ ରାୟଗଡ଼କୁ ପ୍ରାୟ ୮୮ହଜାର ୮୫୦ କୁଇଣ୍ଟାଲ ଚାଉଳ ଆଣିବା କୌଣସି ଦରକାର ହିଁ ନାହିଁ । ଉକ୍ତ ପ୍ରସ୍ତାବକୁ ପୁନଃ ବିଚାର କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି । ଏହା ଉପରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି ଜିଲ୍ଲାପାଳ ଶ୍ରୀ କୁଲକାର୍ଣ୍ଣି ରାୟଗଡା ଜିଲ୍ଲା ମିଲର୍ସ ଆସୋସିଏସନ ଙ୍କୁ କହିଥିବା ଜଣା ପଡିଛି ।

## ଭୀମଭୋଇ ସାମର୍ଥ୍ୟ ଶିବିର

କାଶୀନଗର,(ନିପ୍ର): ଗଜପତି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସାଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଖାରଡ଼ା ଗ୍ରାମ ପଞ୍ଚାୟତ ପରିସର ମଧ୍ୟରେ ଭୀମଭୋଇ ସାମର୍ଥ୍ୟ ଶିବିରର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷା ବାଲା ସାଇମ୍ମାଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା । ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗର ଶାନ୍ତନୁ ପାଢ଼ୀ, ଚକ୍ଷୁ ବିଶେଷଜ୍ଞ, କର୍ଣ୍ଣ,ନାସା ଓ ଗଳା ବିଭାଗ ତଥା ମସ୍ତିଷ୍କ ବିକୃତ ରୋଗ ବିଶେଷଜ୍ଞ ଚିକିତ୍ସକମାନେ ରହି ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷଣ କରି ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ



କରାଯାଇଥିଲା । ଭିନ୍ନକ୍ଷମମାନଙ୍କୁ ବସ୍‌ପାସ, ଋଣ ଯୋଗାଣ, ଶିକ୍ଷିତ ଭିନ୍ନକ୍ଷମଙ୍କୁ ତାଲିମ ପାଇଁ ପରାମର୍ଶ ଦିଆ ଯାଇଥିଲା । ଶିବିରରେ ୧୩୫ ଜଣ ହିତାଧିକାରୀ ଯୋଗ ଦେଇଥିଲେ । ହିତାଧିକାରୀ ମାନଙ୍କୁ ଟ୍ରାଇ ସାଇକେଲ, ଶ୍ରାବଣ ଯନ୍ତ୍ର, ଚକ୍ଷୁ ସହାୟକ ବାଡ଼ି, ଆଶା ବାଡ଼ି ବ୍ଲକ ଅଧକ୍ଷା ବାଲା ସାଇମ୍ମା,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବୁରୁ ଧର ମଲ୍ଲିକ ଓ ସରପଞ୍ଚ ଅଖିଳ କୁମାର ପାତ୍ରଙ୍କ ଉପସ୍ଥିତିରେ ବଣ୍ଟନ କରାଯାଇଥିଲା ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଆସିକା,(ନିପ୍ର): ଆସିକା ପୌରପରିଷଦ ଅଧୀନ ୱାର୍ଡ ନମ୍ବର ୧୪ ନିରଞ୍ଜନ ନଗର ଛକ ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନିରଞ୍ଜନ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ଉକ୍ତ ସ୍ଥଳରେ ଥିବା କୂଅକୁ ପୋତିଦିଆ ଯାଇଥିବା ଯୋଗୁଁ ଅଞ୍ଚଳବାସୀ, ବୁଦ୍ଧିଜୀବୀ, ସଚେତନ ନାଗରିକ ମହଲରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି । ଏଥିସହ ପ୍ରତିମୂର୍ତ୍ତି ସ୍ଥାପନ ସହ ଉକ୍ତ କୂଅର ପୁନଃରୁଦ୍ଧାର ସକାଶେ ଆସିକା ଅଞ୍ଚଳବାସୀ ତଥା ବହୁ ସଂଗଠନ ପକ୍ଷରୁ ଦାବି ହେଉଛି । ପ୍ରକାଶ ଥାଉକି ଆସିକା ହେଉଛି ଏକ ଇଂରେଜ ସମୟର ସର୍ବପୁରାତନ ସହର ସ୍ୱାଧୀନତା ସଂଗ୍ରାମ ପାଇଁ ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ ଭାବେ ଆସିକା ବେଶ ସୁନାମ ଅର୍ଜନ କରିଥିଲା । ଦେଶର ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଆ ଭାଷାକୁ ଭିତ୍ତି କରି ଓଡିଶା ପ୍ରଦେଶ ଗଠନ ପାଇଁ ଯେଉଁ ଆନ୍ଦୋଳନ ହେଉଥିଲା ସେଥି ମଧ୍ୟରୁ ନିରଞ୍ଜନ ପଟ୍ଟନାୟକ ଜଣେ ଗାନ୍ଧିବାଦୀ ସ୍ୱାଧୀନତା ସଂଗ୍ରାମୀ ରୂପେ ବେଶ୍ ପରିଚିତ । ସ୍ୱର୍ଗତ ନିରଞ୍ଜନ ପଟ୍ଟନାୟକଙ୍କ ସ୍ମୃତିରେ ଏହି ୱାର୍ଡଟିକୁ ନାମିତ କରାଯାଇଛି । ହେଲେ ପରିତାପର ବିଷୟ ନିରଂଜନ ଙ୍କ ଘରର ଉତ୍ତର ଦିଗରେ ରହିଥିବା ଐତିହାସିକ ପଥର କୂଅଟି କାଳକ୍ରମେ ଜରାଜୀର୍ଣ୍ଣ ହୋଇ ଶେଷରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇଛି । ତାଙ୍କର ଏହି ଐତିହାସିକ ବାସସ୍ଥଳୀ ଓ କୂଅଟିକୁ ପୁନଃରୁଦ୍ଧାର କରିବା ସହ ଐତିହାସିକ ସ୍ମାରକୀ ସ୍ଥଳୀ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁ ବାର ଦାବି ହେଲେ ମଧ୍ୟ ପ୍ରଶାସନିକ ବୈମାତୃକ ମନୋଭାବ ଯୋଗୁଁ ଏହା ବର୍ତ୍ତମାନ ଏକ ଅଳିଆ ଆବର୍ଜନା ସ୍ଥଳୀ ହୋଇଯାଇଛି । ତେଣୁ ତୁରନ୍ତ ଏହି ସ୍ଥଳକୁ ଏକ ଐତିହାସିକ ସ୍ଥଳୀ ରୂପେ ପରିଚୟ ଦେବା ସହ ନିରଞ୍ଜନ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନା ସହ ଉକ୍ତ କୂଅଟିର ପୁନଃରଉଦ୍ଧାର କରିବା ପାଇଁ ଆସିକା ବରିଷ୍ଠ ନାଗରିକ ସଙ୍ଘ ଆସିକା ଓକିଲ ସଙ୍ଘ, ଆସିକା ଆସିକା କ୍ରୀଡା ସଙ୍ଘ, ଆସିକା ଲୟନ୍ସ କ୍ଲବ, ଆସିକା ୱାଇସ ମ୍ୟାନ କ୍ଲବ ପ୍ରମୁଖ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ ଓ କୂଅର ପୁନଃରୁଦ୍ଧାର ନ କରାଯାଏ ତେବେ ଆନ୍ଦୋଳନ କରିବ ପାଇଁ ଦାବି ହେଉଛି ।

## ସାହିତ୍ୟ ସିନ୍ଦୁରା ପାଳିଲା ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ

ବାଲୁଗାଁ,(ନି. ପ୍ର): ବାଣପୁର ଚିଲିକା ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ସାହିତ୍ୟ ସିନ୍ଦୁରା ପକ୍ଷରୁ ୧୩ଶ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ବାଣପୁର ବିଧାରପୁର ସ୍ଥିତ ଶୁଭ କଲ୍ୟାଣ ମଣ୍ଡପ ପରିସରରେ ବହୁ ସାରସ୍ୱତ ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କ ସମାବେଶରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଅଧିବେଶନକୁ ଆନୁଷ୍ଠାନିକ ଭାବେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ମା ଭଗବତୀ ଓ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ପ୍ରଦାନ ଓ ପ୍ରଦ୍ୱୀପ ପ୍ରଜ୍ୱଳନ ସମ୍ପନ୍ନ କରାଯିବା ପରେ ବିଶିଷ୍ଟ କବି ପ୍ରାକ୍ତନ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁଙ୍କ ଅଧକ୍ଷତାରେ ଏବଂ ପ୍ରତିଷ୍ଠିତ କବି ତଥା ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ ଏବଂ ଗୀତିକାର ଦିଗମ୍ବର ବିଶ୍ୱାଳଙ୍କ ମିଳିତ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ପୁରୁଷୋତ୍ତମ ମହାପାତ୍ର, ଭିକାରୀ ଚରଣ ପ୍ରଧାନ,ରଙ୍କନାଥ ସେଠି, ସନ୍ଧ୍ୟା ଦେବୀ, ଶଶୀଭୂଷଣ ବରାଳ, ପ୍ରହଲ୍ଲାଦ ବେହେରା, ସୁଶାନ୍ତ କୁମାର ଦାଶ,ବିମଳା ସିଂ, ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।

## ସେନାରେ ନିୟମିତ କ୍ୟାଡ଼ର ନିଯୁକ୍ତି ପାଇଁ ପଞ୍ଜୀକରଣ ଆରମ୍ଭ

କଟକ, (ନିପ୍ର): ଭାରତୀୟ ସେନାରେ ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡ଼ରରେ ନିଯୁକ୍ତି ପାଇଁ ୨୦୨୬-୨୭ ନିଯୁକ୍ତି ବର୍ଷ ନିମନ୍ତେ ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ । ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ଓ ସେନା ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଆଶାୟୀମାନେ ଭାରତୀୟ ସେନାର ଅଫିସିଆଲ ୱେବସାଇଟ ମାଧ୍ୟମରେ ପଞ୍ଜୀକରଣ କରିପାରିବେ ।

## ‘ମା’ ମାଟି ଓ ମାତୃଭାଷା’ ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,: ସମାଜ ପରି ଭାଷା ମଧ୍ୟ ଚିରାଚରିତ ଭାବରେ ଆମର ସଂସ୍କୃତି ସହ ଜଡ଼ିତ ହୋଇ ରହିଅଛି । ପ୍ରତ୍ୟେକ ଭାଷାର ସ୍ତରକୁ ବିଭିନ୍ନ ସୂଚକ ମାଧ୍ୟମରେ ଆମ୍ଭେମାନେ ଦର୍ଶାଇଥାଉ । ସମାଜ ଭାଷାବିଜ୍ଞାନର ସଂଜ୍ଞାରେ ଭାଷା ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ ଗୋଷ୍ଠୀର ଭାଷିକ ସମାହାର, ଅନ୍ୟ ଭାବରେ, ଭାଷା ଅନେକ ଉପଭାଷାର ଏକ ଗୁଚ୍ଛ ଭାବେ ଏ ଜନମାନସରେ ପ୍ରତିପାଦିତ ହୋଇପାରିଅଛି ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଝୁମୁକା ଫାଉଣ୍ଡେସନ ଟ୍ରଷ୍ଟଙ୍କ ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଆମନ୍ତ୍ରିତ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ମତପ୍ରକାଶ ପାଇଥିଲା ।

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ଆଲୋଚ୍ୟ ବିଷୟ ମା’ ମାଟି ଓ ମାତୃଭାଷାକୁ ନେଇ ବିଶିଷ୍ଟ ସାହିତ୍ୟିକ ଡକ୍ଟର ନରେନ୍ଦ୍ର ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସାରସ୍ୱତ ସଭାରେ ଶିକ୍ଷାବିତ୍ ଓ ପ୍ରାବନ୍ଧିକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଯୋଗଦାନ କରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଶ୍ରୀବୃଦ୍ଧି ଓ ବିକାଶସାଧନ, ଓଡ଼ିଆ ସାହିତ୍ୟରେ ଉଚ୍ଚ ମୂଲ୍ୟବୋଧର ପ୍ରତିଷ୍ଠା ତଥା ଶ୍ରେଷ୍ଠମାନର ପ୍ରବର୍ତ୍ତନ ଇତ୍ୟାଦି କ୍ଷେତ୍ରରେ ଭାଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

ସମ୍ମାନନୀୟ ଅତିଥି ଭାବେ ଚିରଶ୍ରୀ ଇନ୍ଦ୍ରସିଂ ଯୋଗଦାନ କରି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ଆଜିର ଏହି ଦିବସରେ ଯେଉଁ ଭାଷାକୁ ମର୍ଯ୍ୟାଦାସଂପନ୍ନ, ମାନକ ତଥା ଶୁଦ୍ଧ ଭାବେ ବ୍ୟବହାର କରି ନିଜର ଦକ୍ଷତା ପ୍ରତିପାଦନ କରିବାରେ ମାର୍ଗ ଦେଖାଇ ପାରିଛି, ତାହା ଆମ ଭାଷା ପ୍ରତି ଏକଦା ଗୌରବତା ଆଣିପାରିଛି ବୋଲି ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପ୍ରତିଷ୍ଠା ଦିବସ

ଭଦ୍ରକ,(ନିପ୍ର): ଜିଲ୍ଲାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ର ୪୫ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇ ପତାକା ଉତ୍ତୋଳନ କରାଯାଇଛି, ଭଦ୍ରକରେ,ବନ୍ତଛକ, ବାସୁଦେବପୁର, ଚାନ୍ଦବାଲି, ଆଗର ପଡା ରେ ମଧ୍ୟ ପାଳନ କରାଯାଇଛି,୧୯୮୧ ମସିହାରେ ମହିଳା ସମିତି ପ୍ରତିଷ୍ଠା କରାଯାଇଥିଲା, ଏହାର ମୁଖ୍ୟ ଉଦେଶ୍ୟ ଗଣତନ୍ତ୍ର, ସମାନତା, ନାରୀ ମୁକ୍ତି ଅଟେ । ଏହି ସଙ୍ଗଠନରେ ଯେ କୌଣସି ମହିଳା, ଯେଉଁ ଜାତି, ଧର୍ମ ବର୍ଣ୍ଣ ନର୍ବିଶେଷରେ ସଭ୍ୟ ହୋଇ ପାରିବେ,ଆଜି ସାରା ଭାରତ ବର୍ଷରେ ୨୬ଟି ରାଜ୍ୟରେ ମହିଳା ସମିତି ମହିଳାଙ୍କ ଅଧିକାର ପାଇଁ ଲଢ଼େଇ କରୁଛି । ୧କୋଟିରୁ ଅଧିକ ମହିଳା ଏହି ସାଙ୍ଗଠନରେ କାମ କରୁଛନ୍ତି । ଦେଶରେ ଅଧିକାଂଶ ମହିଳା ସହର ଓ ଗ୍ରାମୀଣ କ୍ଷେତ୍ରରେ କାମ କରୁଛନ୍ତି । ଯେ ପର୍ଯ୍ୟନ୍ତ ମହିଳାଟିଏ ସମାନ ଅଧିକାର,ସାମାଜିକ, ରାଜନୈତିକ, ଆର୍ଥିକ କ୍ଷେତ୍ରରେ ନ ମିଳିଛି ଏବଂ ମହିଳାଟି ବ୍ୟକ୍ତି ହିସାବରେ ଏ ସମାଜରେ ଗ୍ରହଣ ନ କରିଛି । ସେ ପର୍ଯ୍ୟନ୍ତ ଏ ଲଢ଼େଇ ଜାରି ରହିଥିବା ବୋଲି ଅଖିଳ ଭାରତ ଗଣ ତାନ୍ତ୍ରିକ ମହିଳା ସମିତିର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ମତବ୍ୟକ୍ତ କରିଛନ୍ତି ।

## ଜିନ୍ଦଲ ଷ୍ଟିଲ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ
## ସୁଦୃଢ଼ ଓ ସୁରକ୍ଷିତ କର୍ମସଂସ୍କୃତିକୁ ସର୍ବାଧିକ ଗୁରୁତ୍ୱ




ଅନୁଗୁଳ(ନିପ୍ର): ଜିନ୍ଦଲ ଷ୍ଟିଲ ପକ୍ଷରୁ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ବେଶ ଉତ୍ସାହର ସହ ପାଳିତ ହୋଇଯାଇଛି । “ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ, କର୍ମଚାରୀଙ୍କୁ ଯୋଡ଼ନ୍ତୁ, ପ୍ରଶିକ୍ଷିତ କରାନ୍ତୁ ଓ ସଶକ୍ତ କରନ୍ତୁ’ ଏହାରି ଆଧାରରେ ଚଳିତ ବର୍ଷର ସୁରକ୍ଷା ସପ୍ତାହ ପାଳିତ ହୋଇଥିବା ବେଳେ ଜିନ୍ଦଲ ଷ୍ଟିଲରେ କିପରି ସୁରକ୍ଷିତ କର୍ମକ୍ଷେତ୍ର ଓ କର୍ମ ସଂସ୍କୃତି କିପରି ବଜାୟ ରହିବ ତା’ ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା । ଜିନ୍ଦଲ ନଗରର ଇଡେନ୍ ଗାର୍ଡେନ୍ସରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଅନୁଗୁଳ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ଡକ୍ଟର ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ସେ ତାଙ୍କ ଅଭିଭାଷଣରେ ଜିନ୍ଦଲ ଷ୍ଟିଲର ସୁରକ୍ଷିତ କର୍ମସଂସ୍କୃତିକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ପି.କେ. ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଏମଏସ୍ ଓ ମିଲ୍ସ) ହୃଦୟେଶ୍ୱର ଝା, ଏଭିପି – ମୁଖ୍ୟ ସୁରକ୍ଷା ଏବଂ ଇଏମଡି; ଜିତେନ୍ଦ୍ର ପରିଡା ଏବଂ ଯୋଗ ଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ସେହିପରି ପ୍ଲାଣ୍ଟର ସମସ୍ତ ବିଭାଗ ମୁଖ୍ୟ, କର୍ମଚାରୀ ଏବଂ ବ୍ୟାବସାୟିକ ସହଯୋଗୀ ଉତ୍ସାହର ସହିତ ଯୋଗ ଦେଇଥିଲେ । ଏହି ଅବସରରେ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶ ଶ୍ରୀ ପିକେ ବିଜୁ ନାୟାର କହିଥିଲେ, ଜିନ୍ଦଲ ଷ୍ଟିଲ ପାଖରେ ବିଶ୍ୱସ୍ତରୀୟ ଉପକରଣ ଓ ସମ୍ବଳ ରହିଛି । ତେଣୁ ସମସ୍ତଙ୍କୁ କାର୍ଯ୍ୟ ମାଧ୍ୟମରେ ନିଜର ପ୍ରତିବଦ୍ଧତା ପ୍ରମାଣିତ କରିବାକୁ ପଡ଼ିବ । ସୁରକ୍ଷା କ୍ଷେତ୍ରରେ କୌଣସି ପରିସ୍ଥିତିରେ ସାଲିସ କରାଯିବା ଉଚିତ ନୁହେଁ ଏବଂ ଆମେ ଏକ ସୁରକ୍ଷିତ କାର୍ଯ୍ୟକ୍ଷେତ୍ର ପ୍ରତିଷ୍ଠା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଉଚିତ । ସୁରକ୍ଷା ଅଭ୍ୟାସ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପଥପ୍ରାନ୍ତ ନାଟକ, ସୁରକ୍ଷା ରଥ ପରିକ୍ରମା, ସୁରକ୍ଷା ଆଲୋଚନା, ସୁରକ୍ଷା ସଚେତନତା ଷ୍ଟଲ୍ ସ୍ଥାପନ ସହ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ମାଣିତରା ପଞ୍ଚାୟତରେ କିଶୋରୀ ମେଳା

ବୁଗୁଡା,(ନିପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ମାଣିତରା ପଞ୍ଚାୟତ ସ୍ତରୀୟ କିଶୋରୀ ମେଳା ୨୦୨୫-୨୬ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବୁଗୁଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ବୁଗୁଡା ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓ ମାଣିତରା ସୁପ୍ରଭାଇଜର ଗୀତାଞ୍ଜଳି ବଡମୁଣ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ । ଏହି ପଞ୍ଚାୟତସ୍ତରୀୟ କିଶୋରୀ ମେଳାରେ ମାଣିତରା ପଞ୍ଚାୟତର ସରପଞ୍ଚ ପ୍ରକାଶ ଚନ୍ଦ୍ର ବେହେରା, ସମିତିସଭ୍ୟ ଜୟଦେବ ପ୍ରଧାନ, ମହିଳା ସ୍ୱାସ୍ଥ୍ୟ କର୍ମୀ ପ୍ରତିମା ସ୍ୱାଇଁ, ଶିକ୍ଷକ ଖଦାଳ ରାଉତ, ଚନ୍ଦନ କୁମାର ରାଉତ ଅତିଥିଭାବେ ଯୋଗଦେଇଥିଲେ । ପଞ୍ଚାୟତର ବହୁ କିଶୋରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଷ୍ଠିତ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ । ତିନୋଟି ବିଭାଗରେ ପ୍ରତିଯୋଗିତା ହୋଇ କୃତିତ୍ୱ ହାସଲ କରିଥିବା ତିନି ଜଣ କିଶୋରୀଙ୍କୁ ପୁରସ୍କୃତ କରାଯାଇଥିଲା । ମାଣିତରା ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସହଯୋଗ କରିଥିଲେ । ଶେଷରେ ଅଙ୍ଗନୱାଡି କର୍ମୀ ଆରତୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅଙ୍ଗନବାଡି କେନ୍ଦ୍ରକୁ ହସ୍ତାନ୍ତର

ରାୟଗଡ଼ା,(ନିପ୍ର): ରାୟଗଡା ଜିଲ୍ଲା ଅନ୍ତର୍ଗତ କଲ୍ୟାଣସିଂହପୁର ବ୍ଲକ ସ୍ଥିତ ସିଙ୍ଗାରି ପଂଚାୟତର ଅଙ୍ଗନୱାଡି କେନ୍ଦ୍ରଟି ଦୁଇ ବର୍ଷ ଧରି ହସ୍ତାନ୍ତର ହୋଇ ପାରୁନଥିଲା, କିନ୍ତୁ ଏ ବିଷୟରେ ସାମ୍ବାଦିକମାନେ ଖୋଳତାଡ଼ ଆରମ୍ଭ କରିବା ଜାଣି ଆଙ୍ଗନବାଡି କେନ୍ଦ୍ରଟିକୁ ଗୋଟିଏ ଦିନ ମଧ୍ୟରେ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ଏହି ନାରିଂତଳା ଅଙ୍ଗନୱାଡି କେନ୍ଦ୍ର ଉପରେ ନିୟମଗିରି ପାହାଡ଼ରେ ଥିବା ତେନ୍ତୁଳିପଦର, ଏବଂ ନାରିଂତୋଳାର ଶିଶୁଙ୍କ ସମେତ ଗର୍ବବତୀ ମହିଳା ଓ କିଶୋରୀମାନେ ନିର୍ଭର କରୁଥିବା ବେଳେ ଉକ୍ତ କେନ୍ଦ୍ରଟି ହସ୍ତାନ୍ତର କରାଯାଉନଥିବାରୁ କେତେବେଳେ କାହା କାହା ପିଣ୍ଡାରେ ଖୋଲା ଯାଉଥିବା ଆଉ କେତେବେଳେ ଗଛମୂଳେ ଆରମ୍ଭ କରାଯାଇ ପାଠପଢା ଯାଉଥିଲା । ଏ ବିଷୟରେ ଜିଲ୍ଲାପାଳ ଅବଗତ ହେବାପରେ ନିର୍ଦ୍ଦେଶ ଦେବାବେଳେ ଅଙ୍ଗନୱାଡି କେନ୍ଦ୍ରଟି ହାସ୍ତାନ୍ତର କରିଥିବା ଜଣାଯାଇଛି । ଏହି ଘଟଣା ପରେ ତେନ୍ତୁଳିପଦର ଓ ନାରିଂତଳା ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି । ଏ ବିଷୟ ଜଣାପଡିବା ପରେ ରାୟଗଡା ଜିଲ୍ଲାପାଳଙ୍କୁ ଧନ୍ୟବାଦ ଦେବା ସହିତ ବିଭାଗୀୟ ଅବହେଳା କିମ୍ବା ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା ବୋଲି ମତ ପ୍ରକାଶ ପାଇଛି । କାରଣ ଅଙ୍ଗନବାଡି କେନ୍ଦ୍ରଟି ବନ୍ଦ ପଡିଥିବାରୁ ପିଲାମାନେ ଅନେକ ହଇରାଣ ହୋଇଥିଲେ, ଗ୍ରାମବାସୀ ମଧ୍ୟ ବିବ୍ରତ ଆଉ ଦୁଃଖିତ ଥିଲେ ।

## ଯୁବ ରେଡକ୍ରସର ବୃକ୍ଷରୋପଣ ଅଭିଯାନ

ଗୋଲାମୁଣ୍ଡା,(ନିପ୍ର): କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଗୋଲାମୁଣ୍ଡାସ୍ଥିତ ସର୍ବମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ବିଭାଗ ଆନୁକୂଲ୍ୟରେ ଅଧକ୍ଷ ସରୋଜକାନ୍ତ ରଥଙ୍କ ଉପସ୍ଥିତି ଓ ଯୁବ ରେଡକ୍ରସ୍ ପରାମର୍ଶଦାତା ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ାଙ୍କ ସାକାର ଉଦ୍ୟମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ମେଗା ବୃକ୍ଷରୋପଣ ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ଥିଲେ । ଯୁବ ରେଡ଼କ୍ରସ, ଓଡ଼ିଶା ରାଜ୍ୟ ଶାଖାର ସହାୟତାରେ ବୃହତ୍ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, ସୁସ୍ଥ ପରିବେଶ ସହିତ ସ୍ୱପ୍ନ ସଜଡ଼ା ଜୀବନକୁ ସବୁଜ-ସୁନ୍ଦର କରୁଥିବା ଅନ୍ୟୁନ ଏକଶତ ଉପାଦେୟ ବୃକ୍ଷ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ



ଛାତ୍ରଛାତ୍ରୀମାନେ ଚଳିତ ୨୦୨୫-୨୬ ବର୍ଷର ବର୍ଷା ଋତୁରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରୋପଣ କରିଥିଲେ । ସେଗୁଡ଼ିକର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ପାଇଁ ପଦକ୍ଷେପ ସ୍ୱରୂପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ୍ ବିଭାଗ ତରଫରୁ ଲୁହା ତାରଜାଲି ବାଡ଼ ଦିଆଯିବା ସହିତ ନବନିର୍ମିତ ପାଣିଟାଙ୍କିରୁ ପାଇପ୍ ମାଧ୍ୟମରେ ସବୁ ବୃକ୍ଷମୂଳକୁ ବୁନ୍ଦା ଜଳସେଚନର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ବୃକ୍ଷରେ ବୃକ୍ଷରୋପଣ ସମ୍ପର୍କିତ ବିଭିନ୍ନ ଜନସଚେତନ ମୂଳକ ସ୍ଲୋଗାନ ଓ ବାର୍ତ୍ତା ଦିଆଯାଇଛି । ଏଥି ସହିତ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ପାଣି ପାଇଁ ଡହଳବିକଳ ହୋଇ କଥା କହିପାରୁ ନଥିବା ନିରୀହ ପଶୁ-ପକ୍ଷୀଙ୍କ ଲାଗି ସିମେଣ୍ଟରେ ପ୍ରସ୍ତୁତ ପାଣିଭର୍ତ୍ତି ପାତ୍ରମାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୁବ୍ୟବସ୍ଥିତ କରାଯାଇଛି । ଶତାଧିକ ବୃକ୍ଷରୋପଣ ସହିତ ଉପଯୁକ୍ତ ଯତ୍ନ ଓ ସୁରକ୍ଷା ଦେଇ ସେଗୁଡିକୁ ବଞ୍ଚାଇ ସବୁଜ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉଦଘାଟନୀ କାର୍ଯ୍ୟକ୍ରମରେ ଅଧକ୍ଷ ମତ ବ୍ୟକ୍ତ କରିଥିଲେଫ

## ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ୧୦୦ ଦିନ ପୁରିଲା

ନିମାପଡ଼ା, (ନି.ପ୍ର.): ଆନ୍ତର୍ଜାତୀୟ ମହିଳା ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ରୁଚିକା ସମାଜ ମଙ୍ଗଳ ସଂଗଠନ ପକ୍ଷରୁ ଆରମ୍ଭ କରାଯାଇଥିବା ୧୦୦ ଦିନିଆ ଶୋଭାଯାତ୍ରା ଉଦ୍‌ଯାପିତ ହୋଇଛି । ଗତ ନଭେମ୍ବର ୨୭ ତାରିଖରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ନିମାପଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମ ବୁଲି ସଚେତନତା ସୃଷ୍ଟି କରିଥିଲେ । ତମ୍ପାଲୋ ଗ୍ରାମ ପଞ୍ଚାୟତରେ ବାଲ୍ୟ ବିବାହ ବିରୋଧକୁ ନେଇ ଗ୍ରାମରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବାଳିକା, ଅଙ୍ଗନୱାଡ଼ି କର୍ମୀ, ସରପଚଂ ସସ୍ମିତା ଖଟୋଇ, ସମିତି ସଭ୍ୟା ସୁମିତ୍ରା ସ୍ୱାଇଁ, ୱାର୍ଡ଼ ସଭ୍ୟା ସୁଚିତ୍ରା ସ୍ୱାଇଁ, ଗ୍ରାମ ସଭାପତି ଲିଙ୍ଗରାଜ ପଣ୍ଡା, ପୂର୍ବତନ ସରପଂଚ ରଚିଦାନନ୍ଦ ଖଟୋଇ, ପୂଜକ ପ୍ରିୟରଂଜନ ପାଢ଼ୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ ।

## ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା

ନିମାପଡ଼ା,(ନି.ପ୍ର.): ଗୋଷ୍ଠୀ ସେବା ଶିବିର ମାଧ୍ୟମରେ ଜନସାଧାରଣଙ୍କ ସେବା, ସଚେତନତା ଏବଂ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ସହିତ ସଂଧ୍ୟାରେ କ୍ୟାମ୍ପ ଫାୟାର ମାଧ୍ୟମରେ ତ୍ରିଦିବସୀୟ କାର୍ଯ୍ୟକ୍ରମ ଡ଼ିଏଭି ସ୍କୁଲ ପରିସରରେ ୧୧ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ଚନ୍ଦ୍ରଶେଖରପୁର ଡ଼ିଏଭି ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର ବେସାମରିକ ପ୍ରତିରକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିମାପଡ଼ା ଡ଼ିଏଭି ସ୍କୁଲ ପରିସରରେ କମ୍ୟୁନିଟି ସର୍ଭିସ୍ କ୍ୟାମ୍ପ (ସାମୁହିକ ସେବା ଶିବିର) ମାଧ୍ୟମରେ ଅନେକ ଜନହିତକର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜୟଶ୍ରୀ ଛକରେ ସଡ଼କ ସୁରକ୍ଷା, ଟ୍ରାଫିକ୍ ସଚେତନତା, ପାଟପୁର ଚନ୍ଦନ ପୋଖରୀ ଠାରେ ଡ଼େଙ୍ଗୁ, ମ୍ୟାଲେରିଆ ନିରାକରଣ ଉଦ୍ଦେଶ୍ୟରେ ଗୀତିନାଟ୍ୟ ପରିବେଷଣ ସହିତ ସଚେତନତା ସୃଷ୍ଟି କରାଯାଇଥିଲା । ବିଷ୍ଣୁପୁର ଗ୍ରାମସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଫେଇ ସହ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇ ଅନେକ ଅନୁଭୂତି ଗ୍ରହଣ କରି ଛାତ୍ରଛାତ୍ରୀମାନେ ସନ୍ତୋଷ ପ୍ରକଟ କରିଥିଲେ । ସାମାଜିକ ଅନୁଷ୍ଠାନ ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ଦ୍ୱାରା ପରିଚାଳିତ ଭିନ୍ନକ୍ଷମ କେନ୍ଦ୍ରକୁ ଛାତ୍ରଛାତ୍ରୀମାନେ ଯାଇ ଭିନ୍ନକ୍ଷମ ଛାତ୍ରଛାତ୍ରୀ, ବ୍ୟକ୍ତି ବିଶେଷଙ୍କୁ ସାକ୍ଷାତ କରି ଭାବ ବିନିମୟ ଆଦାନ ପ୍ରଦାନ କରିଥିଲେ ।

# ଘରୋଇ ଗ୍ୟାସ ସିଲିଣ୍ଡର ବୁକିଂ ପାଇଁ ଯନ୍ତ୍ରଣା
## ସଜଡ଼ା ହେଲାଣି ଷ୍ଟୋଭ, ଖୋଜା ପଡ଼ିଲାଣି କିରୋସିନ



କଟକ, (ନିପ୍ର): ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଦେଖାଦେଇଛି ଗ୍ୟାସ ସଂକଟ । ହାଣ୍ଡିଶାଳରେ ପଡ଼ିଲାଣି ଭାଳେଣି । କେମିତି ଜଳିବ ଘରେ ଚୂଲି । ଘରୋଇ ଗ୍ୟାସ ସିଲିଣ୍ଡର ଯୋଗାଣରେ ବି ବାଧା । ସେପଟେ ସରକାର କହୁଛନ୍ତି କୌଣସି ପ୍ରଭାବ ପଡ଼ିବନି ବୋଲି ବ୍ୟବସାୟିକ ଗ୍ୟାସ ବନ୍ଦ କରିଦିଆଗଲା । ସାଧାରଣ ଖାଉଟିଙ୍କୁ ନିରବିଚ୍ଛିନ୍ନ ଗ୍ୟାସ ଯୋଗାଣ କରାଯିବ । କାହାରି କୌଣସି ସମସ୍ୟା ହେବନି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି । କିନ୍ତୁ ଏବେ ଘରୋଇ ଗ୍ୟାସ ସିଲିଣ୍ଡର ମିଳିବା ଠାରୁ ଏହାର ବୁକିଂ ଯନ୍ତ୍ରଣା ଅଧିକ କଷ୍ଟ ଦେଲାଣି । ନମ୍ବରକୁ ଦିନ ଦିନ ଧରି କଲ କଲେ ମଧ୍ୟ ବୁକିଂ ହୋଇପାରୁନି । ଅପର ପକ୍ଷରେ ଜିଲ୍ଲା ଯୋଗାଣ ମୁଖ୍ୟ ଅଧିକାରୀ କେ ଚନ୍ଦ୍ର ଶେଖର ପାତ୍ର କହିଛନ୍ତି, ଗ୍ୟାସ ଏଜେନ୍ସି ଗୁଡ଼ିକରେ ସେଭଳି କୌଣସି ସମସ୍ୟା ନାହିଁ । କେବଳ ଭୟଭୀତ ହୋଇ ଲୋକେ ଗ୍ୟାସ ବୁକିଂ ପାଇଁ ଉଦ୍ୟମ କରୁଥିବାରୁ ଏଭଳି ସମସ୍ୟା ଉପୁଜିଛି । ଲୋକେ ଧୈର୍ଯ୍ୟ ଧରି ଗ୍ୟାସ ବୁକିଂ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଯଦିଓ ଜିଲ୍ଲା ଯୋଗାଣ ବିଭାଗ ଏଭଳି କହୁଛି, କିନ୍ତୁ ସାଧାରଣ ଲୋକେ ବୁକିଂକୁ ନେଇ ସାମ୍ନା କରୁଥିବା ସମସ୍ୟା ଜଟିଳ ହେଉଥିବା ପରିଲକ୍ଷିତ ହେଉଛି । ତେବେ ଏହାରି ଭିତରେ ଲୋଡ଼ା ପଡ଼ିଛି ଘରେ ଥିବା ଅଲୋଡ଼ା ଜିନିଷ । ଅର୍ଥାତ ଦିନ ଦିନ ଧରି ଚାହିଦା ନଥିବା ଜିନିଷ ଏବେ ଖୋଜା ପଡ଼ିଛି । ଅର୍ଥାତ ପୁରୁଣା ଦିନରେ ଚାଲୁଥିବା ଘରର ଆସବାବ ଜରୁରୀ ହୋଇପଡ଼ିଛି । ଲୋକେ ଦୀର୍ଘବର୍ଷ ଧରି ମୁହଁ ମାଡ଼ି ପଡ଼ିଥିବା ତଥା କଳଙ୍କି ଲାଗିଯାଇଥିବା ଷ୍ଟୋଭକୁ ପୁଣି ସଜାଡ଼ିବା ଆରମ୍ଭ କଲେଣି । ସଂପୂର୍ଣ୍ଣ ଭାବେ ଅଲୋଡ଼ା ପଡ଼ିଥିବା କିରୋସିନର ପୁଣି ଚାହିଦା ବଢ଼ିଲାଣି । ଲୋକଙ୍କ ଚାହିଦାକୁ ଦେଖି ଯଦି ଆବଶ୍ୟକ ପଡ଼େ, କିରୋସିନ ପୁଣି ମଗାଯିବ ବୋଲି ଯୋଗାଣ ଅଧିକାରୀ କହିଛନ୍ତି । ସଂପ୍ରତି କଟକରେ ସମସ୍ତ ଗ୍ୟାସ ଗୋଦାମରେ ଯୋରଦାର ଯାଂଚ କରାଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । କଳାବଜାର ଓ ଗ୍ୟାସ ଗଚ୍ଛିତ ଅଭିଯୋଗ ଆସିଲେ ଚଢ଼ାଉ ହେବ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି । ଗ୍ୟାସରେ ଶବ ଦାହ ନକରି କାଠ ଏବଂ ବିଦ୍ୟୁତରେ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

CMYK



ତିଥି : (ଦଶମୀ) : (ପୂର୍ବାଷାଢା ଧନୁ)
ଅମୃତବେଳା: ଦିବା ଘ.୭ ।୩୭ ମଧ୍ୟେ ଘ୮ ।୨୫ ଗତେ

## ଆଜିର ଅନୁଚିନ୍ତନ

ଯେପରି ନଦୀଗୁଡ଼ିକର ଅନେକ ଜଳସ୍ରୋତ ସ୍ୱାଭାବିକ ଭାବେ ସମୁଦ୍ର ଅଭିମୁଖେ ଧାବମାନ ହୁଅନ୍ତି, ସେହିପରି ପୃଥିବୀର ମହାନ୍ ଶୂରବୀରମାନେ ଆପଣଙ୍କର ଦେଦୀପ୍ୟମାନ ମୁଖରେ ପ୍ରବେଶ କରୁଛନ୍ତି।

।। - ଶ୍ରୀମଦ୍ ଭଗବଦ୍ ଗୀତା

# ସୁଧୁରିବା ଆଶା ବଢୁଛି

ମଧ୍ୟପ୍ରାଚ୍ୟରେ ସଂଘର୍ଷ ଜାରି ରହିବା ମଧ୍ୟରେ ଆମ ଦେଶର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ନିକଟରେ ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ ଆରାକଚିଙ୍କ ସହ ପଶ୍ଚିମ ଏସିଆରେ ଉତ୍ପନ୍ନ ସଙ୍କଟ ଉପରେ କଥା ହୋଇଛନ୍ତି । ମହାଯୁଦ୍ଧରେ ଇରାନ ଗୋଟିଏ ପକ୍ଷରେ ଅନ୍ୟ ପକ୍ଷରେ ଆମେରିକା ସହ ଇସ୍ରାଏଲ। ହର୍ମୁଜ ପ୍ରଣାଳୀର ଅବରୋଧ ସ୍ଥିତି ଜାରି ରହିବାରୁ ବିଶ୍ୱବ୍ୟାପୀ ଶକ୍ତି ଏବଂ ଅଶୋଧିତ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇସାରିଛି । ଉଲ୍ଲେଖ କରାଯାଇପାରେ ଯେ ଇରାନର ନୂତନ ସର୍ବୋଚ୍ଚ ନେତା ଭାବରେ ମୋଜତାବା ଖାମେନିଙ୍କ ନିର୍ବାଚିତ ହେବା ଘୋଷଣା ପରେ ଏହା ଦୁଇ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ପ୍ରଥମ ଟେଲିଫୋନ୍ ବାର୍ତ୍ତାଳାପ ଥିଲା । ଯାହା ମନେ କରାଯାଉଛି ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରୀଙ୍କ ସହ କଥାବାର୍ତ୍ତା କାଳରେ ହରମୁଜ ସାମୁଦ୍ରିକ ପଥରେ ଅଟକି ରହିଥିବା ଭାରତୀୟ ତୈଳବାହୀ ଜାହାଜ ଓ ସେଗୁଡ଼ିକର କର୍ମଚାରୀଙ୍କ ଉଦ୍ଧାର ସାଙ୍ଗକୁ ତୈଳ ପରିବହନ ବାବଦରେ ନିଶ୍ଚୟ ଗୁରୁତ୍ୱ ଦେଇଥିବେ।

ବିଶ୍ୱର ତୈଳ କ୍ଷେତ୍ରରେ ବର୍ତ୍ତମାନ ଅନିଶ୍ଚିତତା ଯେପରି ଉପୁଜିଛି ତାହା ଆଲୋଚ୍ୟ ଆଲୋଚନା ମାଧ୍ୟମରେ ଭାରତ ପାଇଁ ବାଟ ଫିଟାଇପାରେ , ଏପରି ଅନୁମାନ କରାଯାଉଛି। ଭାରତ ପାଇଁ ଉପୁଜିଥିବା ସଂକଟ ଦୁର୍ବଳତାକୁ ପଦାରେ ପକାଇଛି ବୋଲି କେତେକ ମହଲରେ ହେଉଥିବା ଆଲୋଚନା ଗୋଟିଏ ପଟେ ମାତ୍ର ଅପରପକ୍ଷେ ଭିନ୍ନତା ବା ବାସ୍ତବତା ସଂପର୍କରେ କିଛି ଜାଣିବା ଦରକାର। ସରକାରୀ ଭାବରେ ଯାହା କୁହାଯାଇଛି ତାହାର ସାରମର୍ମ ହେଉଛି ଜରୁରୀକାଳୀନ ସ୍ଥିତିର ସମ୍ମୁଖୀନ ହେବା ପାଇଁ ଭାରତର ଏକ ବିଶାଳ ତୈଳ ଭଣ୍ଡାର ଅଛି ଓ ବିଭିନ୍ନ ଉତ୍ସରୁ ଭାରତକୁ ତୈଳ ଯୋଗାଣ ହେଉଛି ।ଭାରତରେ ଯେତିକି ଅଶୋଧିତ ତୈଳ ଓ ବିଶୋଧିତ ପେଟ୍ରୋଲିୟମ ଉତ୍ପାଦ ବର୍ତ୍ତମାନ ଗଚ୍ଛିତ ତାହା ୭ରୁ ୮ ସପ୍ତାହ ପାଇଁ ଦେଶର ତୈଳ ଚାହିଦାକୁ ପୂରଣ କରିପାରିବ। ପୁଣି ଏହି ଭଣ୍ଡାର ଗୁଡ଼ିକ ଗୋଟିଏ ସ୍ଥାନ ବଦଳରେ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୂପରେ ରହିଛି। ଦେଶର ତିନିଟି ରଣନୈତିକ ତୈଳ ଭଣ୍ଡାର ମାଙ୍ଗାଲୋର, ବିଶାଖାପାଟଣା ଓ ପଦୁରଠାରେ ରହିଛି। ଦେଶରେ ବିପୁଳ ପରିମାଣରେ ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ, ଏଲପିଜି ଓ ଏଲଏନଜି ସଂରକ୍ଷିତ ରହିଛି, ଯାହାକି ଯେକୌଣସି ପ୍ରକାରର ସ୍ୱଳ୍ପମିଆଦୀ ଅସ୍ଥିରତାର ମୁକାବିଲା କରିପାରିବ। ଏହା ସହିତ ବିଭିନ୍ନ ଅନ୍ତର୍ଜାତୀୟ ଯୋଗାଣକାରୀଙ୍କଠାରୁ ଭାରତ ତୈଳ ଆମଦାନି କରିଚାଲିଛି। ଏଣୁ ଭାରତରେ ମାତ୍ର ୨୫ ଦିନର ଇନ୍ଧନ ଥିବା ନେଇ ହେଉଥିବା ଦାବି ଅମୂଳକ। ଏପରିକି ଯଦି ହର୍ମୁଜ୍ ପ୍ରଣାଳୀ ସଂପୂର୍ଣ୍ଣ ବନ୍ଦ ହୋଇଯାଏ, ତେବେବି ଭାରତ ଉପରେ ତାହାର ଆଂଶିକ ପ୍ରଭାବ ପଡ଼ିବ।

ଭାରତକୁ ରୁଷିଆ, ଆମେରିକା, ପଶ୍ଚିମ ଆଫ୍ରିକା, କେନ୍ଦ୍ର ଏସିଆ ଓ ଅଣ-ଉପସାଗରୀୟ ମଧ୍ୟପୂର୍ବ ଦେଶରୁ ତୈଳ ଯୋଗାଣ ହେଉଛି। ଏଣୁ ଗୋଟିଏ ହର୍ମୁଜ ପ୍ରଣାଳୀ ପ୍ରଭାବିତ ହେଲେ ବି ଅନ୍ୟ ପଥଗୁଡିକ ଚାଲୁ ରହିଛି। ପୁଣି ଭାରତର ତୈଳ ବିଶୋଧନାଗାରଗୁଡ଼ିକ ବିଶ୍ୱର ବିଭିନ୍ନ ଉତ୍ସରୁ ଆସୁଥିବା ଭିନ୍ନ ଭିନ୍ନ ଗ୍ରେଡ୍‌ର ଅଶୋଧିତ ତୈଳ ବିଶୋଧନ କରିବାକୁ ସକ୍ଷମ। ଏଣୁ ଭାରତ ଗୋଟିଏ ତୈଳ ଉତ୍ସ ବା ପଥ ଉପରେ ନିର୍ଭର କରେ ନାହିଁ ।ଭାରତର ତୈଳ କ୍ରୟ ପଛରେ ଥିବା ଏକମାତ୍ର ନୀତି ହେଉଛି ଜାତୀୟ ସ୍ୱାର୍ଥ। ତେଣୁ ତୈଳ ନେଇ ଦେଶବାସୀ ବିଭ୍ରାନ୍ତିକର ତଥ୍ୟକୁ ବିଶ୍ୱାସ କରିବା ଅନୁଚିତ।

# ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ। ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ। ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ, ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ। ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି। ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି। ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗୁରୁକୂଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ। ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା। ଗୁରୁକୂଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍‌ଗୁଣ ଶିକ୍ଷା ଦେଉଥିଲେ। ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଭଲ ଚରିତ୍ର ସହିତ ବିକଶିତ କରିଥିଲା।
କିନ୍ତୁ ଆଜି ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି। ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି। ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି। କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ। ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ। ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ। ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ। ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ। ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ। ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ।
ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି। ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି। ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ। ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧ୍ୟମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ। ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ। ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅରଙ୍ଗାବାଦ ବରୀ ଯାଜପୁର, ମୋ - ୮୨୪୯୫୦୨୭୭୬

# ତୈଳ ସଂକଟ ନେଇ ଭାରତକୁ ଚିନ୍ତା

## ଦଶରଥ ହେମ୍ବ୍ରମ୍

“ ଆମେରିକା ସମର୍ଥିତ ଇସ୍ରାଏଲ ଓ ଇରାନ ମଧ୍ୟରେ ଉତ୍ୟକ୍ତ ସଂଘର୍ଷ ଦେଖା ଦେବାରୁ ଆମ ଭରତରେ ପ୍ରଭାବ ଏବେ ତୈଳ ଉପରେ ପଡ଼ିବାକୁ ଲାଗିଲାଣି। ଅଶୋଧିତ ତୈଳ ଦର ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତୈଳ ଯୋଗାଣ ମାର୍ଗ ଭାବେ ଜଣାଶୁଣା ‘ହର୍ମୁଜ ଷ୍ଟ୍ରେଟ୍’କୁ ବନ୍ଦ କରିବା ପାଇଁ ଇରାନ ଘୋଷଣା କରିବା ପରେ ସାରା ବିଶ୍ୱରେ ତୈଳ ସଙ୍କଟର ଆଶଙ୍କା ଆହୁରି ଘନେଇବାରେ ଲାଗିଛି। କାରଣ ଏହି ଜଳପଥରେ କୌଣସି ପ୍ରକାର ବାଧା ସୃଷ୍ଟି ହେଲେ ତାହାର ଭୟାବହ ପରିଣାମ ଭୋଗିବାକୁ ପଡ଼ିପାରେ। ଭାରତର ତୈଳ ଉତ୍ପାଦନ ଏହାର ମୋଟ ଚାହିଦାର ମାତ୍ର ୧୫ ପ୍ରତିଶତ ରହିଥିବା ବେଳେ ୮୫ ପ୍ରତିଶତ ଆମଦାନି ମାଧ୍ୟମରେ ପୂରଣ ହୋଇଥାଏ। ଦେଶର ସ୍ଥଳ ଭାଗର ମୁଖ୍ୟ ଉତ୍ପାଦନ ରାଜ୍ୟ ମଧ୍ୟରୁ ରାଜସ୍ଥାନ, ଆସାମ ଏବଂ ମହାରାଷ୍ଟ୍ରରୁ ହୋଇଥାଏ। ଏହା ଦୈନିକ ହାରାହାରି ୪.୬ ରୁ ୪.୮ ନିୟୁତ ବ୍ୟାରେଲ ତୈଳ ଆମାଦାନୀ କରିଥାଏ। ତୈଳ ସଙ୍କଟ ଏଥର ଯୁଦ୍ଧରେ ହିଁ ପ୍ରଥମ ଦେଖା ଦେଇଛି ତାହା ନୁହଁ, ଏଭଳି ଆଗରୁ ମଧ୍ୟ ଅନେକ ଥର ତୈଳ ସଙ୍କଟ ଦେଶରେ ଦେଖା ଦେଇଥିଲା।

ଜୀବଜଗତରେ ଥିବା ସବୁ ଜୀବଠାରୁ ମଣିଷ ହେଉଛି ଶ୍ରେଷ୍ଠ। ତା’ର ବୁଦ୍ଧି, ବୃଦ୍ଧି ଏବଂ ବିଚାର ଆଦିରେ ସ୍ୱାତନ୍ତ୍ର୍ୟ ବିଦ୍ୟମାନ। ସେ କେଉଁ ଆଦିମ ଯୁଗରୁ ପୃଥିବୀପୃଷ୍ଠରେ ବଞ୍ଚିରହିବା ପାଇଁ କେତେ କ’ଣ ସଂଘର୍ଷ କରି ନଥିବ ! ହୁଏତ, ତା’ର କୌଣସି ହିସାବ କିତାବର ପ୍ରମାଣ ନଥିବ। ମାତ୍ର ମଣିଷ ବେଳେବେଳେ ସମସ୍ତ ଜ୍ଞାନ ଓ ବିଚାର ଶକ୍ତି ଭୁଲିଯାଇ ହିଂସ୍ର ପଶୁଠାରୁ ମଧ୍ୟ ହୀନ ହୋଇଯାଏ। ସେ ଭୁଲିଯାଏ ସେତେବେଳେ ତା’ର ସମାଜ, ପରିବାର ତଥା ଜାତି ଆଉ ଧର୍ମକୁ। ନିଜର ସାମାନ୍ୟ ସାର୍ଥ ହାସଲ ପାଇଁ ଦେଶ ଦେଶ ମଧ୍ୟରେ ପ୍ରବଳ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଥାଏ। ଏହାଦ୍ୱାରା କେବଳ ଯେ ଧନ ଜୀବନକୁ ନଷ୍ଟ କରିଦିଏ ତାହା ନୁହଁ, ବରଂ ଗୋଟିଏ ଜାତି, ସମାଜ ଓ ଧର୍ମର ବିଲୋପ କରିଦେଇଥାଏ।

ବିଜ୍ଞାନର ଜୟଯାତ୍ରା, ଆଜି ସମଗ୍ର ବିଶ୍ୱରେ ଯୁଦ୍ଧର ଆଶଙ୍କା ଆହୁରି ସ୍ପଷ୍ଟ କରିଦେଇଛି। ଧ୍ୱଂସ ମାର୍ଗରେ ପରିଚାଳିତ ହେଉଥିବା ବିଜ୍ଞାନର ପ୍ରବଳ ପ୍ରତିଯୋଗିତା ଆରମ୍ଭ ହୋଇଛି। ସାମରିକ ଶକ୍ତିର ଅଭିବୃଦ୍ଧି ଘଟାଇ ଗୋଟିଏ ଦେଶ ଅନ୍ୟ ଦେଶ ଉପରେ ନିଜର ଆଧିପତ୍ୟ ଜାହିର କରିବାରେ ଉଦ୍ୟମ ଚଳାଇଛି। ବିଭିନ୍ନ ମାରଣାସ୍ତ୍ର ଉଦ୍ଭାବନ କରି ବିଶ୍ୱବାସୀଙ୍କ ପ୍ରାଣରେ ଆତଙ୍କ ଭରିଦେଇଛି। ଅହଂକାର ମନୋଭାବ ରଖି ନିଜକୁ ନିଜେ ପ୍ରମାଣିତ କରିଦେଉଛନ୍ତି, ସବୁ କ୍ଷେତ୍ରରେ ଆମେ ଅଗ୍ରଣୀ ଓ ଉନ୍ନତ। ଏଭଳି କୁତ୍ସିତ ମାନସିକତା ଦ୍ୱାରା ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୯୧୮) ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫)ର ଭୟଙ୍କର ପରିଣତି ବିଶ୍ୱବାସୀଙ୍କ ପ୍ରାଣରୁ ଆତଙ୍କ ଆଜିଯାଏଁ ଲିଭିନାହିଁ। ଯୁଗ ଯୁଗର ସଞ୍ଚିତ କଳା, ଭାସ୍କର୍ଯ୍ୟ, ଐତିହ୍ୟ, ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପାନୁଷ୍ଠାନଗୁଡ଼ିକ ଯୁଦ୍ଧରେ ଯେଉଁ ଧ୍ୱଂସ ପାଇଯାଇଛି, ତାହା ଆଜି ଯାଏଁ ପୁନଃଉଦ୍ଧାର କରାଯାଇ ପାରିନାହିଁ। ଦେଶର ପ୍ରଗତି ଓ ଅର୍ଥନୈତିକ କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହୋଇଛି, ତାହା ମଧ୍ୟ ଅସୁଲ କରାଯାଇ ପାରିନାହିଁ। ଏଭଳି ଗମ୍ଭୀର ପରିସ୍ଥିତି ଦେଶରୁ ନ ହଟିବା ମଧ୍ୟରେ ତୃତୀୟ ବିଶ୍ୱଯୁଦ୍ଧ ହେବାର ଆଶଙ୍କା କରାଯାଉଛି।

କିଛିଦିନ ହେବ ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନି ପ୍ରାଣ ହରାଇଛନ୍ତି। ଏହାର ପ୍ରତିବଦଳରେ ଇରାନ ତା’ର ସାମରିକ ଶକ୍ତି ପ୍ରଦର୍ଶନ କରି ଆମେରିକା ଓ ଇସ୍ରାଏଲ ଉପରେ ଜୋରଦାର ଆକ୍ରମଣ କରିଚାଲିଛି। ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଅନେକ ଧନ-ଜୀବନ କ୍ଷତି ହେଲାଣି। ଦେଶର ପ୍ରଗତି ଓ ଅର୍ଥନୀତି ଧୀରେ ଧୀରେ ଭୁଷୁଡି ପଡ଼ିବାରେ ଲାଗିଛି। ଏପଟେ ବିଶ୍ୱରେ ତୈଳ ସଙ୍କଟ ମଧ୍ୟ ଦେଖାଦେଲାଣି। ଏନେଇ ସମଗ୍ର



ବିଶ୍ୱବାସୀଙ୍କ ମନରେ ଚିନ୍ତା ବଢ଼ିଛି। ଯୁଦ୍ଧ ନକରି ଶାନ୍ତି ଫେରାଇ ଆଣିବା ପାଇଁ ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆବେଦନ କରିଛନ୍ତି। ସଂଯୁକ୍ତ ଜାତିସଂଘ ସମେତ ଅନ୍ୟ ଜାତୀୟ ରାଷ୍ଟ୍ର ମୁଖ୍ୟ ମଧ୍ୟ ଯୁଦ୍ଧ ନ କରିବାକୁ ଆବେଦନ କରିଛନ୍ତି। କିନ୍ତୁ ଆମେରିକା ସମର୍ଥିତ ଇସ୍ରାଏଲ ଶୁଣୁ ନାହିଁ କି ଇରାନ ଆମେରିକା ପାଖରେ ଆତ୍ମ ସମର୍ପଣ ହେବାକୁ ପସନ୍ଦ କରୁନାହିଁ, ଫଳରେ ଦିନକୁ ଦିନ ବିଶ୍ୱ ଅଶାନ୍ତ ହେବାରେ ଲାଗିଛି। ଏହି ଯୁଦ୍ଧ ଫଳରେ ଉପସାଗରୀୟ ରାଷ୍ଟ୍ରଗୁଡିକ ମଧ୍ୟ ପ୍ରଭାବିତ ହୋଇଛନ୍ତି ଓ ପ୍ରବଳ ମାତ୍ରାରେ ତୈଳ ସଙ୍କଟ ଦେଖା ଦେଇଛି।

ଆମେରିକା ସମର୍ଥିତ ଇସ୍ରାଏଲ ଓ ଇରାନ ମଧ୍ୟରେ ଉତ୍ୟକ୍ତ ସଂଘର୍ଷ ଦେଖା ଦେବାରୁ ଆମ ଭରତରେ ପ୍ରଭାବ ଏବେ ତୈଳ ଉପରେ ପଡ଼ିବାକୁ ଲାଗିଲାଣି। ଅଶୋଧିତ ତୈଳ ଦର ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ତୈଳ ଯୋଗାଣ ମାର୍ଗ ଭାବେ ଜଣାଶୁଣା ‘ହର୍ମୁଜ ଷ୍ଟ୍ରେଟ୍’କୁ ବନ୍ଦ କରିବା ପାଇଁ ଇରାନ ଘୋଷଣା କରିବା ପରେ ସାରା ବିଶ୍ୱରେ ତୈଳ ସଙ୍କଟର ଆଶଙ୍କା ଆହୁରି ଘନେଇବାରେ ଲାଗିଛି। କାରଣ ଏହି ଜଳପଥରେ କୌଣସି ପ୍ରକାର ବାଧା ସୃଷ୍ଟି ହେଲେ ତାହାର ଭୟାବହ ପରିଣାମ ଭୋଗିବାକୁ ପଡ଼ିପାରେ। ଭାରତର ତୈଳ ଉତ୍ପାଦନ ଏହାର ମୋଟ ଚାହିଦାର ମାତ୍ର ୧୫ ପ୍ରତିଶତ ରହିଥିବା ବେଳେ ୮୫ ପ୍ରତିଶତ ଆମଦାନି ମାଧ୍ୟମରେ ପୂରଣ ହୋଇଥାଏ। ଦେଶର ସ୍ଥଳ ଭାଗର ମୁଖ୍ୟ ଉତ୍ପାଦନ ରାଜ୍ୟ ମଧ୍ୟରୁ ରାଜସ୍ଥାନ, ଆସାମ ଏବଂ ମହାରାଷ୍ଟ୍ରରୁ ହୋଇଥାଏ। ଏହା ଦୈନିକ ହାରାହାରି ୪.୬ ରୁ ୪.୮ ନିୟୁତ ବ୍ୟାରେଲ ତୈଳ ଆମାଦାନୀ କରିଥାଏ। ତୈଳ ସଙ୍କଟ ଏଥର ଯୁଦ୍ଧରେ ହିଁ ପ୍ରଥମ ଦେଖା ଦେଇଛି ତାହା ନୁହଁ, ଏଭଳି ଆଗରୁ ମଧ୍ୟ ଅନେକ ଥର ତୈଳ ସଙ୍କଟ ଦେଶରେ ଦେଖା ଦେଇଥିଲା।

୧୯୭୩ରେ ଆରବ ଏବଂ ଇସରାଇଲ ମଧ୍ୟରେ ଯୁଦ୍ଧ ହୋଇଥିବା ବେଳେ ତୈଳ ସଙ୍କଟ ଦେଖା ଦେଇଥିଲା। ଏହାର ପ୍ରଭାବରେ ବିଶ୍ୱ ବଜାରରେ ତୈଳ ଦର ବ୍ୟାରେଲ ପିଛା ୩ ଡଲାରରୁ ବଢି ୧୨ ଡଲାରରେ ପହଞ୍ଚିଥିଲା, ଯାହା ଭାରତୀୟ ମୁଦ୍ରାସ୍ଫୀତିକୁ ୨୦% ଉଚ୍ଚ ସ୍ତରକୁ ନେଇଯାଇଥିଲା। ଫଳରେ ବଡ ଧରଣର ବାଣିଜ୍ୟିକ ନିଅଣ୍ଟ ସୃଷ୍ଟି ହୋଇଥିଲା। ଏହାଦ୍ୱାରା ଆର୍ଥିକ ଅସ୍ଥିରତା ୧୯୭୫ରେ ଦେଖାଦେବାରୁ ଭାରତରେ ଜରୁରୀକାଳିନ ପରିସ୍ଥିତି ଲାଗୁ କରାଯାଇଥିଲା। ସେହିଭଳି ୧୯୮୦ ରୁ ୧୯୮୮ ପର୍ଯ୍ୟନ୍ତ ଇରାନ ଓ ଇରାକ ମଧ୍ୟରେ ଟ୍ୟାଙ୍କର ଯୁଦ୍ଧ ହୋଇଥିଲା। ତାହା ମଧ୍ୟ ଭାରତରେ ପ୍ରଭା ପକାଇ ତୈଳ ଦର ପ୍ରାୟ ଦୁଇଗୁଣା ବୃଦ୍ଧି କରି ବ୍ୟାରେଲ ପିଛା ୩୫ରୁ ୪୦ ଡଲାରରେ ପହଞ୍ଚିଥିଲା। ୧୯୯୦-୯୧ ରେ ଉପ ମହାସାଗରୀୟ ଯୁଦ୍ଧ ହୋଇଥିଲା ତାହାର ପ୍ରଭାବରେ ଅଶୋଧିତ ତୈଳ ମୂଲ୍ୟ ୧୭ ଡଲାର ବଢ଼ି ୪୦ ଡଲାର ଅତିକ୍ରାନ୍ତ କରିଥିଲା। ଯାହା ଭାରତ ପାଇଁ ତାହା ଗମ୍ଭୀର ସଙ୍କଟ ସୃଷ୍ଟି କରିଥିଲା। ଫଳରେ ଭାରତକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ପାଖରେ ସୁନା ବନ୍ଧକ ରଖିବାକୁ ପଡ଼ିଥିଲା।

୨୦୦୩ରେ ଇରାକ ଯୁଦ୍ଧ ସମୟରେ ଯୋଗାଣ ଅନିଶ୍ଚିତତା ଯୋଗୁଁ ତୈଳ ମୂଲ୍ୟ ବ୍ୟାରେଲ ପିଛା ୩୫ ଡଲାର ଅତିକ୍ରମ କରିଥିଲା। ଭରତ ମୁଦ୍ରାସ୍ଫୀତିରେ ତାହା ୩ % ରୁ ୪.୫ % କୁ ବୃଦ୍ଧି ପାଇଥିଲା। ୨୦୨୨ରେ ଆରମ୍ଭ ହୋଇଥିବା ଋଷିଆ ଓ ୟୁକ୍ରେନ ଯୁଦ୍ଧ ସମୟରେ ମଧ୍ୟ ତୈଳ ଦର ବ୍ୟାରେଲ ପିଛା ୧୩୯ ଡଲାର ବୃଦ୍ଧି ପାଇଥିଲା। ଅତଏବ ତୈଳ ଦରର ସିଧା ପ୍ରଭାବ ଦେଶର ପ୍ରଗତି, ଅର୍ଥନୈତିକ ଅଭିବୃଦ୍ଧି ଏବଂ ବଜାର ଦରଦାମ୍ ଉପରେ ପଡିଥାଏ। ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେବାଦ୍ୱାରା ଅର୍ଥନୀତି ଦୁର୍ବଳ ହେବା ସଙ୍ଗେ ସଙ୍ଗେ ଦେଶବାସୀଙ୍କୁ ବିପଦ ମୁହଁକୁ ଠେଲି ଦେଇଥାଏ।

ବାଲେଶ୍ୱର, ମୋ-୯୩୩୭୪୦୪୨୫୪

# ସମ୍ମାନଜନକ ବିଦାୟ: ଆଇନର ପରିସରରେ ମାନବିକତା

## ଅଖିଳ ତରାଇ

“ ଇଚ୍ଛାମୃତ୍ୟୁ ସବୁବେଳେ ଏକ ଜଟିଳ ବିଷୟ। ଅନେକ ଧର୍ମ ଏବଂ ସାମାଜିକ ଗୋଷ୍ଠୀ ଏହାକୁ ପାପ ବୋଲି ମାନନ୍ତି। କିନ୍ତୁ ଆଧୁନିକ ମାନବବାଦ କହେ ଯେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ସର୍ବନିମ୍ନ ମାନବୀୟ ସମ୍ମାନରୁ ବଞ୍ଚିତ କରି କେବଳ ମେସିନ୍ ସାହାଯ୍ୟରେ ବଞ୍ଚାଇ ରଖିବା ପ୍ରକୃତରେ ଏକ କ୍ରୁରତା। ହରିଶଙ୍କ ପିତାମାତାଙ୍କ ମନରେ ଏହି ଆବେଦନ କରିବା ସମୟରେ କେତେ କଷ୍ଟ ହୋଇଥିବ ତାହା କଳ୍ପନା କରିବା କଷ୍ଟକର। କିନ୍ତୁ ସେମାନେ ନିଜ ସନ୍ତାନକୁ ଏହି ଯନ୍ତ୍ରଣାରୁ ମୁକ୍ତି ଦେବାକୁ ଚାହୁଁଥିଲେ ଯାହା ଶ୍ରେଷ୍ଠ ପିତୃତ୍ୱ ଓ ମାତୃତ୍ୱର ପରିଚୟ।

ଜୀବନ ଏକ ଅମୂଲ୍ୟ ଉପହାର, କିନ୍ତୁ ସବୁବେଳେ ଏହା ଉପଭୋଗ୍ୟ ହୋଇ ରହେନାହିଁ। ଯେତେବେଳେ ଜୀବନ କେବଳ ଯନ୍ତ୍ରଣାର ପର୍ଯ୍ୟାୟବାଚୀ ହୋଇଯାଏ ଏବଂ ମଣିଷ ନିଜ ଅଜାଣତରେ କେବଳ ଏକ ମେସିନ୍ ସାହାଯ୍ୟରେ ନିଶ୍ୱାସ ନିଏ, ସେତେବେଳେ ‘ଜୀବନ ଅଧିକାର’ ର ସଂଜ୍ଞା ନେଇ ପ୍ରଶ୍ନ ଉଠେ।

ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ୩୨ ବର୍ଷୀୟ ହରିଶ ରାଣାଙ୍କ ମାମଲାରେ ଯେଉଁ ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି, ତାହା ଦେଶର ନ୍ୟାୟିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ୧୩ ବର୍ଷ ଧରି ‘ସ୍ଥାୟୀ ନିଷ୍କ୍ରିୟ ଅବସ୍ଥା’ ବା ପରସିଷ୍ଟେଣ୍ଟ ଭେଜିଟେଟିଭ ଷ୍ଟେଟ ରେ ପଡ଼ି ରହିଥିବା ଜଣେ ଯୁବକଙ୍କୁ ଶେଷରେ ‘ସମ୍ମାନଜନକ ମୃତ୍ୟୁ’ ର ଅଧିକାର ମିଳିଛି। ଏହି ନିଷ୍ପତ୍ତି କେବଳ ଏକ ଆଇନଗତ ଆଦେଶ ନୁହେଁ ବରଂ ଏହା ମାନବୀୟ ସମ୍ବେଦନା, ବିଜ୍ଞାନ ଏବଂ ବାସ୍ତବବାଦର ଏକ ଅପୂର୍ବ ସମନ୍ୱୟ।



ଭାରତରେ ଇଚ୍ଛାମୃତ୍ୟୁ ବା ‘ଇଉଥାନାସିଆ’କୁ ନେଇ ବିତର୍କ ଦୀର୍ଘ ଦିନର। ୨୦୧୮ ମସିହାରେ ‘କମନ୍ କଜ୍ ବନାମ ଭାରତ ସରକାର’ ମାମଲାରେ ସୁପ୍ରିମକୋର୍ଟଙ୍କ ଏକ ସାମ୍ବିଧାନିକ ଖଣ୍ଡପୀଠ ପରୋକ୍ଷ ଇଚ୍ଛାମୃତ୍ୟୁ ବା ‘ପାସିଭ୍ ଇଉଥାନାସିଆ’ କୁ ସ୍ୱୀକୃତି ଦେଇଥିଲେ। ସେହି ନିଷ୍ପତ୍ତିରେ ସ୍ପଷ୍ଟ କରାଯାଇଥିଲା ଯେ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କର ‘ସମ୍ମାନର ସହ ବଞ୍ଚିବାର ଅଧିକାର’ ରହିଛି ଏବଂ ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତିଙ୍କୁ ସମ୍ମାନର ସହ ମରିବାର ଅଧିକାର ମଧ୍ୟ ମିଳିବା ଉଚିତ। ହରିଶ ରାଣାଙ୍କ ମାମଲା ହେଉଛି ପ୍ରଥମ ଉଦାହରଣ ଯେଉଁଠାରେ ସୁପ୍ରିମକୋର୍ଟ ସେହି ଗାଇଡଲାଇନକୁ ସାମ୍ନାକୁ ଆଣି ଜଣେ ରୋଗୀଙ୍କ ଜୀବନ ରକ୍ଷାକାରୀ ବ୍ୟବସ୍ଥା ହଟାଇବାକୁ ଅନୁମତି ଦେଇଛନ୍ତି।
୨୦୧୩ ମସିହାରେ ଏକ ବଡ଼ କୋଠାରୁ ଖସିପଡ଼ିବା ପରେ ହରିଶଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଯୋଗୁଁ ସେ ୧୦୦ ପ୍ରତିଶତ ପକ୍ଷାଘାତର ଶିକାର ହୋଇଥିଲେ। ଗତ ୧୩ ବର୍ଷ ଧରି ସେ ନା କିଛି କହି ପାରୁଥିଲେ ନା କିଛି ବୁଝି ପାରୁଥିଲେ। କେବଳ ଏକ ଟ୍ୟୁବ୍ ସାହାଯ୍ୟରେ ତାଙ୍କୁ ଖାଦ୍ୟ ଦିଆଯାଉଥିଲା ଏବଂ ଅନ୍ୟ ଏକ ଟ୍ୟୁବ୍ ସାହାଯ୍ୟରେ ସେ ନିଶ୍ୱାସ ନେଉଥିଲେ। ଶରୀରରେ ଶଯ୍ୟାକ୍ଷତ ବା ବେଡସୋର୍ସ ଏତେ ଭୟଙ୍କର ଥିଲା ଯେ ଫଟୋ ଦେଖିଲେ ମଧ୍ୟ ହୃଦୟ ଥରି ଉଠିବ। ଏଭଳି ସ୍ଥିତିରେ ଚିକିତ୍ସା ବିଜ୍ଞାନ କେବଳ ତାଙ୍କର ଜୈବିକ ଅସ୍ତିତ୍ୱକୁ ଧରି ରଖିଥିଲା କିନ୍ତୁ ଜୀବନର କୌଣସି ଗୁଣାତ୍ମକ ମାନ ସେଠାରେ ନ ଥିଲା।
ଜଷ୍ଟିସ୍ ଜେ.ବି. ପାର୍ଦିୱାଲା ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ମାମଲାରେ ଯେଉଁ ସମ୍ବେଦନା ଦେଖାଇଲେ ତାହା ପ୍ରଶଂସନୀୟ। ମେଡିକାଲ ବୋର୍ଡର ରିପୋର୍ଟ ଅନୁଯାୟୀ ହରିଶଙ୍କ ସୁଧାର ଆସିବାର ସମ୍ଭାବନା ଶୂନ ଥିଲା। କୋର୍ଟ ଅନୁଭବ କଲେ ଯେ କୃତ୍ରିମ ଉପାୟରେ ତାଙ୍କୁ ବଞ୍ଚାଇ ରଖିବା ତାଙ୍କ ପାଇଁ ଏକ ଦଣ୍ଡ ସଦୃଶ। କୋର୍ଟ କହିଛନ୍ତି ଯେ, ‘କାହାକୁ ଭଲ ପାଇବା ଅର୍ଥ ହେଉଛି ତାଙ୍କର ଯନ୍ତ୍ରଣାକୁ ବୁଝିବା ଏବଂ ସେହି ଯନ୍ତ୍ରଣାରୁ ତାଙ୍କୁ ମୁକ୍ତି ଦେବା।’ ହରିଶଙ୍କ ପିତାମାତାଙ୍କ ଧୈର୍ଯ୍ୟକ ମଧ୍ୟ ଅଦାଲତ ସଲାମ କରିଛନ୍ତି ଯେଉଁମାନେ ୧୩ ବର୍ଷ ଧରି ନିଜ ସନ୍ତାନର ସେବା କରିବା ପରେ ଶେଷରେ ତାଙ୍କର ମୃତ୍ୟୁ ପାଇଁ ଆବେଦନ କରିବାକୁ ବାଧ ହେଲେ।
ଏଠାରେ ପାର୍ଥକ୍ୟ ବୁଝିବା ଜରୁରୀ। ‘ଆକ୍ଟିଭ୍ ଇଉଥାନାସିଆ’ରେ ମାରାତ୍ମକ ଇଞ୍ଜେକ୍ସନ ଦେଇ ଜୀବନ ଶେଷ କରାଯାଏ ଯାହା ଭାରତରେ ବେଆଇନ। କିନ୍ତୁ ’ପାସିଭ୍ ଇଉଥାନାସିଆ’ ବା ପରୋକ୍ଷ ଇଚ୍ଛାମୃତ୍ୟୁରେ ଜୀବନ ରକ୍ଷାକାରୀ ବ୍ୟବସ୍ଥା (ଯେପରିକି ଭେଣ୍ଟିଲେଟର ବା ଫିଡିଂ ଟ୍ୟୁବ୍) ହଟାଇ ଦିଆଯାଏ । ଫଳରେ ପ୍ରକୃତି ନିଜ କାମ କରିପାରିବ। ହରିଶଙ୍କ କ୍ଷେତ୍ରରେ କୋର୍ଟ ଏହି ଡାକ୍ତରୀ ପଦ୍ଧତିରେ ଦିଆଯାଉଥିବା ପୋଷଣ ବା କ୍ଲିନିକାଲି ଆଡମିନିଷ୍ଟରେଡ ନ୍ୟୁଟ୍ରିସନକୁ ବନ୍ଦ କରିବାକୁ ଅନୁମତି ଦେଇଛନ୍ତି ଫଳରେ ତାଙ୍କର ଯନ୍ତ୍ରଣାଦାୟକ ଯାତ୍ରା ଶେଷ ହୋଇପାରିବ।
ଇଚ୍ଛାମୃତ୍ୟୁ ସବୁବେଳେ ଏକ ଜଟିଳ ବିଷୟ। ଅନେକ ଧର୍ମ ଏବଂ ସାମାଜିକ ଗୋଷ୍ଠୀ ଏହାକୁ ପାପ ବୋଲି ମାନନ୍ତି। କିନ୍ତୁ ଆଧୁନିକ ମାନବବାଦ କହେ ଯେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ସର୍ବନିମ୍ନ ମାନବୀୟ ସମ୍ମାନରୁ ବଞ୍ଚିତ କରି କେବଳ ମେସିନ୍ ସାହାଯ୍ୟରେ ବଞ୍ଚାଇ ରଖିବା ପ୍ରକୃତରେ ଏକ କ୍ରୁରତା। ହରିଶଙ୍କ ପିତାମାତାଙ୍କ ମନରେ ଏହି ଆବେଦନ କରିବା ସମୟରେ କେତେ କଷ୍ଟ ହୋଇଥିବ ତାହା କଳ୍ପନା କରିବା କଷ୍ଟକର। କିନ୍ତୁ ସେମାନେ ନିଜ ସନ୍ତାନକୁ ଏହି ଯନ୍ତ୍ରଣାରୁ ମୁକ୍ତି ଦେବାକୁ ଚାହୁଁଥିଲେ ଯାହା ଶ୍ରେଷ୍ଠ ପିତୃତ୍ୱ ଓ ମାତୃତ୍ୱର ପରିଚୟ।
ସୁପ୍ରିମକୋର୍ଟ ଏହି ମାମଲାରେ କେବଳ ଆଦେଶ ଦେଇ ନାହାଁନ୍ତି, ବରଂ ସରକାରଙ୍କୁ ଏକ ବ୍ୟାପକ ଆଇନ ପ୍ରଣୟନ କରିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ବ୍ୟବସ୍ଥାରେ ପ୍ରାଥମିକ ଏବଂ ଦ୍ୱିତୀୟ ମେଡିକାଲ ବୋର୍ଡର ଅନୁମୋଦନ ଏବଂ ପରେ କୋର୍ଟଙ୍କ ହସ୍ତକ୍ଷେପ ଏକ ଦୀର୍ଘ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ରୋଗୀ ଅଧିକ କଷ୍ଟ ପାଏ। ତେଣୁ ଏକ ସ୍ପଷ୍ଟ ସଂସଦୀୟ ଆଇନର ଆବଶ୍ୟକତା ରହିଛି, ଫଳରେ ପ୍ରକୃତରେ ଯୋଗ୍ୟ ରୋଗୀମାନେ ଅନାବଶ୍ୟକ ଆଇନଗତ ଜଟିଳତାରେ ନ ଫସି ଶୀଘ୍ର ନ୍ୟାୟ ପାଇପାରିବେ।
ହରିଶ ରାଣାଙ୍କ କ୍ଷେତ୍ରରେ ମିଳିଥିବା ଏହି ନିଷ୍ପତ୍ତି ଭାରତୀୟ ଆଇନ ବ୍ୟବସ୍ଥାର ଏକ ପରିପକ୍ୱତାର ପ୍ରମାଣ। ଏହା ଆମକୁ ଶିଖାଉଛି ଯେ ‘ଜୀବନ’ ର ଅର୍ଥ କେବଳ ନିଶ୍ୱାସ ପ୍ରଶ୍ୱାସ ନୁହେଁ, ବରଂ ଏକ ସମ୍ମାନଜନକ ଅସ୍ତିତ୍ୱ। ଯେତେବେଳେ ଜୀବନରୁ ସେହି ସମ୍ମାନ ଚାଲିଯାଏ ସେତେବେଳେ ମୃତ୍ୟୁ ହିଁ ଶେଷ ଆଶ୍ରୟ ହୋଇଯାଏ। ଏହି ଐତିହାସିକ ରାୟ ଆଗାମୀ ଦିନରେ ଅନେକ ଶଯ୍ୟାଶାୟୀ ରୋଗୀଙ୍କ ପାଇଁ ଏକ ଶାନ୍ତିପୂର୍ଣ୍ଣ ମୁକ୍ତିର ବାଟ ଦେଖାଇବ। ଆଇନର ଶୁଷ୍କ ପୃଷ୍ଠାଗୁଡ଼ିକ ମଧ୍ୟରେ ମାନବୀୟ ସମ୍ବେଦନା ଜୀବିତ ରହିବା ଆମ ସମାଜ ପାଇଁ ଏକ ଶୁଭ ସଂକେତ।

ଗଞ୍ଜାମ, ମୋ: ୭୭୮୭୦୦୧୦୦୧

CMYK

13.03.2026.pmd 1 3/12/2026, 6:27 PM

# ଜଙ୍ଗଲରୁ ମୂଲ୍ୟବାନ ଶାଳ କାଠ ଚୋରି

ଭାପୁର,୧୨ ।୩ (ନିପ୍ର): ଖଣ୍ଡପଡା ବନବିଭାଗ ରେଞ୍ଜ ଅଧୀନ ଭାପୁର ବନାଞ୍ଚଳ ପିଠାଖାଇ ଗ୍ରାମ ସଂଲଗ୍ନ ବଗୁଲି ବିହାର ସରଂକ୍ଷିତ ଜଙ୍ଗଲ ମଧ୍ୟରୁ କେହି ଦୁର୍ବୃତ୍ତ ଗତ ୧୦ ଦିନ ତଳେ ୮ଗୋଟି ମୂଲ୍ୟବାନ ଶାଳକାଠ ଗଛ ଚୋରି କରିନେଇଥିବା ଦେଖା ଯାଇଥିଲେ ମଧ ଏ ବାବଦରେ ବିଭାଗୀୟ ଭାପୁର ଫରେଷ୍ଟର କିଛି ଜାଣିନାହାନ୍ତି କି କୌଣସି ଗଛ ଚୋରି ହୋଇ ନାହିଁ ବୋଲି ସଫେଇ ଦେଇଛନ୍ତି । ଏହି ଜଙ୍ଗଲ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ ଅଧୀନରେ ରଥ କାଠ ଉତ୍ପାଦନ ପାଇଁ ସରଂକ୍ଷିତ ରହିଥିଲେ ମଧ ବିଭାଗୀୟ ଅଧିକାରୀ ଏବଂ ରାଜନେତା ଙ୍କ ପ୍ରଚ୍ଛନ୍ନ ହାତ ଥାଇ କାଠ ଭୁବନେଶ୍ୱର ଓ କଟକ ଚୋରା ଚାଲାଣ ହେଉଥିବା ବିଶ୍ୱସ୍ତସୂତ୍ର ଜଣାପଡିଛି । ଏହି ଚୋରି ଘଟଣା ପାଖାପାଖି ୧୫ଦିନ ଗତ ହୋଇଥିଲେ ମଧ ବିଭାଗୀୟ ଅଧିକାରୀ ମାନେ ନିରବ ରହିଥିବା ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନ ମଧ୍ୟରେ ସନ୍ଦେହ ଘେରକୁ ଟାଣି ଆଣିଛି ।ଏହି ଘଟଣାକୁ ବିଭାଗୀୟ ଉଚ୍ଚପଦାଧିକାରୀ ଗୁରୁତ୍ୱ ସହିତ ଗ୍ରହଣ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।



# ବନବାସୀ ରକ୍ଷା ପରିବାର ବୈଠକ

କୁଚିଣ୍ଡା,୧୨ ।୩ (ନିପ୍ର); ସମ୍ବଲପୁର ଜିଲ୍ଲା ବାମରା ପୂର୍ତ୍ତବିଭାଗ ଡାକବଙ୍ଗଳାରେ ବନବାସୀ ରକ୍ଷା ପରିବାର ଫାଉଣ୍ଡେସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସହମନ୍ତ୍ରୀ ତଥା ରାଷ୍ଟ୍ରୀୟ ସଂଯୋଜକ ବନବାସୀ ରକ୍ଷା ଫାଉଣ୍ଡେସନର ବିରେନ୍ଦ୍ର ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ଧର୍ମ ପ୍ରସାର ବିଭାଗର କେନ୍ଦ୍ରୀୟ ସହମନ୍ତ୍ରୀ ଅଚ୍ୟୁତାନନ୍ଦ କର,ବନବାସୀ ରକ୍ଷା ପରିବାର କେନ୍ଦ୍ରୀୟ ସହସଂଯୋଜକ ଧନଞ୍ଜୟ ସିଂହ,ଓଡ଼ିଶା ପଶ୍ଚିମ ପ୍ରାନ୍ତ ଧର୍ମ ପ୍ରସାର ବିଭାଗ ପ୍ରମୁଖ ଦିଲୀପ ମେହେର,ବନବାସୀ ରକ୍ଷା ପରିବାର ପ୍ରାନ୍ତ ସଂଯୋଜକ ଇଂ.ବସନ୍ତ କୁମାର ଦାନୀ,ତୁଳାନନ୍ଦ ବାବା,ସୁଦୀପ୍ତ ବାଘ,ସଞ୍ଜୀବ ସାହୁ, ଜ୍ୟୋତି କୁମାର ଲାଠ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେ । ପରେ ବନବାସୀ ରକ୍ଷା ପରିବାର ବାମରା ବ୍ଲକ କମିଟି ଗଠନ କରାଯାଇଥିଲା । ଏଥିରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବଲ୍ଲଭି ପଟେଲଙ୍କୁ ବ୍ଲକ ସଂଯୋଜିକା ଓ ପରମେଶ୍ୱର ସାହୁ,ସୁବୋଦିନୀ ପଟେଲ, କୁମାର ଚନ୍ଦ୍ର ପଟେଲ,ଅନିଲ ପାଣ୍ଡେ ପ୍ରମୁଖଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା । ପରବର୍ତ୍ତୀ ବୈଠକରେ ପୂର୍ଣ୍ଣାଙ୍ଗ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

# ‘ ଜୈବ ବିବିଧତା ସୁରକ୍ଷା ପାଇଁ ଯତ୍ନବାନ ହୁଅ’

କୁଚିଣ୍ଡା,୧୨ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ଡିଭିଜନ କାର୍ଯ୍ୟାଳୟ ପରିସରରେ ବନଖଣ୍ଡ ସ୍ତରୀୟ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି । ଏଥିରେ ବାମରା ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ ବନ୍ୟଜନ୍ତୁ ଓ ଜୈବ ବିବିଧତାର ସୁରକ୍ଷା ଏକ ମହତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ । ତେଣୁ ଔଷଧୀୟ ବୃକ୍ଷ, ସୁଗନ୍ଧିତ ଗୁଳ୍ମ,ଜୈବ ବିବିଧତା ଏବଂ ଆଜିବିକା ସଂରକ୍ଷଣ ଉପରେ ବିଶଦ ଆଲୋଚନା କରି ପର୍ଯ୍ୟାବରଣ, ଜଙ୍ଗଲ ଓ ଜୈବ ବିବିଧତା ସୁରକ୍ଷା ପାଇଁ ଜନ ସଚେତନତାର ଆବଶ୍ୟକତା ଉପରେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଏସିଏଫ ରେଶମା ଲାକ୍ରା ଓ ଆଲୋକ ଷଡ଼ଙ୍ଗୀ ଯୋଗଦେଇ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ରେଞ୍ଜର ଦୀପକ ମହାନନ୍ଦ, ଲେଖାରାଣୀ ମହାନନ୍ଦ,ଗିରଧାରୀ ନାୟକ,ଲକ୍ଷ୍ମୀକାନ୍ତ ନାୟକ, ମହେନ୍ଦ୍ର ସାହୁଙ୍କ ସମେତ ସମସ୍ତ ଫରେଷ୍ଟର ଫରେଷ୍ଟଗାର୍ଡ଼ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକମାନେ ସମାଜର ମାର୍ଗଦର୍ଶକ

ପୁରୀ,୧୨ ।୩ (ନିପ୍ର); ପୁରୀ ଜିଲ୍ଲା ସିନିୟର ସିଟିଜେନସ ଫୋରମର ୭ମ ବାର୍ଷିକ ସାଧାରଣ ସଭା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ବରିଷ୍ଠ ନାଗରିକମାନେ ସମାଜର ମୁରବି ଓ ମାର୍ଗଦର୍ଶକ ବୋଲି କହିଥିଲେ । ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ଅଧିକ ।ସେମାନଙ୍କ ପରାମର୍ଶ ପରିବାର ଓ ସମାଜକୁ ସମୃଦ୍ଧ କରିବ । ପୂର୍ବର ଯୌଥ ପରିବାର ଭାଙ୍ଗି ଯିବା ଦ୍ୱାରା ବରିଷ୍ଠ ନାଗରିକମାନେ ବର୍ତ୍ତମାନ ସମୟରେ ପ୍ରଭାବିତ ହେଉଛନ୍ତି । ସେମାନଙ୍କ ପାଇଁ ଆଇନ ଅନୁଯାୟୀ ବ୍ୟବସ୍ଥା କରାଯିବା ସହ, ପାର୍କ,ସ୍ୱାସ୍ଥ୍ୟ ସହଯୋଗ, ସୁରକ୍ଷା ଇତ୍ୟାଦି ସମ୍ପର୍କରେ ଉଦ୍ୟମ କରାଯିବ ବୋଲି କହିଥିଲେ । ଅନୁଷ୍ଠାନର ସଭାପତି କାର୍ତ୍ତିକ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ.ଟହଲୁ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ,ଚିକିତ୍ସକ ଡା ଆଦିତ୍ୟ ମହାପାତ୍ର, ଉପ ସଭାପତି ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା,ସୁରକ୍ଷା, ଆବଶ୍ୟକତା, ସାମାଜିକ ସମ୍ମାନ ସମ୍ପର୍କରେ ଆଲୋଚନା କରିଥିଲେ ।

# କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଶୀର୍ଷକ କର୍ମଶାଳା

ପାରଳାଖେମୁଣ୍ଡି,୧୨ ।୩ (ନିପ୍ର);ଗଜପତି ଜିଲ୍ଲା ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର କରି ଗଜପତି ଜିଲ୍ଲାର ଜନସାଧାରଣଙ୍କୁ କିପରି ଉନ୍ନତମାନର ସେବା ଯୋଗାଇ ଦିଆଯିବ ସେ ନେଇ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା ମୂଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଓ ଡେପୁଟି କଲେକ୍ଟର ବିନାୟକ ରାଉଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଓକାକ୍ ସୌଜନ୍ୟରୁ ଓ କେ ସି ଏ ଲ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଓକେସିଏଲ ର ଗଜପତି ଜିଲ୍ଲା ମୂଖ୍ୟ ଶ୍ରୀକାନ୍ତ ମହାନ୍ତି ସଂଯୋଜନା କରିଥିବା ବେଳେ ଶୁଭମ୍ ଚୌଧୁରୀ ରିସୋର୍ସ ପର୍ସନ ଭାବେ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର ପାଇଁ ବିଭିନ୍ନ ଉପକରଣ (ଟୁଲ୍) ଗୁଡିକ ସମ୍ପର୍କରେ ବିଶଦ ଭାବରେ ଉପସ୍ଥାପନ କରିଥିଲେ । ବର୍ତ୍ତମାନର ଡିଜିଟାଲ ଯୁଗରେ ବିଭିନ୍ନ ଅଗ୍ରଗାମୀ ଜିଲ୍ଲାର ଜନସାଧାରଣ ଯେପରି ବିଭିନ୍ନ କ୍ଷେତ୍ରରେ ଅତ୍ୟାଧୁନିକ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି ସେହିପରି ଆଦିବାସୀ ଅଧୁଷିତ ଗଜପତି ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ପ୍ରଶାସନିକ କ୍ଷେତ୍ରରେ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତାର କିପରି ବିଭିନ୍ନ ଭୂମିକାରେ ବ୍ୟବହାର କରିବାକୁ ଉଦ୍ୟମୀ ହେବେ ସେଥିପାଇଁ ଏହି କର୍ମଶାଳାର ଆୟୋଜନ ହୋଇଥିଲା ।




# ଯକ୍ଷ୍ମା ରୋଗୀଙ୍କୁ ପୃଷ୍ଟିକର ଖାଦ୍ୟ ବଣ୍ଟନ

ଆସିକା,୧୨ ।୩ (ନିପ୍ର): ଆସିକା ଚିନିଶିଳ୍ପ ପକ୍ଷରୁ ଆସିକା ସବଡିଭିଜନ୍ ଡାକ୍ତରଖାନା ଠାରେ ଯକ୍ଷ୍ମା ରୋଗୀଙ୍କୁ ପୃଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି । ଆସିକା ଉପଖଣ୍ଡ ଚିକିତ୍ସାଳୟ ଠାରେ ଯକ୍ଷ୍ମା ରୋଗୀଙ୍କୁ ଜାତୀୟ ନିରାକରଣ ବିଭାଗ ପକ୍ଷରୁ ଯକ୍ଷ୍ମା ରୋଗୀ ରୂପେ ଚିହ୍ନଟ ରୋଗୀଙ୍କୁ ନିୟମିତ ଔଷଧ ସହ ପୃଷ୍ଟିକାର ଖାଦ୍ୟ ଜରୁରୀ ଅଟେ । ଏହାକୁ ଭିତ୍ତି କରି ଆସିକା ଚିନିଶିଳ୍ପ ପକ୍ଷରୁ ଯକ୍ଷ୍ମା ରୋଗୀଙ୍କୁ ପୃଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି । ଏହି ଅବସରରେ ଅଧକ୍ଷ ଡ଼ ବାଲଗୋପାଳ ବେହେରା, ଚିନି ଶିଳ୍ପ ପରିଚାଳନା ଅଧିକାରୀ ଡ଼ ସୁଶାନ୍ତ କୁମାର ପଣ୍ଡା, ଡାକ୍ତର ଖାନା ମ୍ୟାନେଜର ବିଶ୍ୱଜିତ ପ୍ରଧାନ, ଯକ୍ଷ୍ମା ବିଭାଗ ପକ୍ଷରୁ ବରିଷ୍ଠ ପରିଦର୍ଶକ ସଂଗୀତ ରାଣୀ ସ୍ୱାଇଁ, ବରିଷ୍ଠ ଯକ୍ଷ୍ମା ନିଦାନ ପରିଦର୍ଶକ ବିଶ୍ୱଜିତ ସାମନ୍ତରାୟ ଉପସ୍ଥିତିରେ ୧୪ ଗୋଟି ପୃଷ୍ଟିକର ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଇଛି ।

# ଅସ୍ତିତ୍ୱ ହରାଉଛି ଟିକିରା ନଦୀ, ବେଆଇନ ବାଲି ଚୋରାଚାଲାଣ

## କୂଳ ଖାଇ ଉଜୁଡ଼ି ଯାଉଛି ଗଛ ଲତା

ରେଢ଼ାଖୋଲ,୧୨ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମ ଦେଇ ପ୍ରବାହିତ ଟିକିରା ନଦୀ ଦିନକୁ ଦିନ ଅସ୍ତିତ୍ୱ ହରାଉଛି । ଟିକିରା ନଦୀରୁ ସରକାର ବାଲି ନିଲାମ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରୁଛନ୍ତି ।ହେଲେ ଟିକିରା ନଦୀର ହେଉ ନାହିଁ ଉନ୍ନତିକରଣ କାର୍ଯ୍ୟ । ଫଳରେ ନଦୀର ଜଳସ୍ତର ଦିନକୁ ଦିନ କମିବାରେ ଲାଗିଛି । ଅଞ୍ଚଳବାସୀ ଏହି ଟିକିରା ନଦୀ ଉପରେ ବେଶ ନିର୍ଭର ଅଟନ୍ତି ।ନଦୀ କଡରେ ରହିଛି ଚାଷ ଜମି ଲୋକେ ବିଭିନ୍ନ ପ୍ରକାର ଡାଲି ଜାତୀୟ,ଫଳ ଜାତୀୟ ଓ ତେଲ ଜାତୀୟ ଚାଷ କରି ନିର୍ଭରଶୀଳ ହୋଇଥାନ୍ତି ଏହି ଅଞ୍ଚଳବାସି । ଜଳ ସ୍ରୋତ କମି ଯିବାରୁ ଧୀରେ ଧୀରେ ଆଉ ଚାଷ କରିବାକୁ ମନ ବଳାଉ ନାହାଁନ୍ତି ଚାଷୀ । ସରକାର ନିଲାମରେ ବିଭିନ୍ନ ଲୋକଙ୍କୁ ଦେଉଛନ୍ତି ହେଲେ କିଏ ନେଇଛି କେଉଁ ଜାଗାରେ ନେଇଛି କେତେ ପରିମାଣ ବାଲି ଉଠାଇବ କେବେ ଠାରୁ କେତେ ତାରିଖ ପ୍ରଯ୍ୟନ୍ତ କୌଣସି ସୂଚନା ଫଳକ ନାହିଁ । ଫଳରେ ବାଲି ମାଫିଆଙ୍କ ମନ ମାନିରେ ଚାଲିଛି । ଆଖ ପାଖ ନାଳରୁ ରାତି ଅଧରେ ବାଲି ଚୋରା ଚାଳଣ ହେଉଛି । ନୀର୍ଦ୍ଦିଷ୍ଟ ଜାଗାରୁ ବାଲି ଉଠାଇବ ପାଇଁ ନିଲାମ ସରକାର ଦେଇ ଥିବା ବେଳେ ଟିକିରା ନଦୀର ବିଭିନ୍ନ ସ୍ଥାନ ମାନଙ୍କରୁ ଅନ୍ୟତ୍ର ବାଲି ଉଠୁଛି । ଖଣି ବିଭାଗ ଓ ସ୍ଥାନୀୟ ପ୍ରଶାସନ ବାଲି ମାଫିଆ ସହିତ ମିଶି ଚୋରା ଚାଲାଣକୁ ପ୍ରୋତ୍ସାହିତ କରୁ ଥିବା ଅଭିଯୋଗ ହେଉଛି । କାହିଁକି ନା ସରକାରୀ କାର୍ଯ୍ୟାଳୟ ପଛ ପାଖରେ ହେଉଛି ବାଲି ଚୋରା ଚାଲାଣ । କେମିତି ଜାଣି ପାରୁ ନାହାଁନ୍ତି ଅଧିକାରୀ ଯେତିକି ପରିମାଣ ନିଲାମ ଦେଇଛନ୍ତି ସରକାର ତାଠାରୁ ବହୁ ଗୁଣା ଅଧିକ ବାଲି ଉଠୁଛି । ଆଗରୁ ନଦୀ କୂଳିଆ ଧୀବର ମାନେ ନିଜର ବୃତ୍ତି କରି ପରିବାର ପ୍ରତି ପୋଷଣ କରୁଥିଲେ କ୍ଷ ଏବେ ପାଣି ସ୍ରୋତ ରହୁ ନଥିବାରୁ ପଡୁନି ଡ଼ଙ୍ଗା କି ହେଉନି ମାଛ ଧରା । ଧୀବର ମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ସରକାର ବାଲି ନିଲାମୀ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରୁଛନ୍ତି ।ସେହି ଟଙ୍କାରେ ଉପର ମୁଣ୍ଡରେ ହେଉ ଗୋଟିଏ ଚେକ ଡ୍ୟାମ, ନଦୀ କୋଡ଼ ଖାଉ ଥିବାରୁ ଉଭୟ ପାଖରେ ହେଉ ପଥର ପ୍ୟୋକିଂ । ଫଳରେ ଅଧିକ ବାଲି ଜମାଟ ବାନ୍ଧିବ ଅଧିକ ଟଙ୍କାରେ ନିଲାମ ହେବ ଅଧିକ ରାଜସ୍ୱ ଆଦାୟ ହେବ । ଏନେଇ ପରିବେଶବିଦ ତଥା ସମାଜ ସେବୀ ବିଜୟ କୁମାର ମହାନ୍ତି କୁହନ୍ତି ଯେ ଟିକିରା ନଦୀରୁ ବିଭିନ୍ନ ସ୍ଥାନରୁ ବାଲି ଉଠିବା ଦ୍ୱାରା ନଦୀ କୂଳ ଖାଉଛି, ଗଛ ଲତା ନଷ୍ଟ ହେଉଛି । ଏଣୁ ସରକାରୀ ଯେଉଁ ମାନଙ୍କୁ ନିଲାମ ଦେଇଛନ୍ତି ସେହି ସ୍ଥାନରୁ ବାଲି ଉଠାଇଲେ ଭଲ ହେବ ଓ ବିଭିନ୍ନ ସ୍ଥାନରୁ ବାଲି ଉଠିବା ଦ୍ୱାରା ସରକାର ରାଜସ୍ୱ ହରାଉଛନ୍ତି ବୋଲି ପ୍ରକାଶ କରିଥିଲେ । ସେହିପରି ନାକଟିଦେଉଳ ତହସିଲଦାରଙ୍କୁ ପଚାରିବାରେ ବାଲି ଚୋରା ଚାଲାଣ ଉପରେ ଖଣି ବିଭାଗର କାମ ବାଲି ଚୋରା ଚାଲାଣ ଉପରେ ଆମେ ଖଣି ବିଭାଗକୁ ସୂଚନା କରିବୁ ବୋଲି ପ୍ରକାଶ କରିଥିଲେ ।



# ରାଜପଥର ‘ଅଭୟ କବଚ’: ବିପଦ ସମୟରେ ଦେବଦୂତ ସାଜୁଛନ୍ତି ଖୋର୍ଦ୍ଧାର ହାଇୱେ ପାଟ୍ରୋଲିଂ ଟିମ୍

ନିରାକାରପୁର,୧୨/୩ (ନିପ୍ର):ରାତିର ଅନ୍ଧକାର, ପ୍ରବଳ ବର୍ଷା, ଆଉ ଶୂନ୍ୟଶୂନ୍ୟ ରାଜପଥ । ଏମିତି ସମୟରେ ଯଦି କାହାର ଗାଡ଼ି ଦୁର୍ଘଟଣା ଗ୍ରସ୍ତ ହୁଏ କିମ୍ବା ମଝି ରାସ୍ତାରେ ଅଚଳ ହୋଇଯାଏ, ତେବେ ମନରେ ଭୟ ଆସିବା ସ୍ୱାଭାବିକ । କିନ୍ତୁ ଖୋର୍ଦ୍ଧା ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଏହି ଭୟ ଏବେ ଭରସାରେ ପରିଣତ ହୋଇଛି । ଏହି ଭରସାର ନାମ ହେଉଛି । ହାଇୱେ ପେଟ୍ରୋଲିଂ ପୋଷ୍ଟ ୧/୨/୩ । ଜଙ୍କିଆ, ଖୋର୍ଦ୍ଧା ସଦର, ଏବଂ ବାଲୁଗାଁ ଥାନା ଅଧୀନରେ କାର୍ଯ୍ୟ କରୁଥିବା ଏହି ତିନୋଟି ପେଟ୍ରୋଲିଂ ୟୁନିଟ୍ କେବଳ ପୋଲିସ ଗାଡ଼ି ନୁହଁନ୍ତି, ବରଂ ଯାତ୍ରୀଙ୍କ ପାଇଁ ଏକ ‘ଚଳନ୍ତି ସାହାଯ୍ୟ କେନ୍ଦ୍ର’ । ଖରା, ବର୍ଷା କିମ୍ବା କାକର— କୌଣସି ପ୍ରତିକୂଳ ପରିସ୍ଥିତି ଏମାନଙ୍କୁ ନିଜ କର୍ତ୍ତବ୍ୟରୁ ରୋକିପାରିନାହିଁ । ନିକଟରେ ଘଟିଥିବା ଏକ ଲୋମହର୍ଷଣକାରୀ ଘଟଣା ଏହି ଟିମ୍‌ର ନିଷ୍ଠାକୁ ପ୍ରମାଣିତ କରୁଛି । ଗଭୀର ରାତିରେ ଏକ ପରିବାର ଦୁର୍ଘଟଣାର ସମ୍ମୁଖୀନ ହୋଇ ସାହାଯ୍ୟ ପାଇଁ ଚିତ୍କାର କରୁଥିବା ବେଳେ, ଏଚ ପି ପି – ୩ର ତତ୍ପରତା ସେମାନଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରିଥିଲା । ପୁଲିସ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ଆହତମାନଙ୍କୁ ଗାଡ଼ି ଭିତରୁ ବାହାର କରି ଡାକ୍ତରଖାନା ପଠାଇବା ସହ ସେମାନଙ୍କ ମନରେ ସାହସ ବାନ୍ଧିଥିଲେ । ଏଚପିପି – ୨(ଖୋର୍ଦ୍ଧା ସଦର): ଜିଲ୍ଲାର ପ୍ରବେଶ ପଥରେ ଯାତ୍ରୀଙ୍କୁ ସୁରକ୍ଷା ଯୋଗାଇ ଦେଉଛନ୍ତି ।ଏଚ ପି ପି – ୨ (ଜଙ୍କିଆ): ଗୁରୁତ୍ୱପୂର୍ଣ୍ଣ ମୋଡ଼ ଓ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସଜାଗ ରହୁଛନ୍ତି । ଏଚପିପି – ୩ (ବାଲୁଗାଁ): ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ଓ ଯାତ୍ରୀଙ୍କ ପାଇଁ ବଡ଼ ଆଶାବାଡ଼ି ସାଜିଛନ୍ତି ।କେବଳ ଦୁର୍ଘଟଣା ନୁହେଁ, ଅପରାଧ ରୋକିବା ଏବଂ ରାତି ଅଧରେ ଗାଡ଼ି ଖରାପ ହୋଇ ଅଟକି ଯାଇଥିବା ଚାଳକଙ୍କୁ ଯାନ୍ତ୍ରିକ ସହାୟତା ଯୋଗାଇବାରେ ମଧ ଏହି ଟିମ୍ ଆଗଧାଡ଼ିରେ ରହୁଛନ୍ତି । ସେଥିପାଇଁ ତ ଆଜି ଲୋକେ କହୁଛନ୍ତି । ‘ହାଇୱେରେ ଯଦି କେହି ସତ୍ୟ ସାଥୀ ଅଛନ୍ତି, ସେ ହେଲେ ଖୋର୍ଦ୍ଧାର ହାଇୱେ ପେଟ୍ରୋଲିଂ ପୋଷ୍ଟ ।’ଖୋର୍ଦ୍ଧା ପୋଲିସର ଏହି ନିରନ୍ତର ସେବା ଆଜି ରାଜପଥର ଯାତ୍ରାକୁ ଅଧିକ ସୁରକ୍ଷିତ, ନିର୍ଭୟ ଏବଂ ଶୃଙ୍ଖଳିତ କରିପାରିଛି ।

# ସାମାଜିକ ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା,୧୨ ।୩ (ନିପ୍ର): ସାମାଜିକ ଅନୁଷ୍ଠାନ ମାତାଞ୍ଜଳୀ ସୋଶିଓ ସ୍ପିରିଚୁଆଲ ଟ୍ରଷ୍ଟ ପକ୍ଷରୁ କୋଏଲ ନଗର ସ୍ଥିତ ଆରଏସପି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ଠାରେ ବିଶ୍ୱ କିଡନୀ ଦିବସ ଉପଲକ୍ଷେ ଏକ ସଚେତନତା ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ର ପ୍ରମୁଖ ଟ୍ରଷ୍ଟି ଇଂ ଆଲୋକ ରଂଜନ ମଲ୍ଲିକଙ୍କ ଆବାହକତ୍ୱ ଓ ଟ୍ରଷ୍ଟି ରାମକୃଷ୍ଣ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଇସ୍ପାତ ଜେନେରାଲ ହସ୍ପିଟାଲର ମୁଖ୍ୟ ମେଡ଼ିକାଲ ଅଫିସର ଡାକ୍ତର ଜୟନ୍ତ ଆଚାର୍ଯ୍ୟ ମୁଖ୍ୟଅତିଥି, ଇଂ ଅଭୟ କୁମାର ଦାସ ସମ୍ମାନିତ ଅତିଥି ଓ ଆଇଜିଏଚ ର ବୃକକ ବିଶାରଦ ଡାକ୍ତର ସରୋଜ କୁମାର ରାଉତ ମୁଖ୍ୟବକ୍ତା ରୂପେ ଯୋଗଦେଇ ବିଶ୍ୱ କିଡନୀ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଡା ଆଚାର୍ଯ୍ୟ ଟ୍ରଷ୍ଟର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏଭଳି କିଡନୀ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଉପସ୍ଥିତ ଜନସାଧାରଣଙ୍କ ପାଇଁ ବହୁ କାମରେ ଆସିବ । ଏହା ସହ ସ୍ୱାସ୍ଥ୍ୟ ସମ୍ପର୍କୀତ ବିଭିନ୍ନ ଉପଦେଶ ଦେଇ ସୁସ୍ଥ ସ୍ୱାସ୍ଥ୍ୟ ସୁନ୍ଦର ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ବୃକକ ବିଶେଷଜ୍ଞ ଡା ରାଉତ କିଡନୀ ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସେ ତାଙ୍କ ବକ୍ତବ୍ୟରେ କିଡନୀ ରୋଗର ଲକ୍ଷଣ ଯେପରି ପରିସ୍ରାର ରଙ୍ଗ ପରିବର୍ତ୍ତନ, ଫେଣଯୁକ୍ତ ପରିସ୍ରା, ଶରୀରରେ ସ୍ୱୀତି, ସର୍ବଦା କ୍ଲାନ୍ତ ଲାଗିବା, ଧ୍ୟାନ କେନ୍ଦ୍ରିତ କରିବାରେ ଅସୁବିଧା, ଶୁଷ୍କ ଏବଂ କୁଣ୍ଡେଇ ହେବା ଚର୍ମ, ମାଂସ ପେଶୀରେ ଯନ୍ତ୍ରଣା, ଶ୍ୱାସ ନେବାରେ ଅସୁବିଧା ଆଦି ଲକ୍ଷଣଗୁଡ଼ିକ ରୁ ଜଣାପଡି ଥାଏ । ସେହିପରି ନିରାକରଣ ଯଥା ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା,ଲୁଣ ଓ ପ୍ରୋସେସ ଖାଦ୍ୟ କମ ଖାଇବା, ରକ୍ତଚାପ ଓ ରକ୍ତ ଶର୍କରା କୁ ନିୟନ୍ତ୍ରଣ, ନିୟମିତ ବ୍ୟାୟାମ,ଅଧିକ ପେନକିଲର ଔଷଧ ବ୍ୟବହାର ନକରିବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଦୁର୍ନୀତିର ସ୍ୱର ଉତ୍ତୋଳନ କଲେ ସାମ୍ବାଦିକଙ୍କୁ ଧମକ

ଗୋଲାମୁଣ୍ଡା,୧୨ ।୩(ନିପ୍ର): ଆଜିର ଦୁନିଆର ସଚୋଟତାର ସ୍ଥାନ ନାହିଁ । ଯିଏ ଦୁର୍ନୀତିକୁ ବିରୋଧ କରିବ ତାକୁ ଗାଳି ଓ ଯିଏ ଦୁର୍ନୀତି କରିବ ତାକୁ ତାଳି ମିଳୁଛି । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଗୋଲାମୁଣ୍ଡା ବ୍ଲକରେ । ଉଠା ଜଳସେଚନ ବିଭାଗରେ ହେଉଥିବା ଦୁର୍ନୀତିକୁ ବିରୋଧ କରିବାରୁ ଜଣେ ସାମ୍ବାଦିକଙ୍କୁ ଉଠା ଜଳସେଚନ ବିଭାଗର ଜନୈକ କନିଷ୍ଠ ଯନ୍ତ୍ରୀ ଧମକ ଦେଇଥିବା ସୋସିଆଲ ମିଡିଆରେ ଘୁରି ବୁଲୁଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ସୂଚନାରୁ ପ୍ରକାଶ କଳାହାଣ୍ଡି ଗୋଲାମୁଣ୍ଡା ବ୍ଲକର ଗଣ୍ଡାମେର ପଞ୍ଚାୟତ ବାବେଗୁଡା ଗ୍ରାମର ପାଞ୍ଚଜଣ ଚାଷୀ ମୁଚ କେତକୀ, ମୋହନ ଚରଣ କେତକୀ, ବରୁଣ କେତକୀ, ନେତ୍ରା କେତକୀ, ସାନୁର୍ଯ୍ୟ କେତକୀ ମିଶି ବୋରୱେଲ ଖୋଲିବାକୁ ଉଠା ଜଳସେଚନ ବିଭାଗ ନାମରେ ଅନଲାଇନ କରିଥିଲେ । ପାଞ୍ଚ ଜଣ ସହିତରେ ଆଉ ଜଣକୁ ସଂଯୋଗ କରିବାକୁ ବିଭାଗୀୟ ଯନ୍ତ୍ରୀ ୧୫୦୦ଟଙ୍କା ନେଉଥିବା ବେଳେ ପାଣି ପରୀକ୍ଷା କରିବା ପାଇଁ ଜଣ ପିଛା ୪୦୦ ଟଙ୍କା, ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୨୫୦୦ ରୁ ୩୦୦୦ ଟଙ୍କା ନେଉଥିବା ଚାଷୀଙ୍କ ଠାରୁ ପ୍ରକାଶ ପାଇଛି । ଏ ନେଇ ଗୋଲାମୁଣ୍ଡା ବ୍ଲକ ସାମ୍ବାଦିକ ଜନୈକ କୌଣସି ମତେ ଖବର ପାଇ ବିଭାଗୀୟ ଯନ୍ତ୍ରୀ ଫୋନ କରିଥିଲେ । ଯନ୍ତ୍ରୀ ଓଲଟା ଧମକ ଦେବା ସହ ଅନେକ ଦଲାଲ ମାନଙ୍କ ସହ ମିଶି ସାମ୍ବାଦିକଙ୍କୁ ବିଭିନ୍ନ ଭାଷାରେ ଗାଳିଗୁଲଜ କରିବାକୁ ପ୍ରେରଣା ଦେଉଛନ୍ତି ବୋଲି ସାମ୍ବାଦିକ ଭାଇ ଜଣକ ପ୍ରକାଶ କରିଛନ୍ତି ।

ଏହାର ଏକ ରେକର୍ଡିଙ୍ଗ କଲ ବିଭିନ୍ନ ସୋସିଆଲ ମିଡିଆରେ ଘୁରି ବୁଲୁଥିବା କଥା ମଧ କହିଛନ୍ତି । ଏଥିରୁ ଜଣା ପଡ଼ିଛି ଉଠା ଜଳସେଚନ ବିଭାଗର ଦୁର୍ନୀତି କେବଳ ଯନ୍ତ୍ରୀଙ୍କ ପାଖରେ ସୀମିତ ନୁହେଁ, ଏହା ତଳରୁ ଉପର ପର୍ଯ୍ୟନ୍ତ ସମସ୍ତେ ଏହି ଦୁର୍ନୀତିରେ ଲିପ୍ତ ଥିବା ଯୋଗୁଁ ଯନ୍ତ୍ରୀଙ୍କ ଖୁଲମଖୁଲା ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଧମକ ଦେବାକୁ ସାହସ କରୁଛନ୍ତି । ଚାଷୀଙ୍କୁ ଲୁଟି ଟଙ୍କାର ପାହାଡ଼ ତିଆରି କରୁଥିବା ଏହି ବିଭାଗ ନାମରେ ସବୁବେଳେ ଅଭିଯୋଗ ହୋଇଥାଏ । କିନ୍ତୁ ଚାଷୀଙ୍କ ଅଭିଯୋଗକୁ ସବୁବେଳେ ବିଭାଗୀୟ ଅଧିକାରୀ ମାନେ ଭିତ୍ତିହୀନ ଦର୍ଶାଇଥାନ୍ତି । ଉଠା ଜଳସେଚନ ବିଭାଗର ମାତ୍ର ଜଣେ ଯନ୍ତ୍ରୀ ସାମ୍ବାଦିକଙ୍କୁ ଯଦି ଧମକ ଦେଇ ପାରୁଛନ୍ତି, ତାହେଲେ ଚାଷୀଙ୍କ ଅବସ୍ଥା କିଭଳି ଥିବ ତାହା ସହଜେ ଅନୁମେୟ ଅଟେ । ତୁରନ୍ତ ରାଜ୍ୟ ସରକାର ଏହାର ଏକ ଭିଜିଲାନ୍ସ ସ୍ତରୀୟ ତଦନ୍ତ କଲେ ଉଠାଜଳସେଚନ ବିଭାଗର ଗୁମର ଖୋଲିବ ବୋଲି ସାମ୍ବାଦିକ ସମୂହ ଦାବି କରିଛନ୍ତି ।

# ସରକାରୀ ଓକିଲ ଓ ଅବକାରୀ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ

ପାରଳାଖେମୁଣ୍ଡି,୧୨ ।୩ (ନିପ୍ର): ମାମଲାର ସଠିକ ପରିଚାଳନା ଓ ଦଣ୍ଡାଦେଶବୃଦ୍ଧିକୁ ଗୁରୁତ୍ୱ ଆଜି ଦିବା ୪ଘଟିକା ସମୟରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱିତୀୟ ମହଲାରେ ଥିବା ଜିଲ୍ଲା ଅଭିଯୋଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଅବକାରୀ ବିଭାଗ, ଗୃହ ବିଭାଗ ତଥା ଅଭିଯୋଜନ ବିଭାଗର ମିଳିତ ପ୍ରୟାସରେ ଗଜପତି ଜିଲ୍ଲାରେ ଅବକାରୀ ମାମଲାରେ କିପରି ଦଣ୍ଡହାର ବୃଦ୍ଧି ପାଇବ ତଥା ଚୋରା ମଦ, ଗଞ୍ଜେଇ ଚାଲାଣ ରୋକା ଯାଇପାରିବ ସେ ନେଇ ଏକ ଦିନିକିଆ କର୍ମଶାଳା ଅବକାରୀ ବିଭାଗର ଏସ.ପି. ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଅଭିଯୋଜନ ବିଭାଗର ସହାୟକ ନିର୍ଦ୍ଦେଶକ ଡ଼ି. ଅନୁପରାଜ ଆଚାରି, ପୋଲିସ ବିଭାଗର ଡ଼ି.ଏସ.ପି. ଅମିତାଭ ପଣ୍ଡା, ଅବକାରୀ ବିଭାଗର ଡ଼ି.ଏସ.ପି. ବାଳକୃଷ୍ଣ ପରିଡ଼ା, ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର କେ. ତାତେୟା, ଗୌରହରି କରସୁଧା ପଟ୍ଟନାୟକ, ସରକାରୀ ଓକିଲ କାଶୀନାଥ ଦାସ, ସୌରଭ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଅବକାରୀ ମାମଲାରେ ଅଭିଯୋଜକ ତଥା ଅବକାରୀ ବିଭାଗର କର୍ମଚାରୀମାନେ ନ୍ୟାୟାଳୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ସେହିପରି ଏହି ପ୍ରସଙ୍ଗରେ ବିଶେଷ ଭାବେ ମାନ୍ୟବର ସୁପ୍ରିମକୋର୍ଟଙ୍କର ବିଭିନ୍ନ ଦିଶା ନିର୍ଦ୍ଦେଶ ଉପରେ ମଧ ଆଲୋଚନା କରାଯାଇ କିପରି ଦଣ୍ଡ ହାର ବୃଦ୍ଧି କରାଯାଇପାରିବ ତଥା ଗଞ୍ଜେଇ ଚାଲାଣ ମାମଲାରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ସେ ନେଇ ବିଶେଷ ଭାବେ ଆଲୋଚନା କରିଥିଲା । ସର୍ବଶେଷରେ କର୍ମଶାଳାର ସଫଳ ଆୟୋଜନ ନିମନ୍ତେ ଅବକାରୀ ଏସ.ପି. ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଭବିଷ୍ୟତରେ ପ୍ରତି ମାସରେ ଏହିଭଳି ସମୀକ୍ଷା ବୈଠକ କରିବା ନେଇ ସୂଚନା ଦେଇଥିଲେ ।




# ପୁରୀ: ପୋଲିସ ଦ୍ୱାରା ଅପରାଧ ସମୀକ୍ଷା

ପୁରୀ,୧୨ ।୩ (ନିପ୍ର): ପୋଲିସ ଦ୍ୱାରା ମାର୍ଚ୍ଚ ୨୦୨୬ ମାସିକ ଅପରାଧ ସମୀକ୍ଷା ବୈଠକ ପୁରୀ ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା । ଏହି ବୈଠକରେ ପୁରୀ ଏସ୍ପି ପ୍ରତୀକ ସିଂଙ୍କ ଅଧକ୍ଷତା କରିଥିଲେ । ବୈଠକରେ ପୁରୀ ଜିଲ୍ଲାର ବିଭିନ୍ନ ଥାନାର ଗତ ମାସର ଅପରାଧ ପରିସ୍ଥିତି, ଚାଲୁଥିବା ମାମଲାର ତଦନ୍ତ ପ୍ରଗତି, ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ସମୀକ୍ଷା କରାଯାଇଥିଲା । ଏହି ସଭାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଶ୍ରୀ ଦେବ ପ୍ରତାପ, ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ ସହିତ ସମସ୍ତ ସବ୍-ଡିଭିଜନର ଅଧିକାରୀ, ସମସ୍ତ ଥାନା ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପୁରୀ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ରକ୍ଷା ଓ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାମ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ତଦନ୍ତର ଗୁଣତ୍ୱ ବଢ଼ାଇବା, ସମୟରେ ଚାର୍ଜଶିଟ ଦାଖଲ କରିବା ଓ କୋର୍ଟରେ ମାମଲାକୁ ଦୃଢ ଭାବେ ପ୍ରସ୍ତୁତ କରିବାକୁ ଗୁରୁତ୍ୱ ଦେବାକୁ କହିଥିଲେ । ସେହିପରି ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଓ ବିଶ୍ୱାସ ଗଢ଼ି ଉଠିବା ପାଇଁ ସମସ୍ତ ପୋଲିସ କର୍ମଚାରୀଙ୍କୁ ସମ୍ମାନପୂର୍ଣ୍ଣ ଓ ସହାନୁଭୂତିଶୀଳ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା । ଆଧୁନିକ ପୋଲିସିଂ ପ୍ରଣାଳୀକୁ ଆହୁରି ସକ୍ରିୟ କରିବା ପାଇଁ ସିସିଟିଭି ମନିଟରିଂ, ସାଇବର ଟୁଲ୍, ଡିଜିଟାଲ ତଦନ୍ତ ପ୍ରଣାଳୀ ଓ ଡାଟା ବିଶ୍ଳେଷଣର ବ୍ୟବହାରକୁ ବଢ଼ାଇବାକୁ କୁହାଯାଇଥିଲା । ସନ୍ଦେହଜନକ ବ୍ୟକ୍ତି ଓ ଅପରାଧ ପ୍ରବଣ ଅଞ୍ଚଳରେ ନିୟମିତ ଚେକିଂ, ପ୍ୟାଟ୍ରୋଲିଂ ଓ ଇଣ୍ଟେଲିଜେନ୍ସ ସଂଗ୍ରହକୁ ଆହୁରି ଶକ୍ତିଶାଳୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁରୀ ଏକ ବିଶ୍ୱପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳ ହେବାରୁ ପର୍ଯ୍ୟଟକମାନଙ୍କ ସୁରକ୍ଷା, ଟ୍ରାଫିକ୍ ବ୍ୟବସ୍ଥାପନା ଓ ଆସନ୍ତା ବଡ଼ ପର୍ବପର୍ବାଣୀ ପାଇଁ ପୂର୍ବ ପ୍ରସ୍ତୁତି ନେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହା ସହ ଜରୁରୀ ସେବା ୧୧୨ କୁ ଶୀଘ୍ର ସେବା ଦେବା, କମ୍ୟୁନିଟି ପୋଲିସିଂକୁ ଆହୁରି ଶକ୍ତିଶାଳୀ କରିବା ଓ ପୋଲିସ କର୍ମଚାରୀମାନଙ୍କ କଲ୍ୟାଣ ଉପରେ ମଧ ଆଲୋଚନା କରାଯାଇଥିଲା ।



### ଧର୍ମ ନାମରେ ବଳି ନିଷେଧ କରିବାକୁ ଜନସ୍ୱାର୍ଥ ମାମଲା

# କେନ୍ଦ୍ରଠାରୁ ଜବାବ ଲୋଡ଼ିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୨।୩ : ଧର୍ମ ନାମରେ ବଳି ଉପରେ ରୋକ ଲଗାଇବା ପାଇଁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି । ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରି ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆବେଦନ ଓକିଲ ଶ୍ରୁତି ବିଷ୍ଟ ଦାଖଲ କରିଛନ୍ତି । ଆବେଦନରେ ଅଭିଯୋଗ କରାଯାଇଛି, ମନ୍ଦିରରେ ଏବଂ ଧାର୍ମିକ ରୀତିନୀତି ସମୟରେ ବଳି ଦେବା ମାମଲାରେ ସରକାରୀ ସ୍ତରରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଆବେଦନରେ ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନର ଧାରା ୨୮ ରେ ସଂଶୋଧନ ପାଇଁ ଦାବି କରାଯାଇଛି । ଏହି ବ୍ୟବସ୍ଥା କୌଣସି ଧାର୍ମିକ ପ୍ରଥା ସହିତ ସୁସଙ୍ଗତ ଭାବରେ ପ୍ରାଣୀ ହତ୍ୟାକୁ ଅପରାଧୀ ବିବେଚନା କରେ ନାହିଁ । ଆବେଦନକାରୀଙ୍କ ଯୁକ୍ତି ହେଉଛି, ଏହି ବ୍ୟବସ୍ଥା ପ୍ରାଣୀ ସୁରକ୍ଷାର ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରୁଛି ଏବଂ ସରକାରୀ ରାଜକୋଷ ତଥା ପ୍ରାଣୀ ଅଧିକାରକୁ କ୍ଷତି ପହଞ୍ଚାଉଛି । ଆବେଦନରେ ଧାର୍ମିକ ରୀତିନୀତି ସମୟରେ ବଳି ନିଷେଧ କରିବା ପାଇଁ କଠୋର ଆଇନ, ଜନସଚେତନତା ବୃଦ୍ଧି ଏବଂ ଅଣ-ସରକାରୀ ସଂଗଠନ ସହିତ ସହଯୋଗ ପାଇଁ ଦାବି କରାଯାଇଛି । ଆବେଦନରେ ଏହା ମଧ୍ୟ କୁହାଯାଇଛି, ସୁପ୍ରିମକୋର୍ଟ ପୂର୍ବରୁ ଅନେକ ମାମଲାରେ କହିସାରିଛନ୍ତି ଯେ, ପ୍ରତ୍ୟେକ ଜୀବର ନିଜ ଜୀବନ ବଞ୍ଚିବାର ଅଧିକାର ଅଛି । ପ୍ରାଣୀଙ୍କ ଜୀବନର ସୁରକ୍ଷା ମଧ୍ୟ ସମ୍ବିଧାନର ଧାରା ୨୧ର ବ୍ୟାପକ ପରିସର ମଧ୍ୟରେ ଅନ୍ତର୍ଭୁକ୍ତ । କୋର୍ଟ ଚାରି ସପ୍ତାହ ପରେ ପୁଣି ଥରେ ମାମଲାର ଶୁଣାଣି କରିବେ ।

# ‘ଦେଶରେ ପେଟ୍ରୋଲ-ଡିଜେଲ ଆଉ ଗ୍ୟାସର କୌଣସି ଅଭାବ ନାହିଁ’



ନୂଆଦିଲ୍ଲୀ, ୧୨।୩: ଏବେ ତ ସାରା ଭାରତରେ ଗ୍ୟାସ୍ ଆଉ ପେଟ୍ରୋଲ-ଡିଜେଲର ଅଭାବୀକୁ ନେଇ ଘମାସାନ ଲାଗି ରହିଛି । ଏହି ସମୟରେ ଆଜି ବିରୋଧୀ ଦଳର ସାଂସଦମାନେ କଥିତ ଏଲପିଜି ସିଲିଣ୍ଡର ସଙ୍କଟକୁ ନେଇ ସଂସଦରେ ପ୍ରତିବାଦ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ସରକାର ପେଟ୍ରୋଲ ଏବଂ ଏଲପିଜି ଷ୍ଟକ୍ ବିଷୟରେ ମିଛ କହୁଛନ୍ତି ଏବଂ ଜନସାଧାରଣଙ୍କୁ ଭ୍ରମିତ କରୁଛନ୍ତି । ସେମାନଙ୍କ କହିବା କଥା ଯେ, ଦେଶରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ଅଭାବ ରହିଛି । ତେଣୁ, ସରକାର ଆଗକୁ ଆସି ପରିସ୍ଥିତି ଉପରେ ସ୍ୱଷ୍ଟତା ଦିଅନ୍ତୁ । କଂଗ୍ରେସ ନେତା ରାହୁଲ ଗାନ୍ଧୀ ସରକାରଙ୍କୁ ଏଲପିଜି ଅଭାବର ସମାଧାନ ପାଇଁ ପ୍ରସ୍ତୁତ ରହିବାକୁ ଅନୁରୋଧ କରିଛନ୍ତି ଏବଂ ଆଲୋଚନା ପାଇଁ ଏକ ନୋଟିସ୍ ଦାଖଲ କରିଛନ୍ତି । ରାହୁଲ ଗାନ୍ଧୀଙ୍କ ନୋଟିସ୍ ପରେ, ସଂସଦ ଗ୍ୟାସ୍ ସଙ୍କଟ ଉପରେ ଆଲୋଚନା କରିବାକୁ ରାଜି ହୋଇଛି । ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ପୁରୀ ଆଜି ସଂସଦରେ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇଛନ୍ତି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଭାରତକୁ ମଧ୍ୟ ପ୍ରଭାବିତ କରୁଛି । ଦେଶରେ ଏଲପିଜି ଗ୍ୟାସ୍ ଅଭାବର ରିପୋର୍ଟ ମଧ୍ୟରେ, ସରକାରଙ୍କ ପକ୍ଷରୁ ଏକ ପ୍ରମୁଖ ବିବୃତ୍ତି ଜାରି କରାଯାଇଛି । ଦେଶର ଗ୍ୟାସ୍ ଏବଂ ଅଶୋଧିତ ତୈଳ ଯୋଗାଣ ସମ୍ପୂର୍ଣ୍ଣ ସୁରକ୍ଷିତ । ଦୁଇଟି ଏଲଏନଜି କାର୍ଗୋ ଭାରତ ଆଡକୁ ମୁହାଁଇଛି, ଏବଂ ଖୁବ୍ ଶୀଘ୍ର ପହଞ୍ଚିବ । ମନ୍ତ୍ରଣାଳୟ କହିଛି ଯେ, ବିଚଳିତ ହୋଇ ଏଲପିଜି ସିଲିଣ୍ଡର ବୁକ୍ କରିବାର କୌଣସି ଆବଶ୍ୟକତା ନାହିଁ । ତଥାପି, ଦେଶର ଅନେକ ସହରରେ ଗ୍ୟାସ ସିଲିଣ୍ଡର ପାଇଁ ଲମ୍ୱା ଧାଡ଼ି ଏବେ ବି ଦେଖିବାକୁ ମିଳୁଛି । ଲୋକମାନେ ସିଲିଣ୍ଡର ପାଇବା ପାଇଁ ବ୍ୟଗ୍ର, ଏବଂ ଲୋକମାନେ ସେଗୁଡ଼ିକୁ ପାଇବା ପାଇଁ ସଂଘର୍ଷ ମଧ୍ୟ କରୁଛନ୍ତି । ପରିସ୍ଥିତି ଏତେ ଭୟଙ୍କର ଯେ ଲୋକମାନେ ଗ୍ୟାସ ସିଲିଣ୍ଡର ଗଚ୍ଛିତ କରିବାକୁ ବାଧ୍ୟ ହୋଇଛନ୍ତି, ଯାହା ଫଳରେ ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିଛି । ସରକାର ମହଜୁଦକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ୮ ରୁ ୧୦ ଗୁଣା ବଢିଲା ଗ୍ୟାସ୍ ବୁକିଂ କଲ୍, ‘ଇଣ୍ଡେନ’ର ସିଷ୍ଟମ କ୍ରାସ୍



ନୂଆଦିଲ୍ଲୀ, ୧୨।୩: ସାରା ବିଶ୍ୱରେ ଯୁଦ୍ଧ ଏବଂ ବୃଦ୍ଧି ପାଉଥିବା ଆନ୍ତର୍ଜାତୀୟ ଉତ୍ତେଜନା ଯୋଗୁଁ, ଘରୋଇ ଏଲପିଜି ଗ୍ୟାସ ସିଲିଣ୍ଡରର ଚାହିଦା ହଠାତ୍ ବୃଦ୍ଧି ପାଇଛି । ଏହି କାରଣରୁ ହଠାତ ଗ୍ୟାସ୍ ବୁକିଂ କଲ ବି ବହୁ ମାତ୍ରାରେ ବଢି ଯାଇଛି । ମନି କନଟ୍ରୋଲର ସୂଚନା ଅନୁସାରେ, ସାଧାରଣ ଦିନ ତୁଳନାରେ ଏବେ ବୁକିଂ ସିଷ୍ଟମ ପାଇଁ ୮ ରୁ ୧୦ ଗୁଣା କଲ୍ ବୃଦ୍ଧି ପାଇଛି, ଯାହା ଫଳରେ ସିଷ୍ଟମ କିଛି ସମୟ ପାଇଁ କ୍ରାସ୍ ହୋଇଯାଇଥିଲା । ଏହି ଯାନ୍ତ୍ରିକ ସମସ୍ୟା ଯୋଗୁଁ, ଅନେକ ଲୋକ ଫୋନ୍, ଆପ୍ କିମ୍ବା ୱେବସାଇଟ୍ ମାଧ୍ୟମରେ ସିଲିଣ୍ଡର ବୁକ୍ କରିପାରିଲେ ନାହିଁ ।

## ଡଲାର ତୁଳନାରେ ଟଙ୍କାର ବଡ଼ ବିପର୍ଯ୍ୟୟ: ୯୨.୩୬ ସ୍ତରରେ ପହଞ୍ଚିଲା

ମୁମ୍ବାଇ, ୧୨।୩: ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟରେ ଏକ ବଡ଼ ଧରଣର ହ୍ରାସ ଘଟିଛି । ଗୁରୁବାର କାରବାର ସମୟରେ ଟଙ୍କା ଏହାର ସର୍ବକାଳୀନ ସର୍ବନିମ୍ନ ସ୍ତର ୯୨.୩୬ କୁ ଖସି ଆସିଛି । ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଏବଂ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ଭାରତୀୟ ମୁଦ୍ରା ଉପରେ ଏହି ଚାପ ପଡ଼ିଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଟପିଯିବା ଫଳରେ ଭାରତୀୟ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି । ଇରାନ ଜଳସୀମାରେ ଦୁଇଟି ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ପରେ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କାରେ ତୈଳ ଦର ଆକାଶଛୁଆଁ ହୋଇଛି । ଭାରତ ତାର ଆବଶ୍ୟକତାର ପ୍ରାୟ ୮୦ ପ୍ରତିଶତ ତୈଳ ଆମଦାନୀ କରୁଥିବାରୁ, ଡଲାରର ଚାହିଦା ବୃଦ୍ଧି ପାଇଛି ଯାହା ଟଙ୍କାକୁ ଦୁର୍ବଳ କରିଦେଇଛି । ଭୂ-ରାଜନୈତିକ ସଙ୍କଟ ଯୋଗୁଁ ନିବେଶକମାନେ ନିରାପଦ ନିବେଶ ଭାବେ ଡଲାରକୁ ବାଛୁଛନ୍ତି । ବିଦେଶୀ ସଂସ୍ଥାଗତ ନିବେଶକମାନେ ଭାରତୀୟ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରିବା ଫଳରେ ଟଙ୍କା ଉପରେ ଚାପ ବଢୁଛି ।

## ଇରାନରେ ଫସିଛନ୍ତି ୯୦୦୦ ଭାରତୀୟ

ତେହରାନ/ନୂଆଦିଲ୍ଲୀ, ୧୨।୩: ଇରାନରେ ୯୦୦୦ ଭାରତୀୟ ଫସି ରହିଛନ୍ତି । ଏନେଇ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ସୂଚନା ଦେଇ କହିଛନ୍ତି, ଏହି ୯ ହଜାରଙ୍କ ମଧ୍ୟରେ ଛାତ୍ର, ବ୍ୟବସାୟୀ, କର୍ମଜୀବୀ ଏବଂ ତୀର୍ଥଯାତ୍ରୀ ଫସି ରହିଛନ୍ତି । ଅନେକ ଭାରତୀୟ ନାଗରିକ ଓ ଅଧିକାଂଶ ଛାତ୍ର ଘରକୁ ଫେରିଛନ୍ତି । ତେହରାନରେ ରହୁଥିବା ଅନ୍ୟ ସୁରକ୍ଷିତ ସ୍ଥାନ ଓ ସହରଗୁଡ଼ିକୁ ଅନେକଙ୍କୁ ସ୍ଥାନାନ୍ତରିତ କରାଯାଇଛି । ଯେଉଁମାନେ ଆଜରବାଇଜାନ ଏବଂ ଆର୍ମେନିଆ ଦେଇ ଯିବାକୁ ଚାହୁଁଛନ୍ତି ସେମାନଙ୍କୁ ଭିଜା ଏବଂ ସ୍ଥଳ ସୀମା କ୍ରସିଂ ସହିତ ସହାୟତା କରୁଛୁ ଯାହା ଦ୍ୱାରା ସେମାନେ ବାଣିଜ୍ୟ ବିମାନରେ ଫେରିପାରିବେ । ତେହରାନରେ ଆମର ମିଶନ ସମ୍ପ୍ରଦାୟ ସହିତ ନିରନ୍ତର ଯୋଗାଯୋଗରେ ରହିଛି ଏବଂ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରୁଛି । ଇରାନ ବୈଦେଶିକ ମନ୍ତ୍ରୀଙ୍କ ସହ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ୩ ଥର ଆଲୋଚନା କରିଛନ୍ତି ।

## ରାହୁଲଙ୍କୁ ସମାଲୋଚନା କଲେ ଓମ ବିର୍ଲା

ନୂଆଦିଲ୍ଲୀ ୧୨।୩: ସଂସଦରେ ଅନାସ୍ଥା ପ୍ରସ୍ତାବ ବାଚନିକ ଭୋଟରେ କାଟ ଖାଇବା ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିରୋଧୀଙ୍କ ପକ୍ଷପାତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଗୁରୁବାର ସେ ଲୋକସଭା ବାଚସ୍ପତି ଭାବରେ କାର୍ଯ୍ୟ ଆରମ୍ଭ କରିବା ପରେ କହିଛନ୍ତି ଯେ, ଲୋକସଭାରେ ତାଙ୍କ କାର୍ଯ୍ୟକଳାପ ନିରପେକ୍ଷ ଥିଲା । ସେ ସର୍ବଦା ନିଶ୍ଚିତ କରିବାକୁ ଚେଷ୍ଟା କରନ୍ତି ଯେପରି ପ୍ରତ୍ୟେକ ସାଂସଦ ଲୋକସଭାରେ ନିଜର ମତ ବ୍ୟକ୍ତ କରିପାରିବେ । ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରି ବିର୍ଲା କହିଛନ୍ତି, କିଛି ସଦସ୍ୟ ମତ ଦେଉଛନ୍ତି ଯେ ଲୋକସଭାରେ ବିରୋଧୀ ଦଳ ନେତା (ଏଲ୍ଓପି) ଗୃହର ଉର୍ଦ୍ଧ୍ୱରେ ଏବଂ ସେ ଯେକୌଣସି ପ୍ରସଙ୍ଗରେ କହିପାରିବେ । କିନ୍ତୁ ସେପରି କୌଣସି ବିଶେଷ ସୌଭାଗ୍ୟ କାହାର ନାହିଁ । ଗୃହ ଏହାର ନିୟମ ଅନୁଯାୟୀ ଚାଲିଥାଏ ବୋଲି ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ବିର୍ଲା କହିଛନ୍ତି । ଏପରିକି ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ବିବୃତି ଦେବା ପାଇଁ ଗୃହ ନିୟମ ଅନୁଯାୟୀ ନୋଟିସ୍ ଦେବାକୁ ପଡିବ ବୋଲି ସେ କହିଛନ୍ତି । ବୁଧବାର ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଲୋକସଭାରେ ୧୨ ଘଣ୍ଟା ଧରି ବିତର୍କ ଚାଲିବା ପରେ ସ୍ୱର ଭୋଟ୍ ଦ୍ୱାରା ଏହା ଖାରଜ ହୋଇଯାଇଥିଲା ।

## ଗ୍ୟାସ୍ ପାଇପଲାଇନ୍ ଓ ଟ୍ୟାଙ୍କରକୁ ଉଡ଼ାଇଲେ ବଲୁଚ ବିଦ୍ରୋହୀ

ଇସଲାମାବାଦ, ୧୨।୩: ସାରା ବିଶ୍ୱରେ ଇନ୍ଧନ ସଙ୍କଟ ଘନଉଥିବା ବେଳେ ପାକିସ୍ତାନ ଏବେ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ବଲୁଚିସ୍ତାନର ସ୍ୱାଧୀନତା ପାଇଁ ଲଢୁଥିବା ସଂଗଠନଗୁଡ଼ିକ ପକ୍ଷରୁ କରାଯାଇଥିବା ସିରିଜ୍ ଆକ୍ରମଣରେ ପାକିସ୍ତାନୀ ସେନା ଛତ୍ରଭଙ୍ଗ ଦେଇଥିବା ବେଳେ ଦେଶର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଗ୍ୟାସ୍ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବଲୁଚ୍ ରିପବ୍ଲିକାନ୍ ଗାର୍ଡସ୍ (ବିଆରଜି) ବୁଧବାର ସନ୍ଧ୍ୟାରେ ସିନ୍ଧ ପ୍ରଦେଶର କାଶମୋର ଅଞ୍ଚଳରେ ଏକ ଭୟଙ୍କର ବିସ୍ଫୋରଣ କରିଛି । ସୁଇ ଗ୍ୟାସ୍ କ୍ଷେତ୍ରରୁ କରାଚୀକୁ ଇନ୍ଧନ ନେଇଯାଉଥିବା ୩୬ ଇଞ୍ଚର ପ୍ରମୁଖ ପାଇପଲାଇନକୁ ବିସ୍ଫୋରକ ଦ୍ୱାରା ଉଡ଼ାଇ ଦିଆଯାଇଛି ।

### ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ପରିବର୍ତ୍ତନ

# ନୂତନ ରାଜ୍ୟପାଳ ଭାବରେ ଶପଥ ନେଲେ ଆରଏନ୍ ରବି



ନୂଆଦିଲ୍ଲୀ, ୧୨।୩: ପଶ୍ଚିମବଙ୍ଗର ନୂତନ ରାଜ୍ୟପାଳ ରବିନ୍ଦ୍ର ନାରାୟଣ ରବି କୋଲକାତାର ଲୋକଭବନରେ ଶପଥ ଗ୍ରହଣ କରିଛନ୍ତି । ତାଙ୍କୁ କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତି ସୁଜୋୟ ପାଲ୍ ଶପଥ ପାଠ କରାଇଛନ୍ତି । ଶପଥ ଗ୍ରହଣର ସମାରୋହରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀ, ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ, ଲେଫ୍ଟ ଫ୍ରଣ୍ଟର ଚେୟାରମ୍ୟାନ୍ ବିମାନବୋସ୍ ଏବଂ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଶପଥ ଗ୍ରହଣ ନେଇ ଧାର୍ଯ୍ୟ ସମୟ ୧୧ଟା ୩୦ ମିନିଟରେ ଆରମ୍ଭ ହୋଇଥିଲା । ତା ପୂର୍ବରୁ ବନ୍ଦେ ମାତରମ୍ ଓ ପରେ ଜାତୀୟ ସଙ୍ଗୀତ ବାଜିଥିଲା । ଶପଥ ନେବାପରେ ନୂଆ ଗର୍ଭନର ମୁଖ୍ୟମନ୍ତ୍ରୀ ଓ ଅତିଥିଙ୍କ ସହିତ ଆଲୋଚନା କରିଥିଲେ । ଶପଥ ଗ୍ରହଣ ପରେ ରାଜ୍ୟପାଳ କହିଛନ୍ତି, ମୁଁ ଖୁବ୍ ଭାଗ୍ୟବାନ ମନେ କରୁଛି । ମୋତେ ପଶ୍ଚିମବଙ୍ଗର ଲୋକଙ୍କ ସେବା କରିବାର ସୁଯୋଗ ମିଳିଛି । ଏହା ଏକ ମହାନ ଭୂମି, ଯାହାକି ବହୁ ହଜାର ବର୍ଷରୁ ଭାରତର ଆଧାତ୍ମିକ, ବୌଦ୍ଧିକ ଓ ସାଂସ୍କୃତିକ ରାଜଧାନୀ ରହିଛି । ସେ କହିଛନ୍ତି,ଏହା ହେଉଛି ସେହି ଭୂମି ଯେଉଁଠି ବହୁ ହଜାର ବର୍ଷ ପୂର୍ବରୁ ବେଦର ଶ୍ୱାଶତ ଜ୍ଞାନ ଫଳ-ଫୁଲ, ଯେଉଁଠି ଗୌତମ ବୁଦ୍ଧ ଶିକ୍ଷାର ନୂତନ ଭାଗ ମିଳିଛି, ଯେଉଁଠି ଭକ୍ତିର ମହାନ ପରମ୍ପରା ସୃଷ୍ଟି ହୋଇଛି । ଯାହାକି ରାଷ୍ଟ୍ରୀୟ ସ୍ୱାଧୀନତାର ଆନ୍ଦୋଳନକୁ ଆଗକୁ ବଢାଇଛି । ରାଜ୍ୟପାଳ କହିଛନ୍ତି, ବିଦେଶୀ ଓ ଦଖଲର ଖରାପ ସମୟ ରହିଛି, ଯାହାକି ଆମର ସଂସ୍କୃତି ଓ ପରିଚୟକୁ ବ୍ୟବସ୍ଥିତ ଭାବରେ ନଷ୍ଟ କରିବା ଆରମ୍ଭ କରିଦେଇଛି । ଏହି ଭୂମି ଚୈତନ୍ୟ ମହାପ୍ରଭୁ, ଭଗବାନ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ବାବୁ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରି ଅନେକ ମହାନ ବ୍ୟକ୍ତି ଏବଂ ଦିବ୍ୟ ଆତ୍ମାଙ୍କୁ ଜନ୍ମ ଦେଇଛି, ଯାହାଙ୍କ ବନ୍ଦେ ମାତରମ୍ ଆମ ଜାତୀୟ ସ୍ୱାଧୀନତା ଆନ୍ଦୋଳନର ସ୍ଲୋଗାନ ପାଲଟିଥିଲା, ମହାନ କବି-ବୁଦ୍ଧିଜୀବୀ ଗୁରୁଦେବ ରବିନ୍ଦ୍ରନାଥ ଟାଗୋର, ବିପ୍ଳବୀ ଆଧାତ୍ମିକ ନେତା ଶ୍ରୀ ଅରବିନ୍ଦ ଏବଂ ମହାନ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ।

## ହର୍ମୁଜ୍ ପ୍ରଣାଳୀ ପାର ହୋଇ ମୁମ୍ବାଇ ପହଞ୍ଚିଲା ପ୍ରଥମ ତୈଳ ଟ୍ୟାଙ୍କର୍



ନୂଆଦିଲ୍ଲୀ, ୧୨।୩: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଜଣେ ଭାରତୀୟଙ୍କ ନେତୃତ୍ୱରେ ଲାଇବେରିଆର ପତାକା ଥିବା ଏକ ଅଶୋଧିତ ତୈଳ ଟ୍ୟାଙ୍କର୍ ରଣନୀତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରି ମୁମ୍ବାଇ ବନ୍ଦରରେ ପହଞ୍ଚିଛି । ମୁମ୍ବାଇ ପୋର୍ଟ ଟ୍ରଷ୍ଟ ଅନୁଯାୟୀ, ସାଉଦି ଆରବର ରାସ୍ ତନୁରା ବନ୍ଦରରେ ଅଶୋଧିତ ତୈଳ ବୋଝେଇ ଟ୍ୟାଙ୍କର୍ ସେନଲଙ୍ଗ୍ ସୁଏଜମାକ୍ସ ମୁମ୍ବାଇରେ ପହଞ୍ଚିଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଓ ତାଙ୍କ ଇରାନ ପ୍ରତିପକ୍ଷ ଅବ୍ବାସ ଆରାଘଚିଙ୍କ ମଧ୍ୟରେ ଆଲୋଚନା ପରେ ଇରାନ ଭାରତୀୟ ତୈଳ ଟ୍ୟାଙ୍କରଗୁଡ଼ିକୁ ହର୍ମୁଜ୍ ଷ୍ଟ୍ରେଟ୍ ଅତିକ୍ରମ କରିବାକୁ ଅନୁମତି ଦେବା ପରେ ଏହି ଜାହାଜ ପହଞ୍ଚିଛି ବୋଲି ସୂତ୍ରରୁ ଜଣାପଡ଼ିଛି ।

### ମଧ୍ୟପ୍ରାଚ୍ୟ ଯୁଦ୍ଧରେ ୟୁଏଇରେ ହାହାକାର

# ଅଢେଇ ଶହ ଟଙ୍କା ଛୁଇଁଲା ଟମାଟୋ

ନୂଆଦିଲ୍ଲୀ, ୧୨/୩ : ମଧ୍ୟପ୍ରାଚ୍ୟ ଯୁଦ୍ଧରେ ସାରା ବିଶ୍ୱରେ ହାହାକାର । ହୋର୍ମୁଜ ପ୍ରାଣାଳୀରେ ବାଟ ଜଗିଛି ଇରାନ । ବିଶ୍ୱ ବଜାରରେ ତୈଳ ଦରରେ ନିଆଁ । ରନ୍ଧନ ଗ୍ୟାସ୍ ଠାରୁ ନେଇ ଖାଇବା ତେଲ ଯାଏଁ ସବୁ ମହଙ୍ଗା । ସାରା ବିଶ୍ୱ ପାଇଁ ଏବେ ଟେନସନ୍ ପାଲଟିଛି ୩ କିମିର ଏହି ସଂକୀର୍ଣ୍ଣ ରାସ୍ତା । ୟୁଏଇରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ମହାପ୍ରଭାବ । ମହଙ୍ଗା ମାଡ଼ରେ ସନ୍ତୁଳି ହେଉଛନ୍ତି ଲୋକେ । ଟମାଟୋ ଏବଂ ପିଆଜ ଦର ଆକାଶ ଛୁଆଁ । ଦୁଇ ଦିନ ଭିତରେ ୟୁଏଇ କିଚେନ୍‌ରୁ ଗାଏବ ହୋଇଗଲାଣି ପରିବା । ସୁପରମାର୍କେଟ୍‌ରେ ଟମାଟୋ କିଲୋ ପିଛା ଅଢେଇ ଶହ ଟଙ୍କାରେ ବିକ୍ରି । ୧୭୫ ଟଙ୍କା ଛୁଇଁଲାଣି ପିଆଜ । ଦୁବାଇର ଜଣେ ବ୍ୟକ୍ତି ଅବଦୁଲ୍ଲାଙ୍କ କହିବା ଅନୁଯାୟୀ, ମଧ୍ୟପ୍ରାଚ୍ୟରେ ଅଶାନ୍ତି ଆରମ୍ଭ ହେବା ଦିନଠୁ ଦରଦାମ୍ ବଢିବା ଆରମ୍ଭ ହୋଇଛି । କିଛି ଫଳ ଏବଂ ପରିବା ଦର ଅଚାନକ ବୃଦ୍ଧି ଘଟିଛି । ୟୁଏଇର ଅର୍ଥ ମନ୍ତ୍ରାଳୟ ଦରଦାମ୍ ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟିମ୍ ଗଠନ କରିଛି । ଏହି ଟିମ୍ ପ୍ରତିଦିନ ବିଭିନ୍ନ ସ୍ଥାନରେ ରେଡ୍ କରୁଛନ୍ତି । ଦରଦାମ୍ ନିୟନ୍ତ୍ରଣ ପାଇଁ ଅଧିକରୁ ଅଧିକ ଆମଦାନୀ କରାଯାଉଛି । କଳାବଜାର ରୋକିବାକୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ରିପୋର୍ଟ ଅନୁଯାୟୀ, ୟୁଏଇରେ ଖାଇବା ତେଲ, ଦୁଗ୍ଧ ଜାତୀୟ ଜିନିଷ, ଚାଉଳ, ଚିନି, କୁକୁଡ଼ା ପାଳନ, ଡାଲି, ରୁଟି, ଏବଂ ଗହମ ଦର ସରକାର ନିୟନ୍ତ୍ରଣ କରନ୍ତି ।

## ଆମ ଦ୍ୱୀପପୁଞ୍ଜ ଉପରେ ଆକ୍ରମଣ ହେଲେ, ରକ୍ତରେ ଲାଲ୍ ହେବ ପାର୍ସିଆନ ଉପସାଗର: ଇରାନ



ନୂଆଦିଲ୍ଲୀ, ୧୨।୩: ଇରାନର ଦ୍ୱୀପ ଗୁଡିକ ଉପରେ ଯଦି କୌଣସି ଆକ୍ରମଣ ହୁଏ, ତେବେ ଆକ୍ରମଣକାରୀଙ୍କ ରକ୍ତରେ ଲାଲ୍ ହେବ ପାର୍ସିଆନ ଉପସାଗର । ଯୁଦ୍ଧର ଘନଘଟା ଭିତରେ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକିର କାଲିବାଫ ଗୁରୁବାର ଏଭଳି ଚରମବାଣୀ ଶୁଣାଇଛନ୍ତି । ଇରାନରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଏହି ଚେତାବନୀ ଉତ୍ତେଜନାକୁ ଆହୁରି ବୃଦ୍ଧି କରିବ ବୋଲି ଆଶା କରାଯାଉଛି । କେଉଁ ନିର୍ଦ୍ଦିଷ୍ଟ ଘଟଣା କାଲିବାଫଙ୍କ ମନ୍ତବ୍ୟକୁ ପ୍ରେରଣା ଦେଇଥିଲା ତାହା ସ୍ପଷ୍ଟ ହୋଇନାହିଁ । ତଥାପି, ଏହି ବିବୃତ୍ତି ଇରାନ ଏବଂ ଅନ୍ୟ ଦେଶ ମଧ୍ୟରେ ବଢୁଥିବା ଭୂରାଜନୈତିକ ଉତ୍ତେଜନାକୁ ସୂଚାଇଥାଏ । ଐତିହାସିକ ଭାବରେ, ୧୯୭୧ ମସିହାରେ ଇରାନ ଗଠନ ହେବା ପୂର୍ବରୁ ସଂଯୁକ୍ତ ଆରବ ଏମିରେଟ୍ସ ଠାରୁ ତିନୋଟି ଦ୍ୱୀପକୁ ନିୟନ୍ତ୍ରଣ କରିଥିଲା । ଏହି ଦ୍ୱୀପପୁଞ୍ଜ ଗୁଡ଼ିକ ପାରସ୍ୟ ଉପସାଗରରେ ରଣନୈତିକ ଗୁରୁତ୍ୱ ରଖନ୍ତି । ଏହି ସମୟରେ, ଅନୁମାନ କରାଯାଉଛି ଯେ ଆମେରିକା ଇରାନର ମୁଖ୍ୟ ତୈଳ ଟର୍ମିନାଲର ଘର, ପାରସ୍ୟ ଉପସାଗରରେ ଖାର୍ଗ ଦ୍ୱୀପକୁ ଟାର୍ଗେଟ କରିପାରେ । ଖାର୍ଗ ଦ୍ୱୀପ ଇରାନର ତୈଳ ରପ୍ତାନି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର, ଏବଂ ଏହା ଉପରେ ଯଦି ଯେକୌଣସି ଆକ୍ରମଣ ହୁଏ ତେବେ ଇରାନର ଅର୍ଥନୀତି ଉପରେ ଗମ୍ଭୀର ପ୍ରଭାବ ପକାଇପାରେ । ଇରାନ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଦୀର୍ଘ ଦିନ ଧରି ଉତ୍ତେଜନାପୂର୍ଣ୍ଣ ରହିଛି, ବିଶେଷକରି ୨୦୧୮ ମସିହାରେ ଆମେରିକା ରାଷ୍ଟ୍ରପତି ଇରାନ ପରମାଣୁ ଚୁକ୍ତିରୁ ଆମେରିକାକୁ ଓହରି ଯିବା ପରେ । ସାମ୍ପ୍ରତିକ ବର୍ଷ ଗୁଡ଼ିକରେ, ଦୁଇ ଦେଶ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ସାମରିକ ମୁକାବିଲା ହୋଇ ନଥିବା ବେଳେ, ପରୋକ୍ଷ ସଂଘର୍ଷ ଏବଂ ଉତ୍ତେଜନା ଜାରି ରହିଛି । ଇରାନର ଆଞ୍ଚଳିକ ପ୍ରଭାବ ଏବଂ ପରମାଣୁ କାର୍ଯ୍ୟକ୍ରମ ବିଷୟରେ ପାଶ୍ଚାତ୍ୟ ଚିନ୍ତା ରହିଛି ।

## ୭ ବର୍ଷ ପରେ ଜେଲରୁ ମୁକ୍ତ ହେବେ ଶବିର ଶାହ

ନୂଆଦିଲ୍ଲୀ, ୧୨।୩: ସୁପ୍ରିମକୋର୍ଟ ଆତଙ୍କବାଦୀଙ୍କୁ ପାଣ୍ଠି ମାମଲାରେ ଜମ୍ମୁ ଓ କାଶ୍ମୀରର ପ୍ରମୁଖ ବିଚ୍ଛିନ୍ନତାବାଦୀ ନେତା ଶବିର ଅହମ୍ମଦ ଶାହଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଏହି ନିଷ୍ପତ୍ତିକୁ ୨୦୧୯ ମସିହାରୁ ଜେଲରେ ଥିବା ଶାହଙ୍କ ପାଇଁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ଭାବରେ ଦେଖାଯାଉଛି । ଏବେ ୭ ବର୍ଷ ପରେ ସେ ଜେଲରୁ ମୁକ୍ତ ହେବେ । ଏହି ମାମଲା କେବଳ ଜଣେ ବ୍ୟକ୍ତିଙ୍କ ମୁକ୍ତି ବିଷୟରେ ନୁହେଁ, ବରଂ ଏହା କୋର୍ଟ କାର୍ଯ୍ୟରେ ବିଳମ୍ବ ତଥା ବିଚାରାଧୀନ କଏଦୀଙ୍କ ମୌଳିକ ଅଧିକାର ଉପରେ ଏକ ଗମ୍ଭୀର ଟିପ୍ପଣୀ ପ୍ରଦାନ କରିଛି । ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ନ୍ୟାୟରେ ବିଳମ୍ବ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି କହି ଟ୍ରାଏଲ୍ ବ୍ୟବସ୍ଥାକୁ ଭର୍ତ୍ସନା କରିଛନ୍ତି ।

### ଯୁଦ୍ଧ ନିଆଁରେ ଜଳି ମରୁଛନ୍ତି ଶିଶୁ

# ୧୧ ଶହରୁ ଅଧିକ ପିଲାଙ୍କ ଜୀବନ ବିପଦରେ



ନୂଆଦିଲ୍ଲୀ, ୧୨।୩: ପଶ୍ଚିମ ଏସିଆରେ ବଢୁଥିବା ଯୁଦ୍ଧର ଘନଘଟା ଭିତରେ ଏବେ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ଏଠାକାର କୋମଳମତି ଛୋଟଛୋଟ ପିଲାମାନେ ଯୁଦ୍ଧରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି । ଜାତିସଂଘର ଶିଶୁ ସଂସ୍ଥା (ୟୁନିସେଫ୍) ସତର୍କ କରାଇ ଦେଇଛି ଯେ, କ୍ରମାଗତ ଭାବରେ ବଢୁଥିବା ହିଂସା ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଜୀବନ ବିପଦରେ ଅଛି । ଏହି ସମୟରେ, ଇରାନର ରାଷ୍ଟ୍ରପତି ମଧ୍ୟ ଶାନ୍ତିର କଥା କହିଛନ୍ତି ଏବଂ ଯୁଦ୍ଧ ସମାପ୍ତ କରିବା ପାଇଁ କିଛି ସର୍ତ୍ତ ରଖିଛନ୍ତି । ୟୁନିସେଫ୍ କହିଛି ଯେ, ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢୁଥିବା ସଂଘର୍ଷ ସମଗ୍ର ପଶ୍ଚିମ ଏସିଆର ପିଲା ମାନଙ୍କ ପରିସ୍ଥିତିକୁ ଅସ୍ତବ୍ୟସ୍ତ କରିଦେଇଛି । ଏଜେନ୍ସି ଅନୁଯାୟୀ, ଫେବୃଆରୀ ୨୮ ତାରିଖରୁ ହିଂସାରେ ଏଯାଏଁ ୧୧୦୦ ରୁ ଅଧିକ ପିଲା ଆହତ କିମ୍ବା ନିହତ ହୋଇଛନ୍ତି । ଏଥିମଧ୍ୟରୁ ଇରାନରେ ପ୍ରାୟ ୨୦୦ ପିଲାଙ୍କ ମୃତ୍ୟୁ ହୋଇଥିବା ବେଳେ ଲେବାନନରେ ୯୧ ପିଲାଙ୍କ ମୃତ୍ୟୁ ହୋଇଛି । ଏହା ସହିତ, ଇସ୍ରାଏଲରେ ୪ ଜଣ ଏବଂ କୁୱେତରେ ଜଣେ ପିଲାଙ୍କ ମୃତ୍ୟୁ ହୋଇଛି । ୟୁନିସେଫ୍ ଚେତାବନୀ ଦେଇଛି ଯେ, ଯଦି ଏହି ହାରରେ ହିଂସା ଜାରି ରହେ, ତେବେ ମୃତ ଏବଂ ଆହତ ପିଲାଙ୍କ ସଂଖ୍ୟା ଆହୁରି ବଢ଼ିପାରେ । ସଂଗଠନ ଏହା ମଧ୍ୟ କହିଛି ଯେ, ଏହି ସଙ୍କଟ ଯୋଗୁଁ ଲକ୍ଷ ଲକ୍ଷ ପିଲା ସ୍କୁଲ ଯାଇପାରୁନାହାଁନ୍ତି । ନିରନ୍ତର ବୋମାମାଡ଼ ଯୋଗୁଁ ଲକ୍ଷ ଲକ୍ଷ ପରିବାର ଘରୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି ଏବଂ ଲକ୍ଷ ଲକ୍ଷ ପିଲା ବାସହୀନ ହୋଇଛନ୍ତି । ୟୁନିସେଫ୍ କହିଛି ଯେ, ପିଲା ମାନଙ୍କୁ ହତ୍ୟା କିମ୍ବା ଆହତ କରିବା କୌଣସି ପରିସ୍ଥିତିରେ ଯଥାର୍ଥ ହୋଇପାରିବ ନାହିଁ । ସଂଗଠନ ଏହା ମଧ୍ୟ କହିଛି ଯେ, ପିଲାମାନଙ୍କ ପାଇଁ ଅତ୍ୟାବଶ୍ୟକୀୟ ସେବା ଗୁଡ଼ିକୁ ନଷ୍ଟ କରିବା କିମ୍ବା ବାଧା ସୃଷ୍ଟି କରିବା ମଧ୍ୟ ଭୁଲ । ୟୁନିସେଫ୍ ଅନୁଯାୟୀ, ସମଗ୍ର ଅଞ୍ଚଳରେ ପ୍ରାୟ ୨୦ କୋଟି ପିଲା ଅଛନ୍ତି ଏବଂ ସେମାନେ ଆଶା କରୁଛନ୍ତି ଯେ, ବିଶ୍ୱ ଶୀଘ୍ର ପଦକ୍ଷେପ ନେବ । ଏହି ସମୟରେ, ମାସୁଦ୍ ପେଜେସ୍କିୟାନ୍ କହିଛନ୍ତି ଯେ ତେହେରାନ୍ ଶାନ୍ତି ପାଇଁ ପ୍ରତିବଦ୍ଧ । ସେ କହିଛନ୍ତି ଯେ ଯୁଦ୍ଧ ଶେଷ କରିବା ପାଇଁ ତିନୋଟି ସର୍ତ୍ତ ଆବଶ୍ୟକ । ତାଙ୍କ ଅନୁସାରେ, ଏହି ସଂଘର୍ଷ ଯିହୁଦୀ ଶାସନ ଏବଂ ଆମେରିକା ଦ୍ୱାରା ଆରମ୍ଭ ହୋଇଥିଲା ଏବଂ ଏହାକୁ ସମାପ୍ତ କରିବା ପାଇଁ ଇରାନର ଅଧିକାରକୁ ସ୍ୱୀକୃତି ଦେବା ଅତ୍ୟନ୍ତ ଜରୁରୀ ।

# ବ୍ୟାଙ୍କରେ ବେଆଇନ ଅର୍ଥକାରବାର, ୩ ଗିରଫ

ଭୁବନେଶ୍ୱର(ନିପ୍ର): ବ୍ୟାଙ୍କ ଖାତାରେ ବେଆଇନ ଅର୍ଥକାରବାର କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କ୍ରୀଷ୍ଣା ନାୟକ, ମହେନ୍ଦ୍ର ନାୟକ ଓ ଟୁକୁନା ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅପରାଧିକ କାର୍ଯ୍ୟକଳାପ ନିମନ୍ତେ ଅପରାଧୀ ମାନଙ୍କ ଦ୍ୱାରା ଭୁବନେଶ୍ୱରର ବିଭିନ୍ନ ବ୍ୟାଙ୍କମାନଙ୍କରେ ଆକାଉଣ୍ଟ ଖୋଲାଯାଇ ତାହାର ହେଉଥିବା ଅପବ୍ୟବହାରକୁ ବନ୍ଦ କରିବା ଉଦ୍ଦେଶ୍ୟରେ ଗତ କିଛିଦିନ ଧରି ଚାଲିଥିବା ଧରପଗଡ ଅଭିଯାନ ସମୟରେ, ଗିରଫ ତିନି ଅଭିଯୁକ୍ତଙ୍କ ଦ୍ୱାରା ସେହିଭଳି ଏକ ଆକାଉଣ୍ଟ ଭଗବତୀ ବସ୍ତିର ସନ୍ତୋଷ ଘଡେଇଙ୍କ ନାମରେ ଖୋଲାଯାଇ ସେଥିରେ ୧,୪୮,୨୦୩ ଟଙ୍କାର ନେଣଦେଣ ହୋଇଥିବା ନେଇ, କ୍ୟାପିଟାଲ ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ପରବର୍ତ୍ତୀ ସମୟରେ ସନ୍ତୋଷ ଘଡେଇଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ କିଏ ଏବଂ କିପରି ଖୋଲିଥିଲା ବୋଲି ପଚରା ଯାଇଥିବା ବେଳେ, ସେ କହିଥିଲେ ଯେ, ତାଙ୍କ ଅଞ୍ଚଳର କ୍ରୀଷ୍ଣା ନାୟକ, ମହେନ୍ଦ୍ର ନାୟକ ଏବଂ ଟୁକୁନା ନାୟକ ନାମକ ତିନିଜଣ ଯୁବକ ତାଙ୍କ ପାଖକୁ ଆସି ତାଙ୍କର ବ୍ୟକ୍ତିଗତ ଡକ୍ୟୁମେଣ୍ଟ ଏବଂ ବିବରଣୀ ଦେବାକୁ କହିଥିଲେ। ସେମାନେ କହିଥିଲେ ଯେ, ତାଙ୍କ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲିଦେବେ ଏବଂ ସେହି ଆକାଉଣ୍ଟରେ ଯେତେ ବି ଟଙ୍କା ନେଣଦେଣ ହେବ, ସେହି ଟଙ୍କାରୁ ତାଙ୍କୁ ଏକ ନିର୍ଦ୍ଦିଷ୍ଟ କମିଶନ ଦିଆଯିବ । ଏହା ପରେ କ୍ରୀଷ୍ଣା ନାୟକ, ତାଙ୍କ ଭାଇ ମହେନ୍ଦ୍ର ନାୟକ ଏବଂ ଟୁକୁନା ନାୟକ ସନ୍ତୋଷ ଘଡେଇଙ୍କର ଡକ୍ୟୁମେଣ୍ଟ ସହ ତାଙ୍କ ଅଞ୍ଚଳର ଅନ୍ୟାନ୍ୟ କିଛି ଲୋକଙ୍କ ଡକ୍ୟୁମେଣ୍ଟ ସଂଗ୍ରହ କରି ଭୁବନେଶ୍ୱର ଅଶୋକ ନଗରର ମାଷ୍ଟର କ୍ୟାଣ୍ଟିନ୍ ନିକଟରେ ଥିବା ୟୁକୋ ବ୍ୟାଙ୍କରେ ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ । ଆକାଉଣ୍ଟ ଖୋଲିବା ପରେ ସେମାନେ ତାଙ୍କର ବ୍ୟାଙ୍କ ପାସବୁକ୍ ଓ ଏଟିଏମ କାର୍ଡ ମଧ୍ୟ ନିଜ ହେପାଜତରେ ରଖିଥିଲେ। ପରବର୍ତ୍ତୀ ସମୟରେ ସନ୍ତୋଷ ଘଡେଇ ଜାଣିବାକୁ ପାଇଥିଲେ ଯେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସାଇବର ଠକେଇ ସମ୍ବନ୍ଧୀୟ ଅବୈଧ ଟଙ୍କା ନେଣଦେଣ ପାଇଁ ବ୍ୟବହୃତ ହେଉଛି। ସେ ଆହୁରି କହିଥିଲେ ଯେ ଏହି ପ୍ରକାରରେ ସେମାନେ ତାଙ୍କ ଅଞ୍ଚଳର ଅନ୍ୟାନ୍ୟ ଅନେକ ଲୋକଙ୍କ ନାମରେ ମଧ୍ୟ ବ୍ୟାଙ୍କ ଆକାଉଣ୍ଟ ଖୋଲିଛନ୍ତି । ଏହି ସମସ୍ତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ପ୍ରକୃତ ବ୍ୟାଙ୍କିଙ୍ଗ କାରବାର ପାଇଁ ଖୋଲାଯାଇନଥିଲା, ବରଂ ସାଇବର ଠକେଇ ମାଧ୍ୟମରେ ଆସୁଥିବା ଅବୈଧ ଟଙ୍କା ଗ୍ରହଣ, ଲେୟରିଂ ଓ ବିତରଣ ପାଇଁ ଜାଣିଶୁଣି ପରିଚାଳନା କରାଯାଉଥିଲା । ଏହି ପ୍ରକ୍ରିୟାରେ ତୃତୀୟ ପକ୍ଷ ଦ୍ୱାରା ଠକେଇ ରାଶି ଏହି ଆକାଉଣ୍ଟ ଗୁଡ଼ିକୁ ପଠାଯାଉଥିଲା ଏବଂ ପରେ ସେହି ଟଙ୍କା ଉଠାଇ ନିଆଯାଉଥିଲା। ଏହି କାର୍ଯ୍ୟରେ ଆକାଉଣ୍ଟ ଧାରୀଙ୍କୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ କମିଶନ ଦିଆଯାଉଥିଲା। ତଦନ୍ତ ସମୟରେ ଏକ ନିର୍ଭରଯୋଗ୍ୟ ସୂଚନା ଆଧାରରେ ଅଭିଯୁକ୍ତ କ୍ରୀଷ୍ଣା ନାୟକ, ମହେନ୍ଦ୍ର ନାୟକ ଓ ଟୁକୁନା ନାୟକଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ମାନେ ଉପରୋକ୍ତ ଅପରାଧିକ କାର୍ଯ୍ୟକଳାପ ନେଇ ନିଜର ଦୋଷ ସ୍ୱୀକାର କରିଥିଲେ।

## ଦାଦାବଟି ନ ଦେବାରୁ ମରଣାନ୍ତକ ଆକ୍ରମଣ, ଜଣେ ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ଦାଦାବଟି ନ ଦେବାରୁ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଗୁରୁବାର ଜଣେ ପେସାଦାର ଅପରାଧୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଡି. ଦିପ୍ତିରଞ୍ଜନ ଓରଫ ଚ଼ମ୍ପା ଓ ତାଙ୍କ ଘର ଫୁଲେଶ୍ୱରୀ ବସ୍ତିରେ ବାଲି ଜଣାପଡିଛି। ଏନେଇ ଲାଲୁ ମୁର୍ମୁ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୧୪ ତାରିଖ ଦିନ ପ୍ରାୟ ୧୨.୩୦ ସମୟରେ ଅଭିଯୋଗକାରୀ ତାଙ୍କ ବନ୍ଧୁମାନଙ୍କ ସହିତ ଘର ପାଖରେ ବସିଥିଲେ । ସେହି ସମୟରେ ଅଭିଯୁକ୍ତ ଡି. ଦିପ୍ତିରଞ୍ଜନ, ଡି. ବାବୁ, ସରୋଜ ପ୍ରଧାନ ଏବଂ ଅନ୍ୟ କିଛି ସହଯୋଗୀ ତାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ ଏବଂ ତାଙ୍କ ପଡ଼ ?ଶୀ ଶିବା ବେହେରାଙ୍କୁ ଖଣ୍ଡା ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏହା ଦେଖି ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁମାନେ ଭୟରେ ଘଟଣାସ୍ଥଳରୁ ପଳାଇବାକୁ ଚେଷ୍ଟା କରୁଥିବା ବେଳେ, ଅଭିଯୁକ୍ତ ମାନେ ସେମାନଙ୍କୁ ଧରି ଖଣ୍ଡା ଦ୍ୱାରା ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଅଭିଯୋଗକାରୀଙ୍କ ବାମ ହାତ ଏବଂ ପିଠିରେ ଆଘାତ ଲାଗିଥିଲା। ମାମଲାର ତଦନ୍ତ ସମୟରେ ଜଣାପଡ଼ିଛି ଯେ କିଛି ସ୍ଥାନୀୟ ଏବଂ ନିକଟବର୍ତ୍ତୀ ଯୁବକ ମିଶି ଏକ ଗ୍ୟାଙ୍ଗ ଗଠନ କରିଥିଲେ । ସେମାନେ ଫୁଲେଶ୍ୱରୀ ବସ୍ତି ଏବଂ ନିକଟସ୍ଥ ଅଞ୍ଚଳର ଲୋକମାନଙ୍କୁ ଅପରାଧିକ ଧମକ ଓ ବଳପ୍ରୟୋଗ କରି ଦାଦାବଟି ସଂଗ୍ରହ କରୁଥିଲେ । ଏହାର ବିରୋଧ କରିବାରୁ ସେମାନେ ଘଟଣାଦିନ ଅଭିଯୋଗକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ।ମାମଲାର ତଦନ୍ତ କାଳରେ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚ଼ଢଉ ଜରିଆରେ ଅଭିଯୁକ୍ତ ଚ଼ମ୍ପାଙ୍କୁ ବସ୍ତିରୁ ଗିରଫ କରାଯାଇଥିଲା ।

## ସିସୋର ଚିଟ୍‌ଫଣ୍ଡ କେଲେଙ୍କାରୀ ମାମଲା
## ପୂର୍ବତନ ଏମପି ରବିନ୍ଦ୍ର ଜେନାଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି



କଟକ(ନିପ୍ର): ବହୁ ଚର୍ଚ୍ଚିତ ସିସୋର ଚିଟଫଣ୍ଡ କେଲେଙ୍କାରୀ ମାମଲାରେ ଅଭିଯୁକ୍ତ ବାଲେଶ୍ୱର ପୂର୍ବତନ ଏମପି ରବିନ୍ଦ୍ର କୁମାର ଜେନାଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ତାଙ୍କୁ ପୂର୍ବରୁ ମିଳିଥିବା ଅନ୍ତରୀଣ ସୁରକ୍ଷା ଅବଧିକୁ ହାଇକୋର୍ଟ ଆସନ୍ତା ଏପ୍ରିଲ ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଅପର ପକ୍ଷରେ ତାଙ୍କଠାରୁ ଜବତ କରାଯାଇଥିବା ଦଲିଲ ଓ ଦସ୍ତାବିଜର ଚିଠା ଯୋଗାଇ ଦେବାକୁ କୋର୍ଟ କହିଛନ୍ତି । ଭୁବନେଶ୍ୱର ସିବିଆଇ ଅଦାଲତରେ ଚାଲିଥିବା ସିସୋର ଚିଟଫଣ୍ଡ କେଲେଙ୍କାରୀ ମାମଲାରୁ ତାଙ୍କୁ ବାଦ ଦେବା ଲାଗି ଶ୍ରୀ ଜେନା ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ପ୍ରାରମ୍ଭିକ ଶୁଣାଣିରେ ହାଇକୋର୍ଟ ରବିନ୍ଦ୍ରଙ୍କ ଆବେଦନକୁ ଗ୍ରହଣ କରିବା ସହ ତାଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ତେବେ ସର୍ତ୍ତସ୍ୱରୂପ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବା ସହ ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟ ସର୍ତ୍ତ ରଖିଥିଲେ। ତେବେ ଗତ ଶୁଣାଣି ସମୟରେ ତାଙ୍କ ଠାରୁ ଜବତ କରାଯାଇଥିବା ଅବ୍ୟବହୃତ ସମସ୍ତ ଦଲିଲକୁ ଫେରାଇ ଦେବାକୁ ସେ କୋର୍ଟରେ ଦରଖାସ୍ତ କରିଥିଲେ। ତାଙ୍କ ଠାରୁ କ'ଣ କ'ଣ ଦଲିଲ ଦସ୍ତାବିଜ ଜବତ କରାଯାଇଛି, ସେସବୁର ଏକ ତାଲିକା ଦାଖଲ ହୋଇଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି।

## ବନ୍ଧା ହେଲେ କଣ୍ଟାପଡ଼ା ତହସିଲଦାର
### ଆୟ ବହିର୍ଭୂତ ସଂପତ୍ତି ଠୁଳଅଭିଯୋଗରେ ଗିରଫ କଲା ଭିଜିଲାନ୍ସ

କଟକ(ନିପ୍ର): ବନ୍ଧା ହେଲେ କଟକ ଜିଲ୍ଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ । ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଶ୍ରୀ ସାମନ୍ତରାୟଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି । ଗତକାଲି କଣ୍ଟାପଡ଼ା ତହସିଲଦାର ଶ୍ରୀ ସାମନ୍ତରାୟଙ୍କ ଘର ସମେତ କଟକ, ଭୁବନେଶ୍ୱର, ପୁରୀ ଓ କେନ୍ଦ୍ରାପଡ଼ାରେ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା । ଚଢ଼ାଉବେଳେ ଆଖିଖୋଷି ହେଲା ଭଳି ସଂପତ୍ତି ପାଇଥିଲା ଭିଜିଲାନ୍ସ। ପରେ ଶ୍ରୀ ସାମନ୍ତରାୟଙ୍କୁ ଭିଜିଲାନ୍ସ ଦ୍ୱାରା ଅଟକ ରଖାଯାଇ ପଚରା ଉଚରା କରାଯାଇଥିଲା। ହେଲେ ଶ୍ରୀ ସାମନ୍ତରାୟ ଠୁଳ କରିଥିବା ସଂପତ୍ତି ସଂପର୍କରେ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ । ଆଜି ତାଙ୍କୁ ଭିଜିଲାନ୍ସ ଗିରଫ କରିଛି । ଗତକାଲି ଭିଜିଲାନ୍ସ ପକ୍ଷରୁ ଜାରି କରାଯାଇଥିବା ପ୍ରେସନୋଟ ଅନୁସାରେ, କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କର ଭୁବନେଶ୍ୱର ସହୀଦନଗରରେ ୨ଟି ତିନି ମହଲା କୋଠା, ୭ଟି ଦାମୀ ପ୍ଲଟ ରହିଛି। ଏଥି ସହିତ ତାଙ୍କ ଘରୁ ନଗଦ ୨ଲକ୍ଷ ୧୭ହଜାର ଟଙ୍କା ଜବତ କରାଯାଇଥିଲା । ଏତାଛଡ଼ା ଶ୍ରୀ ସାମନ୍ତରାୟଙ୍କ ୧ଟି ଚାରି ଚକିଆ ଗାଡ଼ି ଓ ୩ଟି ଦୁଇ ଚକିଆ ଗାଡ଼ି ରହିଛି। ଏଥିସହିତ ୧୧ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ ମଧ୍ୟ ଠାବ କରାଯାଇଥିଲା। ଏହି ସଂପର୍କରେ କଟକ ଜିଲ୍ଲା କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ୨୦୧୮ ଅନୁଯାୟୀ କଟକ ଭିଜିଲାନ୍ସ ପିଏସ ମାମଲା ନଂ - ୧୨/୨୦୨୬ ରୁଜୁ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି।

## ପୋଲିସକୁ ଖୋଲା ଚ୍ୟାଲେଞ୍ଜ
## ରାଧାକୃଷ୍ଣଙ୍କ ମନ୍ଦିରରେ କଳାକନା ବୁଲାଇଲେ ଲୁଟେରା

କାକଟପୁର(ନିପ୍ର): ଗତ କିଛିଦିନ ହେଲା ଲୁଟେରାଙ୍କ ଟାର୍ଗେଟରେ ମଠ ମନ୍ଦିର ରହିଥିବା କାରଣରୁ ସ୍ଥାନୀୟ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହୋଇଛି। କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ଅନେକ ଐତିହାସିକ ମନ୍ଦିରରୁ କିଛି ମାସ ହେବ ଲୁଟ ହୋଇଥିବା ବେଳେ ଗତ ବୁଧବାର ରାତିରେ ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ବାଲିସାହି ଗ୍ରାମର ରାଧାକୃଷ୍ଣଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ରବିବାର ସକାଳୁ ପୂଜାରୀ ନିୟମିତ ନୀତି ପାଇଁ ମନ୍ଦିରକୁ ଆସି ଦେଖିଥିଲେ ମନ୍ଦିରର ମୁଖ୍ୟ ଦ୍ୱାର ତାଲା ପଡୁଥିବା କୁନ୍ଦା ଭଙ୍ଗା ଯାଇଛି । ଦ୍ୱାର ଖୋଲା ଯାଇ ଠାକୁରଙ୍କ ମୁଣ୍ଡରେ ଥିବା ଦୁଇଟା ରୁପା ମୁକୁଟ, ଦୁଇ ହଳ ରୁପା ପାଉଁଜି, ରୁପାର ହାର ଏକଟି, ସୁନାର ମଙ୍ଗଳ ସୂତ୍ର ଗୋଟିଏ, ସୁନା ନାକ ଫୁଲ ଏକଟା, ସୁନା ମୁଦି ଦୁଇଟା, ସୁନା ଖଡୁ ଏକଟି, ରୁପା ଖଡୁ ଦୁଇଟା, ରୁପା ଗିନା ଏକଟି, ଥାଳିଆ ଏକଟି, ପିତଳ ଘଣ୍ଟ ଦୁଇଟା, ପିତଳ ଢାଳ ଦୁଇଟା, ପିତଳ କୁଣ୍ଡ ଏକଟା, ହାତ ଘଣ୍ଟି, ଦ୍ୱୀପ, ଆଳତି ଦ୍ୱୀପ, ତସଲା ଦୁଇଟା, ଥାଳି ଦୁଇଟା ସମେତ ଅନ୍ୟ ସବୁ ପୂଜା ସରଞ୍ଜାମ ଚୋରି ହୋଇଯାଇଥିବା ପୂଜକ ପୁରୁଷୋତ୍ତମ ପଣ୍ଡା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ । ସଭାପତି ଭାସ୍କର ରାଉତଙ୍କ ସହିତ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବାରମ୍ବାର ମନ୍ଦିରରୁ ଚୋରି ହେଉଥିବାରୁ ସେମାନେ କିଏ ତାହା ଆଜି ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବା ବେଳେ ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ମନ୍ଦିର ଲୁଟେରାଙ୍କ ଉତ୍ପାତ ଏବେ ସାଧାରଣ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରିଛି। ଏହି ସମ୍ବନ୍ଧରେ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ ତାଙ୍କ ମତାମତରେ କହିଲେ ଯେ କେସ୍ ନମ୍ବର ୧୦୯/୨୬ରେ ମାମଲା ରୁଜୁ କରାଯାଇ ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି। ଖୁବଶୀଘ୍ର ଲୁଟେରାଙ୍କୁ ଧରା ଯିବ।

## ମନ୍ଦିରରୁ ଚୋରି

ବାଲିପାଟଣା(ନିପ୍ର): ଏହି ଥାନା ଅନ୍ତର୍ଗତ ରାଜସ ନୀଳକଣ୍ଠେଶ୍ୱର ମନ୍ଦିରରୁ କେହି ଦୁର୍ବୃତ୍ତ ଠାକୁରଙ୍କ ବାସନ କୁସନ ଘଣ୍ଟାଘଣ୍ଟି ସହିତ ନଗଦ ୪୦ ହଜାର ଟଙ୍କା ଲୁଟି ନେଇଥିବା ବାଲିପାଟଣା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଗତକାଲି ରାତିରେ ପୂଜକ ଠାକୁରଙ୍କ ନୀତିକାନ୍ତି ପରେ ମନ୍ଦିର ବନ୍ଦକରି ଯାଇଥିଲେ। ଗୁରୁବାର ସକାଳୁ ଆସି ଦେଖନ୍ତି ମନ୍ଦିରର କବାଟ ଖୋଲାଥିବା ବେଳେ ପୂଜା ପଇଁ ଆବଶ୍ୟକ ସାମଗ୍ରୀ ଘଣ୍ଟଘଣ୍ଟି ଥାଳି ଗିନା ଥାଳିଆ ଗରା ତସଲା ଆଦି ବାସନ ନାହିଁ । ଏହା ସହିତ ଆଲମିରା ଖୋଲା ପଡିଥିବା ଦେଖିବା ସହିତ ଏହା ମଧ୍ୟରେ ଥିବା ନଗଦ ୪୦ ହଜାର ଟଙ୍କା ମଧ୍ୟ ନାହିଁ କେହି ଦୁର୍ବୃତ୍ତ ଚୋରିକରି ମନ୍ଦିରରେ କଳାକନା ବୁଲାଇଛି । ଏ ସମ୍ପର୍କରେ ମନ୍ଦିରର ପୂଜକ କୃଷ୍ଣଚନ୍ଦ୍ର ପଣ୍ଡା ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଭିତ୍ତିରେ ପୋଲିସ ଘଟଣାର ତଦନ୍ତ କରୁଛି ।

## ସାଇବର ଠକ ଗିରଫ, ମାଷ୍ଟରମାଇଣ୍ଡ ଫେରାର

ଭୁବନେଶ୍ୱର(ନିପ୍ର): ମା'ଙ୍କୁ କ୍ୟାନସର। ଟଙ୍କା ଦରକାର। କିନ୍ତୁ ମୋ ଆକାଉଣ୍ଟରେ ୫୦ ହଜାର ଟଙ୍କା ଅଛି। ମୁଁ ଆପଣଙ୍କୁ ଅନଲାଇନ ଟଙ୍କା ଦେଉଛି, ଆପଣ ମୋ ନଗଦ ଅର୍ଥ ପ୍ରଦାନ କରିଲେ ତାହା ମା' ର ଚିକିତ୍ସା ଖର୍ଚ୍ଚରେ ତୁରନ୍ତ ଲାଗି ପାରିବ। ଏଭଳି କିଛି କଥା କହି ଜଣେ ସାଇବର ଠକ ନୟାପଲ୍ଲୀ ଅଞ୍ଚଳର ଜଣେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ଠାରୁ ୫୦ ହଜାର ଟଙ୍କା ଠକେଇ କରି ନେଇଥିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଠକକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତଙ୍କ ନାମ ସନ୍ତୋଷ ନାୟକ ଓ ତାଙ୍କ ଘର ଆଇଆରସି ଭିଲେଜର ଏନ ୫/୪୫୪ରେ ବୋଲି ଜଣାପଡିଛି। ତେବେ ଏହି ମାମଲାର ମୁଖ୍ୟ ମାଷ୍ଟରମାଇଣ୍ଡ ଅଭିଶେକ ମହାପାତ୍ର ଫେରାର ଥିବା ବେଳେ ତାଙ୍କ ଗାଡିକୁ ପୋଲିସ ଜବତ କରିଛି। ଏନେଇ କିଶୋର ଚ଼ନ୍ଦ୍ର ଜେନା ଥାନାରେ ଅଭିଯୋଗ କରିଥିଲେ।

# ମନିମ୍ୟୁଲ ଆକାଉଣ୍ଟ ଠକେଇ ମାମଲାରେ ପୁଣି ୨ଜଣ ଗିରଫ



ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ଗଞ୍ଜାମ ଜିଲ୍ଲାର ସମସ୍ତ ପୋଲିସ ଥାନା ଅଧିକାରୀମାନଙ୍କୁ ମନିମ୍ୟୁଲ ଆକାଉଣ୍ଟ ଠକେଇ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଓ ଦଲାଲମାନଙ୍କୁ ଗିରଫ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହାକୁ ଭିତ୍ତି କରି ଆସିକା ପୋଲିସ ମନିମ୍ୟୁଲ ଆକାଉଣ୍ଟ ଠକେଇ ଘଟଣାରେ ପୂର୍ବରୁ ୬ ଜଣଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ଆସିକା ପୋଲିସ୍ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ବାଙ୍ଗରଡ଼ା ଗ୍ରାମର ଯୋଗେନ୍ଦ୍ର ବେହେରା (୫୩) ଓ ବେଲଗୁଣ୍ଠା ଥାନା ନାୟକପଡ଼ାର ମନୋଜ କୁମାର ବେହେରା (୩୨)। ଗିରଫ ଯୁବକମାନଙ୍କ ଠାରୁ ୨ଟି ମୋବାଇଲ ଜବତ କରାଯାଇଥିବା ଜଣାପଡିଛି। ଏହି ଦୁଇଜଣ ୨୦୨୪ ମସିହା ଆର୍ଥିକ ବର୍ଷରେ ୧୮ଲକ୍ଷ ଟଙ୍କା ଠକେଇ କରିଥିବା ଆସିକା ଥାନା ଆଇଆଇସି ସୁଧୀର କୁମାର ସାହୁଙ୍କ ସୂତ୍ରରୁ ପ୍ରକାଶ। ଏ ନେଇ ଆସିକା ଥାନାରେ କେସ ନଂ ୯୫/୨୬ ମାମଲା ରୁଜୁକରି ଗିରଫ ଯୁବକମାନଙ୍କୁ କୋର୍ଟଚାଲାଣ କରାଯାଇଛି । ପ୍ରକାଶ ଥାଉକି ମନିମ୍ୟୁଲ ଆକାଉଣ୍ଟ ଠକେଇ ଚେର ବହୁ ଦୂରକୁ ଲମ୍ବିଛି । ଘଟଣାର ମାଷ୍ଟରମାଇଣ୍ଡ ଅଦ୍ୟାବଧି ଫେରାର ଥିବାବେଳେ ଆସିକା ପୋଲିସ ମନି ମ୍ୟୁଲ ଆକାଉଣ୍ଟ ଠକେଇ ଘଟଣାରେ ସଂପୃକ୍ତି ଥିବା ବହୁ ଦଳାଲଙ୍କୁ ଗିରଫ କରିବାରେ ଲାଗିଛି । ମନି ମ୍ୟୁଲ ଆକାଉଣ୍ଟ ଠକେଇ ଘଟଣାର ମାଷ୍ଟର ମାଇଣ୍ଡଙ୍କ ଦ୍ୱାରା ବହୁ ଦଲାଲ ନିୟୋଜିତ ରହି ବହୁ ବ୍ୟାଙ୍କ ଗ୍ରାହକଙ୍କୁ ମନି ମ୍ୟୁଲ ଆକାଉଣ୍ଟ ଖୋଲିବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି । ଆକାଉଣ୍ଟ ପିଛା ୧୦ ହଜାର ଓ ଟ୍ରାଞ୍ଜାକସନ ବାବାଦକୁ ୧୦% ଦେବାକୁ ପ୍ରଲୋଭନ ଦେଖାଇ ଆକାଉଣ୍ଟ ମାଧ୍ୟମରେ ଗ୍ରାହକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଆସିକା, ହିଞ୍ଜିଳିକାଟୁ ଓ ବ୍ରହ୍ମପୁର ଅଞ୍ଚଳର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ, ଗ୍ରାହକ ସେବା କେନ୍ଦ୍ର, ଜନସେବା କେନ୍ଦ୍ର, ମିନି ବ୍ୟାଙ୍କ ଜରିଆରେ କୋଟି କୋଟି ଟଙ୍କା ଠକେଇ ହୋଇଥିବା ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ଅବଗତ ହୋଇଛି । ଷ୍ଟେଟ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ୟୁନିଅନ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ବ୍ୟାଙ୍କ ଅଫ ମହାରାଷ୍ଟ୍ର କର୍ଣାଟକ ବ୍ୟାଙ୍କ, କାନାଡା ବ୍ୟାଙ୍କ, ପଞ୍ଜାବ ନ୍ୟାସନ୍ୟାଲ ବ୍ୟାଙ୍କର ବିଭିନ୍ନ ଶାଖା କାର୍ଯ୍ୟାଳୟରୁ ଠକେଇ ହୋଇଥିବା ଜଣାପଡିଛି। ଆସିକା ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରାଯାଇଛି । ସଂପୃକ୍ତ ସ୍ୱତନ୍ତ୍ର ଟିମ ଘଟଣାର ଯାଞ୍ଚ କରି ବହୁ ମନି ମ୍ୟୁଲ ଆକାଉଣ୍ଟ ଠକେଇରେ ସମ୍ପୃକ୍ତ ଦଲାଲ ଓ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଜାଲ ବିଛାଇଛି । ଅନ୍ୟପକ୍ଷରେ ଆଳୁ ଖୋଳୁ ଖୋଳୁ ମହାଦେବ ମିଳିବା ପରି ମନି ମ୍ୟୁଲ ଆକାଉଣ୍ଡ ଠକେଇ ଘଟଣାରେ ବିଭିନ୍ନ ବ୍ୟାଙ୍କ ଯାଞ୍ଚ ସମୟରେ ବୀମା କରିବା ନାମରେ କିଛି ବ୍ୟାଙ୍କ କର୍ମଚାରୀ ଗ୍ରାହକଙ୍କୁ ଠକେଇ କରିଥିବା ଜଣାପଡିଛି । ଏହି ଚଢ଼ାଉରେ ଆସିକା ଥାନା ଆଇଆଇସିଙ୍କ ନିର୍ଦ୍ଦେଶରେ ଥାନା ଅତିରିକ୍ତ ଆଇଆଇସି ସୌମ୍ୟରଞ୍ଜନ ଜେନା, ଏଏସଆଇ, ବସନ୍ତ ବେହେରା, ଶୁଭାଶିଷ ସ୍ୱାଇଁ ଅଶୋକ ପଟ୍ଟନାୟକ ଅଂଶ ଗ୍ରହଣ କରିଥିଲେ ।

## ଯୁବକକୁ ଭଙ୍ଗା ବୋତଲରେ ଭୂଷି ହତ୍ୟା ଉଦ୍ୟମ: ୨ ବନ୍ଧାହେଲେ

ପିପିଲି(ନିପ୍ର): ମଙ୍ଗଳବାର ରାତିରେ ବଳଙ୍ଗା ପଞ୍ଚୁଦୋଳ ମେଳଣ ଉପଲକ୍ଷେ ମେଳଣ ପଡ଼ିଆରେ ଚାଲିଥିବା ବାଣ ପ୍ରତିଯୋଗିତାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକକୁ ଭଙ୍ଗା ବୋତଲରେ ହତ୍ୟା ଉଦ୍ୟମ କରଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାରେ ସଂପୃକ୍ତ ଥିବା ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ଏହି ଘଟଣାରେ ଭଙ୍ଗା ବୋତଲ ସହ ଗୋଟିଏ ଛୁରୀକୁ ଅଭିଯୁକ୍ତଙ୍କଠାରୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଳଙ୍ଗା ଥାନା ଚକ ବଳଙ୍ଗା ଗ୍ରାମର ରାକେଶ ବେହେରା ଓ ବିଜୁ ବେହେରା ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ଚକ ବଳଙ୍ଗା ଗ୍ରାମର ରଜନୀ ଖଟୁଆଙ୍କ ପତ୍ନୀ ପ୍ରିୟତମା ଖଟୁଆ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ମଙ୍ଗଳବାର ରାତିରେ ବଳଙ୍ଗା ମେଳଣ ପଡ଼ିଆରେ ବାଣ ପ୍ରତିଯୋଗିତା ହେଉଥିବାରୁ ପ୍ରିୟତମାଙ୍କ ପୁଅ ନିରଞ୍ଜନ ଖଟୁଆ ତାର ସାଙ୍ଗ ଆଲୋକ ଦଳେଇଙ୍କ ସହ ବାଣ ପ୍ରତିଯୋଗିତା ଦେଖିବାକୁ ଯାଇଥିଲେ। ପୂର୍ବ ଆକ୍ରୋଶକୁ ନେଇ ସେଠାରେ ରାକେଶ ଓ ବିଜୁ ନିରଞ୍ଜନ ଓ ଆଲୋକକୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ । ଏନେଇ ନିରଞ୍ଜନ ତାଙ୍କ ସମ୍ପର୍କୀୟ ଭାଇ ମହାଦେବ ବରାଳଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଖବର ପାଇ ମହାଦେବ ଘଟଣା ସ୍ଥଳରେ ପହଞ୍ଚି ରାକେଶ ଓ ବିଜୁଙ୍କୁ ପ୍ରତିବାଦ କରିଥଲେ। ହଠାତ୍ ବିଜୁ ଉତ୍ତ୍ୟକ୍ତ ହୋଇ ହାତରେ ଧରିଥିବା ଏକ ବୋତଲ ଭାଙ୍ଗି ମହାବୀରଙ୍କ ପେଟକୁ ଭୂଷି ଦେଇଥିଲା। ପରେ ଲୋକମାନେ ଭିଡ ଜମାଇବା ଦେଖି ଅଭିଯୁକ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଥାନା ଆଇଆଇସି ସସ୍ମିତା ସାହୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚାରିପଟେ ନଜର ରଖି ଶେଷରେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ ।



## ଯୁବକଙ୍କୁ ଛୁରାମାଡ଼, ପରକୀୟା ପ୍ରୀତି ଅଭିଯୋଗ: ପୋଲିସର ତଦନ୍ତ ଜାରି

କଟକ, ୧୨/୩: ଜଗତପୁର ଗୋଲେଇଛକ ନିକଟରେ ଅଭାବନୀୟ ଘଟଣା ଘଟିଛି। ପଣ୍ଡା ଟାୟାରରେ କାର୍ଯ୍ୟରତ ଜଣେ ଯୁବକଙ୍କୁ ଅନ୍ୟ ଜଣେ ବ୍ୟକ୍ତି ଛୁରା ମାଡ଼ କରିଥିବା ସୂଚନା ମିଳିଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ସହ ତା ହାତରେ ଥିବା ଛୁରୀଟିକୁ ଜବତ କରିଛି । ଗୁରୁତର ଭାବେ ଆହତ ଯୁବକକୁ ହସପିଟାଲରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଜଗତପୁର ୪୮ ନଂ ୱାର୍ଡ଼ ଶିକାରୀ ସାହିରେ ଆହତ ସଂଜୀବ ଶୁକ୍ଲା ରହୁଥିବାବେଳେ ଆକ୍ରମଣକାରୀ ବିବେକାନନ୍ଦ ବସ୍ତିଆ ଜଗତପୁର ସ୍ଥିତ ନାନକାର ଗାଁରେ ଭଡ଼ାରେ ରହୁଥିଲେ । ପଣ୍ଡା ଟାୟାର ପରିସର ମଧ୍ୟରେ ଏହି ଘଟଣା ଘଟିଥିବା ଖବର ମିଳିଛି । ତେବେ ପ୍ରତ୍ୟେକ୍ଷଦର୍ଶୀ କର୍ମଚାରୀମାନେ ଗଣମାଧ୍ୟମକୁ କୌଣସି ସୂଚନା ଦେବାକୁ ମନା କରିଦେଇଛନ୍ତି । ତେବେ ଅଭିଯୁକ୍ତଙ୍କ ସ୍ତ୍ରୀ ସହିତ କାଳେ ସଂଜୀବଙ୍କ ପରକୀୟା ପ୍ରୀତି ଥିବା ଅଭିଯୋଗ ନେଇ ଏଭଳି ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି । ପୋଲିସ ଅଭିଯୁକ୍ତ ବିବେକାନନ୍ଦକୁ ଅଟକ ରଖି ଅଧିକ ପଚରା ଉଚରା କରୁଛି ।

## କଟକରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ
# ବିବାହ ବନ୍ଧନରେ ବାନ୍ଧିହେଲେ ୫୫ ଯୋଡ଼ା ବରବଧୂ




କଟକ(ନିପ୍ର): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟ ବିବାହ ବିରୋଧରେ ଏକ ସଂକଳ୍ପ, ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧିନରେ ଆଜି କଟକ ଇଣ୍ଡୋର ଷ୍ଟାଡ଼ିୟମ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି । ଏହି ଯୋଜନା ଅଧୀନରେ ୧୮ବର୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ କନ୍ୟାମାନଙ୍କୁ ୬୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଯେଉଁଥିରୁ ୪୫ହଜାର ଟଙ୍କା ସିଧାସଳଖ ନଗଦ ହସ୍ତାନ୍ତର ମାଧ୍ୟମରେ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଛି । ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି । ଏହି ସଂପୂର୍ଣ୍ଣ ପ୍ରକ୍ରିୟା ଜିଲ୍ଲା ଓ ବ୍ଲକସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂପାଦିତ ହେଉଛି । ଏହି ଯୋଜନା ମାଧ୍ୟମରେ ଆମ ରାଜ୍ୟର ଅନେକ କନ୍ୟା ଲାଭ ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଚନ୍ତି । ଏହି ଆର୍ଥିକ ସହାୟତା କନ୍ୟାମାନଙ୍କ ଜୀବନରେ ସୁରକ୍ଷା, ସମ୍ମାନ ଓ ସ୍ୱାବଲମ୍ବନର ମଜବୁତ ଭିତ୍ତି ପ୍ରସ୍ତୁତ କରିବ । ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୫ଯୋଡ଼ା ବରବଧୂ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ସାଧାରଣ ବର୍ଗର ବରକନ୍ୟା ରହିଥିଲେ । ବିବାହ ଅନୁଷ୍ଠିତ ହେଉଥିବା ସମୟରେ ଉପମୁଖ୍ୟମନ୍ତ୍ରୀ ବିବାହ ମଣ୍ଡପକୁ ଯାଇ ନବ ଦମ୍ପତିଙ୍କୁ ଶୁଭ ଆର୍ଶିବାଦ ପ୍ରଦାନ କରିବା ସହ ଏକ ସୁସ୍ଥ ପାରିବାରିକ ଜୀବନ ଅତିବାହିତ କରିବାକୁ ପରାମର୍ଶ ଦେଇଥିଲେ । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। କମିଶନର ତଥା ଶାସନ ସଚିବ ମହିଳା ଓ ଶିଶୁ ବିକାଶ ବିଭାଗ ଡ ମୃଣାଳିନୀ ଯଶୱାଲ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଏହି ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଧନ୍ୟବାଦ ଅର୍ପଣ କରିଥିଲେ। ନିର୍ଦ୍ଦେଶିକା ସମନ୍ୱିତ ଶିଶୁ ବିକାଶ ଓ ସମାଜ ମଂଗଳ ମୋନିଷା ବାନାର୍ଜୀ, ସିଏମସି କମିଶନର କିରଣଦୀପ କୌର ସହୋତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଏହି ମାଂଗଳିକ କାର୍ଯ୍ୟକ୍ରମରେ କନ୍ୟା ଓ ବର ପକ୍ଷରୁ ପିତାମାତା, ବନ୍ଧୁ ପରିଜନଙ୍କ ସହ ବହୁ ସଂଖ୍ୟାରେ ମହିଳା ଓ ସାମାଜିକ ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ।

## ସୋରଲା ଛକରେ ୧୧୧ କିଲୋ ଗଞ୍ଜେଇ ଜବତ, ୫ ଗିରଫ

ବ୍ରହ୍ମପୁର(ନିପ୍ର): ଗୁରୁବାର ସକାଳ ୪ଟା ସମୟରେ ଅବକାରୀ ଗୁଇନ୍ଦା ପକ୍ଷରୁ ଜାତୀୟ ରାଜପଥ-୧୬ର ସୋରଲା ଛକ ନିକଟରେ ଚଢ଼ାଉ କରାଯାଇ ୧୧୧ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଗଜପତି ଜିଲ୍ଲାର କିଛି ବ୍ୟକ୍ତି ସହିତ ତାମିଲନାଡୁର କଣ୍ଟେନର ଚାଳକଙ୍କୁ ମିଶାଇ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ଚଢ଼ାଉ ସମୟରେ ତାମିଲନାଡୁ ନମ୍ବରର ଗୋଟିଏ ଟାଟା ଆଇଚର କଣ୍ଟେନର, ଓଡ଼ିଶା ନମ୍ବରର ଦୁଇଟି ମାରୁତି ଡିଜାୟର କାର, ଗୋଟିଏ ହିରୋ ଗ୍ଲାମର ବାଇକ, ୫ଟି ମୋବାଇଲ ଫୋନ ସହିତ ୧୧୧ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ପଚାରାଉଚାରା ସମୟରେ କଣ୍ଟେନର ଚାଳକ କହିଛନ୍ତି ଯେ, ସେ କଲକାତାରୁ କେକ୍ (ବିସ୍କୁଟ) ଭର୍ତ୍ତି କଣ୍ଟେନରକୁ ଭୁବନେଶ୍ୱରକୁ ଆଣିଥିଲେ ଏବଂ ଫେରନ୍ତା ସମୟରେ ଗଜପତିରୁ ଗଞ୍ଜେଇ ଚୋରାଚାଲାଣ କରି ତାମିଲନାଡୁକୁ ନେବା ପାଇଁ ଯୋଜନା କରିଥିଲେ। ଜବତ ହୋଇଥିବା ଗଞ୍ଜେଇ ଓ ଯାନବାହନମାନଙ୍କର ଆନୁମାନିକ ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ଏହି ଜବତ ସୋରଲା ଛକ ଓ କାନିଶି ଅଞ୍ଚଳରେ କରାଯାଇଥିବା ସୂଚନା ମିଳିଛି। ଅବକାରୀ କମିଶନର ଡି.ଡି. ଖଣ୍ଡାଙ୍କ ନିର୍ଦ୍ଦେଶରେ ନାରାୟଣ ଜେନା ଇନସପେକ୍ଟର, ସଙ୍ଗୀତା ମହାପାତ୍ର ,ଏସଆଇ ନମ୍ରତା ନାହାକା, ଏଏସଆଇ ବି.କେ. ବିନ୍ଧାଣୀଙ୍କ ସହ ଅନ୍ୟ ଅବକାରୀ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ। ତଦନ୍ତ ଜାରି ରହିଛି।

# ଘୋଷଣା ହେବ ଟିମ୍ ଇଣ୍ଡିଆର ୩୦ ଜଣିଆ ଟିମ୍



ନୂଆଦିଲ୍ଲୀ, ୧୨/୩ : ନିକଟରେ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ ଜିତିଛି । ତୃତୀୟଥର ପାଇଁ ଟି-୨୦ ବିଶ୍ୱକପ ଟ୍ରଫି ହାତେଇଥିବା ଭାରତକୁ ଚାରିଆଡୁ ଛୁଟୁଛି ପ୍ରଂଶସାର ସୁଅ । ଏବେ ପୁଣି ଆଉ ଦୁଇ ଟୁର୍ଣ୍ଣାମେଣ୍ଟ ପାଇଁ ଏକାସାଙ୍ଗେ ଦୁଇ ଟିମ୍ ଘୋଷଣା କରିବ ଭାରତ । ୩୦ ଜଣିଆ ଟିମ୍ ଘୋଷଣା କରିବ ଭାରତ । କେଉଁ ଟିମରେ କାହାକୁ ମିଳିବ ସ୍ଥାନ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିବାବେଳେ ଟାଇଟଲ ହାସଲ ପାଇଁ ଭଲ ମ୍ୟାଚ ବିଜୟୀ ଖେଳାଳିଙ୍କୁ ସ୍ଥାନ ଦେବ ନିଶ୍ଚୟ । ଆଗକୁ ଆଇପିଏଲ ଥିବାବେଳେ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ଟିମରେ ସ୍ଥାନ ପକ୍କା କରିବା ପାଇଁ ଏକ ନିର୍ଣ୍ଣାୟକ ମୋଡ ନେବ । ଅକ୍ଟୋବରରେ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦିନିକିଆ ସିରିଜ୍ ଖେଳିବ । ଏହି ସମୟରେ ଆରମ୍ଭ ହେବ ଏସୀଆନ ଗେମ୍ସ । ଜାପାନରେ ଖେଳାଯିବାକୁ ଥିବା ଏସୀଆନ ଗେମ୍ସରେ ଭାରତ ଭାଗ ନେବ । ଏଣୁ ଏହି ସମୟରେ ଭାରତକୁ ଆଉ ଏକ ଟିମ୍ ଘୋଷଣା କରାଯିବାକୁ ପଡ଼ିବ । ପୂର୍ବ ଏସୀଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଏଥରକ ମଧ୍ୟ ବିଜୟ ଲକ୍ଷ୍ୟରେ ରହିବ ଟିମ୍ ଇଣ୍ଡିଆ । ଏଣୁ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତକୁ ୧୫ ଜଣିଆ ଟିମ୍ ଘୋଷଣା କରିବ । ଏହାପୂର୍ବରୁ ଭାରତ ଏକାସାଙ୍ଗେ ଦୁଇ ସିରିଜ ମଧ୍ୟ ଖେଳିଛି । ୨୦୨୧ ମସିହାରେ ବିରାଟଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଟେଷ୍ଟ ଚାମ୍ପିୟନସିପ ଖେଳିଥିଲା । ଇଂଲଣ୍ଡରେ ଡବ୍ଲୁଟିସି ଫାଇନାଲ ସହ ଭାରତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିଥିବାବେଳେ ଅନ୍ୟପଟେ ଶିଖର ଧାୱାନଙ୍କ ଅଧିନାୟକତ୍ୱରେ ଆଉ ଏକ ଟିମ୍ ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ଏବଂ ଟି-୨୦ ଖେଳିଥିଲା । ଭାରତର ପ୍ରତିଭାବାନ ଖେଳାଳିଙ୍କୁ ଦୁଇଟି ଯାକ ସିରିଜ ପାଇଁ ବାଛିଥିଲା । ଆଉ ଏବେ ଏଭଳି ଏକ ମୁକାବିଲାର ସାମ୍ନା କରିବ । ଭାରତ ଆଉ ଏକ ପଦକ ଜିତିବା ପାଇଁ ଏସୀଆନ ଗେମ୍ସରେ ଦମଦାର ଟିମ୍ ଦେବ ବୋଲି ଆଶା ରଖିଛନ୍ତି କ୍ରିକେଟପ୍ରେମୀ ।

## ଦୁର୍ବୃତ୍ତଙ୍କ ଆତଙ୍କରାଜ

ପୁରୀ,୧୨/୩(ନିପ୍ର): ପୁଣି ପୁରୀରେ ଦୁର୍ବୃତ୍ତଙ୍କ ଆତଙ୍କରାଜ। ପର୍ଯ୍ୟଟକଙ୍କୁ ଲୁହା ପାଇପ୍‌ରେ ଆକ୍ରମଣ କରି ଲହୁଲୁହାଣ କଲେ ଦୁର୍ବୃତ୍ତ। ପୁରୀ ସ୍ୱର୍ଗଦ୍ୱାର ନିକଟ ଚୈତନ୍ୟ ଛକରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଆକ୍ରମଣର ଶିକାର ହୋଇଥିବା ବଙ୍ଗୀୟ ପର୍ଯ୍ୟଟକ ହେଉଛନ୍ତି ପଶ୍ଚିମବଙ୍ଗର ଆନନ୍ଦ ଏବଂ ତାଙ୍କ ସାଥି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଆନନ୍ଦଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିବା ଦେଖିବାକୁ ମିଳିଥିଲା । ସେହିପରି ତାଙ୍କର ଅନ୍ୟ ସାଙ୍ଗମାନଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରୁଥିବା ବେଳେ ସେମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଆନନ୍ଦ ଆକୁଳ ନିବେଦନ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଗତକାଲି ବିଳମ୍ବିତ ରାତିରେ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ବେଳେ ଖବରପାଇ ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ପର୍ଯ୍ୟଟକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସେମାନଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା ।



ନ୍ୟାୟ ସଂହିତା ଦିବସର ଶେଷ ଦିନରେ ବାଚସ୍ପତି ସୁରମା ପାଢ଼ୀ ବୁଲି ଦେଖୁଥିବାର ଦୃଶ୍ୟ (ଫଟୋ- ଦିନଲିପି)

## ଅଳ୍ପକେ ବର୍ତ୍ତିଲେ ଫାରୁକ୍ ଅବଦୁଲ୍ଲା

ଜମ୍ମୁ,୧୨।୩: ଅଳ୍ପକେ ବର୍ତ୍ତିଲେ ଜମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା। ଜମ୍ମୁରେ ଏକ ହୋଟେଲରେ କାର୍ଯ୍ୟକ୍ରମବେଳେ ଫାରୁକଙ୍କ ଉପରେ ଗୁଳିମାଡ଼ ହୋଇଥିବା ଜଣାଯାଇଛି। ଦୁର୍ବୃତ୍ତ ଜଣକ ଅତି ନିକଟରୁ ଫାରୁକ୍ ଅବଦୁଲ୍ଲାଙ୍କୁ ଲକ୍ଷ୍ୟକରି ଗୁଳି କରିଥିଲା। ଜମ୍ମୁ-କାଶ୍ମୀର ନ୍ୟାସନାଲ କନଫରେନ୍ସ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କ ଗାଡ଼ି ଉପରକୁ ଜଣେ ବନ୍ଧୁକଧାରୀ ଗୁଳି ଚଳାଇବାକୁ ଚେଷ୍ଟା କରିଥିଲେ। ଜମ୍ମୁର ଗ୍ରେଟର କୈଳାସ ଅଞ୍ଚଳରେ ଏକ ବିବାହ ଉତ୍ସବରୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସୌଭାଗ୍ୟବଶତଃ, ଫାରୁକ୍ ଅବଦୁଲ୍ଲା ଏବଂ ତାଙ୍କ ସହ ଗାଡ଼ିରେ ଥିବା ଉପ-ମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। କାହାରିକୁ କୌଣସି ଆଘାତ ଲାଗିନାହିଁ। ସୁରକ୍ଷାକର୍ମୀମାନେ ତୁରନ୍ତ ଦୁର୍ବୃତ୍ତକୁ କାବୁକରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଅଭିଯୁକ୍ତର ନାମ କମଲ ସିଂ ଜାମୱାଲ। ସେ ବ୍ୟବହାର କରିଥିବା ବନ୍ଧୁକଟି ଲାଇସେନ୍ସପ୍ରାପ୍ତ। ଅଭିଯୁକ୍ତ କହିଛି, ସେ ୨୦ ବର୍ଷ ହେଲା ଫାରୁକ ଅବଦୁଲ୍ଲାଙ୍କୁ ହତ୍ୟା କରିବାକୁ ଚାହୁଁଥିଲା।

# ବେଧଡ଼କ ଚାଲିଛି ପଲିଥିନ କାରବାର

## ଗୃହପାଳିତ ପଶୁ ପ୍ରଭାବିତ, ପ୍ରତିକାର ଦାବି

ବୁଗୁଡ଼ା, ୧୨/୩(ନିପ୍ର): ବୁଗୁଡ଼ା ଏନଏସିରେ ପଲିଥିନ ବ୍ୟବହାର ଉପରେ କଟକଣା ରହିଥିଲେ ବି ବେଧଡକ ଭାବେ ବିକ୍ରି ଓ ବ୍ୟବହାର ହେଉଛି ପଲିଥିନ । ବିଶେଷ ଭାବରେ ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନ ବର୍ତ୍ତମାନ ବୁଲା ଗାଈଗୋରୁଙ୍କ ଖାଦ୍ୟ ପାଲଟି ଗଲାଣି। ମାତ୍ର ଏନଏସି ପ୍ରଶାସନ ପକ୍ଷରୁ ଏଥି ପାଇଁ ବଳିଷ୍ଠ ପଦକ୍ଷେପ ନିଆଯାଉ ନାହିଁ। ପରିବେଶକୁ ପ୍ରଦୂଷଣ କରିବାର ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ପଲିଥିନ ଏବେ ଗୃହପାଳିତ ପଶୁଙ୍କ ଉପରେ ପ୍ରଭାବ ପକାଇ ସାରିଲାଣି। ସୂଚନା ଅନୁସାରେ ବୁଗୁଡ଼ା ସହରର ମୁଖ୍ୟ ବଜାରରେ ଏନଏସି ପକ୍ଷରୁ ସର୍ବସାଧାରଣ ତଥା ବ୍ୟବସାୟୀଙ୍କ ବ୍ୟବହାର ନିମନ୍ତେ ବଜାର ମଧ୍ୟରେ ଥିବା ଡଷ୍ଟବିନ ରଖାଯାଇଥିଲା । ଉଠାଦୋକାନୀଠାରୁ ଆରମ୍ଭ କରି ବସା ଦୋକାନୀମାନେ ଦୋକାନରୁ ଦୈନିକ ବାହାରୁଥିବା ମଇଳା ଏହି ଡଷ୍ଟବିନରେ ପକାଉଥିଲେ । ମାତ୍ର ଦିନକୁ ଦିନ ଏହି ଡଷ୍ଟବିନ ସଂଖ୍ୟା କମିବାରେ ଲାଗିଛି। ଫଳରେ ଦୋକାନୀମାନେ ରାତି ହେଲେ ଦୋକାନରୁ ବାହାରୁଥିବା ଅଳିଆ ରାସ୍ତା ଉପରେ ଜମା କରୁଛନ୍ତି। ରାତି ହେଲେ ବୁଲା ଗାଈଗୋରୁ ବଜାର ଉପରେ ରୁଣ୍ଡ ହୋଇ ରାସ୍ତା ଉପରେ ପଡିଥିବା ପଲିଥିନଯୁକ୍ତ ଅଳିଆ ଗଦାରେ ଖାଦ୍ୟ ଅନ୍ୱେଷଣ କରିବା ସହିତ ପଲିଥିନରେ ଲାଗିଥିବା ଗୁଡ, ତେଲ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଲାଗିଥିବା ପଲିଥିନକୁ ଖାଇ ଦେଉଥିବା ଦେଖିବାକୁ ମିଳୁଛି ।ତେଣୁ, ଏଥି ପ୍ରତି ଏନ୍‌ଏସି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ବେଆଇନ ମଇଁଷି ଚାଲାଣ ବେଳେ ଚଢ଼ାଉ: ୩୦ ମଇଁଷି ଉଦ୍ଧାର

**ନିରାକାରପୁର,୧୨/୩(ନିପ୍ର):** ୧୬ ନମ୍ବର ଜାତୀୟ ରାଜପଥରେ ବେଆଇନ ଗୋରୁ ଓ ମଇଁଷି ଚାଲାଣ ଉପରେ ବଜରଙ୍ଗ ଦଳ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ନିରାକାରପୁର ପୋଲିସ ବଜରଙ୍ଗ ଦଳର କିଛି କର୍ମୀଙ୍କଠାରୁ ଖବର ପାଇ ଏକ ମଇଁଷି ବୋଝେଇ ଗାଡ଼ିକୁ ଜବତ କରାଯିବା ସହ ୩୦ରୁ ଅଧିକ ମଇଁଷିଙ୍କୁ ଅତି ଦୟନୀୟ ଅବସ୍ଥାରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଏହି ମଇଁଷି ଗୁଡ଼ିକୁ କଲିକତା ପଟୁ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଥିଲା। ଗାଡ଼ି ଭିତରେ ଗୋରୁମାନଙ୍କୁ ଅତି ଅମାନୁଷିକ ଭାବେ ଲଦାଯାଇ ନିଆଯାଉଥିବା ବେଳେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ଏହାକୁ ଅଟକାଇ ଥିଲେ। ପରବର୍ତ୍ତୀ ସମୟରେ ନିରାକାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଗାଡି ଡ୍ରାଇଭର ଘଟଣାସ୍ଥଳକୁ ଫେରାର ହୋଇଯାଇଛି । ୩୦ରୁ ଅଧିକ ମଇଁଷିଙ୍କୁ ଉଦ୍ଧାର କରାଯାଇ ବାଲୁଗାଁ ନିକଟସ୍ଥ ଏକ ଗୋଶାଳାରେ ନିରାପଦରେ ଛଡ଼ା ଯାଇଛି। ବଜରଙ୍ଗ ଦଳର କର୍ମୀ ପିଛା କରିଥିବା ବେଳେ ନିରାକାରପୁର ଥାନା ଅନ୍ତର୍ଗତ ସୁନେଇ ରୁପେଇ ନିକଟରେ ଟ୍ରକର ଚକା ଫାଟି ଯିବାରୁ ଗାଡ଼ିଟି ଅଟକି ଯାଇଥିଲା, ଯାହାଫଳରେ ଏହି ବେଆଇନ କାରବାର ପଦାକୁ ଆସିଥିଲା। ଅଭିଯୋଗ ହେଉଛି ଯେ, ୧୬ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ଶହଶହ ଗୋରୁ ଓ ମଇଁଷିଙ୍କୁ ବେଆଇନ ଭାବେ ଚାଲାଣ କରାଯାଉଛି। ପ୍ରାଣୀମାନଙ୍କୁ ଅତି କଷ୍ଟଦାୟକ ଭାବେ ଗାଡ଼ିରେ ଭର୍ତ୍ତି କରାଯାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ଏବଂ ଗୋ-ପ୍ରେମୀମାନେ ଏହି ବେଆଇନ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।





# ବିଧାୟକଙ୍କୁ ହ୍ୱିପ୍ ଜାରି କଲା କଂଗ୍ରେସ



ଭୁବନେଶ୍ୱର ୧୨/୦୩: ରାଜସଭା ନିର୍ବାଚନରେ କିଏ କାହାକୁ ଦେବ ଭୋଟ ? ହେବ କି କ୍ରସ୍ ଭୋଟିଂ ? ଏବେଠୁ ହେଲାଣି ବିରୋଧୀଙ୍କ ଛାତି ଧଡ଼ଧଡ଼। ଅସନ୍ତୁଷ୍ଟ ବିଧାୟକ ଧାଡ଼ି ଭାଙ୍ଗି ଯିବେନି ତ ? ଏହି ଭିତରେ ବିଧାୟକଙ୍କୁ ଏକ କରିବାକୁ ପ୍ରଦେଶ କଂଗ୍ରେସ ହ୍ୱିପ୍ ଜାରି କରିଛି। ଏନେଇ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ଏଥିରେ କୁହାଯାଇଛି, ୧୬ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାଜ୍ୟସଭା ଭୋଟ ହେବ । ତେଣୁ କୌଣସି ବିଧାୟକ ହେଡ୍ କ୍ୱାର୍ଟର ଛାଡ଼ିବେ ନାହିଁ । ସମସ୍ତ ବିଧାୟକ ଆସନ୍ତା ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହିଁ ରହିବେ । ଏହି ୩ ଲାଇନ ହ୍ୱିପ୍ ନ ମାନିଲେ ଦଳ କଠୋର କାର୍ଯ୍ୟାନୁଷ୍ଠାନ ନେବ ବୋଲି ସ୍ପଷ୍ଟ କରିଛି । ତେବେ ଏ ହ୍ୱିପ୍‌କୁ କିଏ ଡେଇଁବ, ତାହା ଉପରେ ବି ନଜର ରହିଛି । ଅନ୍ୟପଟେ ବୁଧବାର ବିଜେଡି ପକ୍ଷରୁ ମଧ୍ୟ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏଭଳି ହ୍ୱିପ୍ର ଚିଠି ସମସ୍ତ ବିଧାୟକଙ୍କୁ ପଠାଇଛନ୍ତି । ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରାର୍ଥୀ ମଇଦାନରେ ଅଛନ୍ତି । ବିଜେପିରୁ ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ କୁମାର ଏବଂ ବିଜେଡିରୁ ସଂତୃପ୍ତ ମିଶ୍ର ପ୍ରଥମ ପସନ୍ଦରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି । ରୋଚକ ହେବାକୁ ଯାଉଛି ଚତୁର୍ଥ ଆସନ ଲଢ଼େଇ । ବିଜେଡି-କଂଗ୍ରେସ-ସିପିଆଇଏମ୍ର ମିଳିତ ପ୍ରାର୍ଥୀ ଭାବେ ରାଜ୍ୟର ସୁନାମଧନ୍ୟ ଡାକ୍ତର ପ୍ରଫେସର ଦତ୍ତେଶ୍ୱର ହୋତା ମଇଦାନରେ । ଏହି ଆସନ ପାଇଁ ବିଜେପି ସମର୍ଥନରେ ଲଢୁଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲ୍ଲୀପ ରାୟ । ଦତ୍ତେଶ୍ୱର-ଦିଲ୍ଲୀପଙ୍କ ମଧ୍ୟରୁ କିଏ ବାଜି ମାରିବ, ସେ ନେଇ ଚାଲିଛି ଅଙ୍କକଷା । ସେପଟେ ଚତୁର୍ଥ ଆସନରେ ବିଜେପି ସମର୍ଥନରେ ନିର୍ଦ୍ଦଳୀୟ ଭାବେ ଲଢୁଥିବା ଦିଲ୍ଲୀପ ରାୟ ମଧ୍ୟ ବିଜୟ ନେଇ କସରତ ତେଜିଛନ୍ତି । ବିରୋଧୀ ଦଳ ବିଜେଡି ଓ କଂଗ୍ରେସର ଅସନ୍ତୁଷ୍ଟ ବିଧାୟକଙ୍କ ଉପରେ ବିଜେପିର ନଜର ରହିଛି । ଏଭଳି କିଛି ବିଧାୟକଙ୍କ ସମର୍ଥନ ପାଇବାକୁ ଦଳ ଆଶା ରଖିଛି ।

# ରାଜଧାନୀରେ ପୁଣି ବୁଲିଲା ଖଣ୍ଡା: ଦୁଇଜଣ ଗୁରୁତର

ଭୁବନେଶ୍ୱର,୧୨।୩(ନିପ୍ର): ରାଜଧାନୀରେ ପୁଣି ବୁଲିଲା ଖଣ୍ଡା। ଦିନ ଦ୍ୱିପ୍ରହରରେ ବୁଲିଲା ଖଣ୍ଡା। ୬ଜଣ ଯୁବକ ମାସ୍କ ପିନ୍ଧି ଗୌତମ ବସ୍ତିରେ ଖେଳାଇଲେ ଆତଙ୍କ । ଏକାଧିକ ଲୋକଙ୍କୁ ଖଣ୍ଡାରେ ହାଣିଲେ। ଖଣ୍ଡା ଚୋଟରେ ଦୁଇଜଣ ଗୁରୁତର ହୋଇଛନ୍ତି। ଗାଡ଼ି ଓ ଘର ଭଙ୍ଗାରୁଜା କରିଛନ୍ତି । ଘଟଣା ସ୍ଥଳରେ ବଡଗଡ ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି । ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି। ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ଅଚାନକ ଛଅ ସାତ ଜଣ ଆସି ଘର ଭଙ୍ଗାରୁଜା କରିବା ସହ ସାତ ଆଠ ଜଣଙ୍କୁ ମାଡ଼ ମାରିଥିଲେ। ଏହା ସହ ୪/୫ ଜଣଙ୍କୁ ହାଣିଛନ୍ତି। ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବସ୍ତିବାସିନ୍ଦାଙ୍କ କହିବା କଥା ଗୌତମ ନଗରରେ ଏହିପରି ଛଅ ଥର ଆକ୍ରମଣ ଘଟଣା ଘଟିଲାଣି। ଏମିତି ଆକ୍ରମଣ ଘଟଣାରେ ଲୋକେ ଆତଙ୍କିତ ହୋଇ ପଡ଼ିଲେଣି।

# ରକ୍ତମୁଖା ସାଜିଛି ମାଙ୍କଡ଼, ବନ ବିଭାଗ ସ୍ଥାଣୁ

ନିରାକାରପୁର,୧୨/୩(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଏବେ ହନୁ ମାଙ୍କଡ଼ର ଉଗ୍ରରୂପ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ମାଙ୍କଡ଼ ଆକ୍ରମଣ ଏବେ ଏପରି ସ୍ତରରେ ପହଞ୍ଚିଛି ଯେ, ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ପୁଣି ଏକ ଭୟଙ୍କର ଘଟଣାରେ ୬୮ ବର୍ଷୀୟା ବୃଦ୍ଧା ସାଧବାଣୀ ଭୁଜବଳ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ସାଧବାଣୀ ଭୁଜବଳ ନିଜ ଘର ବାଡ଼ି ପଟେ ବସିଥିବା ସମୟରେ ଏକ ରକ୍ତମୁଖା ହନୁ ମାଙ୍କଡ଼ ହଠାତ୍ ତାଙ୍କ ଉପରକୁ ଝାମ୍ପି ପଡ଼ିଥିଲା। ଆକ୍ରମଣ ଏତେ ଭୟଙ୍କର ଥିଲା ଯେ, ମାଙ୍କଡ଼ଟି ତାଙ୍କ କହୁଣୀ ପାଖରୁ ମାଂସ ତାଡ଼ି ନେଇ ପଳାଇଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁଁ ତାଙ୍କୁ ତୁରନ୍ତ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ କିଛି ଦିନ ମଧ୍ୟରେ ଏହି ମାଙ୍କଡ଼ ପ୍ରାୟ ୨୫ରୁ ଅଧିକ ଲୋକଙ୍କୁ କାମୁଡ଼ି ରକ୍ତାକ୍ତ କଲାଣି। ଏ ସମ୍ପର୍କରେ ବନ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। ବନ ବିଭାଗ କାମୁଡ଼ା ମାଙ୍କଡ଼କୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ସାଧାରଣ ଲୋକଙ୍କ ଜୀବନ ଏବେ ବିପଦସଙ୍କୁଳ ହୋଇପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ବନ ବିଭାଗର ନିଷ୍କ୍ରିୟତାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ମାଙ୍କଡ଼କୁ ଧରିବା ପାଇଁ ଦାବି କରିଛନ୍ତି। ଯଦି ଶୀଘ୍ର କୌଣସି ପଦକ୍ଷେପ ନିଆନଯାଏ, ତେବେ ଆଗକୁ ପରିସ୍ଥିତି ଆହୁରି ଭୟଙ୍କର ହେବାର ସମ୍ଭାବନା ରହିଛି।



# ଦଶମ ଶ୍ରେଣୀ ଛାତ୍ରୀଙ୍କ ତଣ୍ଟିକାଟି ହତ୍ୟା

ସୁନ୍ଦରଗଡ,୧୨।୩(ନିପ୍ର): ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ ରସରାଜପୁର ଫଟାଟାଙ୍ଗର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ମାଟ୍ରିକ ପରୀକ୍ଷା ସରିବା ପରେ ନିଜ ଘରେ ରହୁଥିବା ଜଣେ ଛାତ୍ରୀଙ୍କୁ ଲେଫ୍ରିପଡା ଥାନା ଅଂଚଳର ଜଣେ ଯୁବକ ତଣ୍ଟିକାଟି ନିର୍ମମ ଭାବେ ହତ୍ୟା କରିଛି । ପୁଲିସ ଏହି ଘଟଣାରେ ଅଭିଯୁକ୍ତ ଲେଫ୍ରିପଡା ଥାନା ଅନ୍ତର୍ଗତ ଗୁଣ୍ଡିଆଡିହି ଗ୍ରାମର ସନ୍ତୋଷ ଟପ୍ପୋଙ୍କୁ ଗିରଫ କରିଛି। ଫଟାଟାଙ୍ଗର ଗ୍ରାମର ଶନିଶ୍ଚର ଗିଧିଙ୍କ ଝିଅ ଅସ୍ମିତା (୧୫) କୁଣ୍ଡୁକେଲା ସ୍ଥିତ ଲମ୍ବୋଦର ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସରେ ରହି ହାଇସ୍କୁଲ ଶିକ୍ଷା ସାମପ୍ତ କରିଥିଲେ । ମାଟ୍ରିକ ପରୀକ୍ଷା ସରିବା ପରେ ସେ ଛାତ୍ରୀ ନିବାସରୁ ଫେରି ନିଜ ଘରେ ରହି ଆସୁଥିଲେ । ଗୁରୁବାର ସନ୍ଧ୍ୟାରେ ତାଙ୍କ ଘରକୁ ଅଭିଯୁକ୍ତ ସନ୍ତୋଷ ବାଇକ (ଓଡି୧୬ଏଚ୍-୯୩୮୯)ରେ ଆସିଥିଲା । ପୂର୍ବ ପରିଚୟ ଥିବାରୁ ଘରେ ପ୍ରାୟ ଘଂଟାଏ କାଳ ରହିବା ପରେ ହଠାତ ତାଙ୍କ ତଂଟି କାଟି ବାଇକରେ ଫେରାର ହେବାକୁ ଉଦ୍ୟମ କରୁଥିଲା । ତେବେ ସଂପୃକ୍ତ ଛାତ୍ରୀଙ୍କ ଭଉଣୀ ବାଇକକୁ ଟାଣି ଧରିବାରୁ ସେ ଏହାକୁ ଛାଡି ଫେରାର ହୋଇ ଯାଇଥିଲା । ଖବର ପାଇ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ସଦଳବଳ ଘଟଣାସ୍ଥଳକୁ ପଂହଚି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ କରମିଡିହି ନିକଟରେ ପୁଲିସ କର୍ମଚାରୀ ମାନେ ତାକୁ ମାଡି ବସିଥିଲେ । ଅଭିଯୁକ୍ତ ଦାଦନ ଶ୍ରମିକ ଭାବେ ରାଜ୍ୟ ବାହାରେ କାମ କରୁଥିବା ବେଳେ କିଛି ଦିନ ତଳେ ଘରକୁ ଫେରିଥିବା ଜଣା ପଡିଛି । ପ୍ରେମ ବ୍ୟାପାରରୁ ଏହି ହତ୍ୟାକାଣ୍ଡ ଘଟି ଯାଇଥିବା ପୁଲିସ ସନ୍ଦେହ କରୁଛି । ଅଭିଯୁକ୍ତଙ୍କୁ ଥାନା ହାଜତରେ ରଖାଯାଇ ପଚରା ଉଚୁରା କରାଯାଉଛି । ଅପରପକ୍ଷରେ ମୃତ ଛାତ୍ରୀଙ୍କ ଶବକୁ ପୁଲିସ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସରେ ସଂରକ୍ଷିତ ରଖାଇଛି । ଶୁକ୍ରବାର ଏହା ବ୍ୟବଚ୍ଛେଦ ହେବ । ଏ ନେଇ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ■ ପଶ୍ଚିମ ଓଡ଼ିଶାର ରେଳ ସଂଯୋଗକୁ ନୂଆ ଗତି

# ପୋତନୁର-ଧାନବାଦ ଅମୃତ ଭାରତ ଏକ୍ସପ୍ରେସର ପ୍ରଚଳନ

ଭୁବନେଶ୍ୱର, ୧୨/୩(ପିଆଇବି): ଦକ୍ଷିଣ ଏବଂ ପୂର୍ବ ଭାରତ ମଧ୍ୟରେ ରେଳ ସଂଯୋଗ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତୀୟ ରେଳବାଇ ଓଡ଼ିଶାର ଅନେକ ଜିଲ୍ଲାକୁ ଉପକୃତ କରିବା ସହିତ ପୋତନୁର (କୋଏମ୍ବାଟୁର)-ଧାନବାଦ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ୍ ପ୍ରଚଳନ କରିଛି। ଏକ ସୁଲଭ ଦୀର୍ଘ ଦୂରତା ଅତିକ୍ରମ କରୁଥିବା ଟ୍ରେନ୍ ସେବା ଯାହା ଛାତ୍ର, ଶ୍ରମିକ ଏବଂ ବ୍ୟବସାୟୀଙ୍କ ପାଇଁ ଉନ୍ନତ ଗତିଶୀଳତା ପ୍ରଦାନ କରିବା ସହିତ ସମଗ୍ର ଅଞ୍ଚଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଯାତ୍ରା ଏବଂ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ। ଦକ୍ଷିଣ ଭାରତର ଶିଳ୍ପ ଏବଂ ବୟନ ଶିଳ୍ପ କେନ୍ଦ୍ର ତଥା ପୂର୍ବ ଭାରତର କୋଇଲା ଏବଂ ଶିଳ୍ପ କ୍ଷେତ୍ର ମଧ୍ୟରେ ଯାତ୍ରୀ ପରିବହନ ଏବଂ ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୋତନୁର (କୋଏମ୍ବାଟୁର)-ଧନବାଦ ଅମୃତ ଭାରତ ଏକ୍ସପ୍ରେସକୁ ଉଦଘାଟନ କରିଥିଲେ। ପୋତନୁର-ଧାନବାଦ ଅମୃତ ଭାରତ ଏକ୍ସପ୍ରେସ୍ ଏକ ସାପ୍ତାହିକ ସେବା ଭାବରେ ଚଳାଚଳ କରିବ, ଯାହା ତାମିଲନାଡୁର କୋଏମ୍ବାଟୁରର ପୋତନୁର ଜଙ୍କସନ୍ ରେଳ ଷ୍ଟେସନରୁ ପ୍ରତି ଶନିବାର ସକାଳ ୬.୧୫ ରେ ଆରମ୍ଭ ହେବ ଏବଂ ସୋମବାର ସକାଳ ୪ ଟାରେ ଝାଡ଼ଖଣ୍ଡର ଧନବାଦ ଜଙ୍କସନରେ ପହଞ୍ଚିବ। ଫେରିବାବେଳେ, ଟ୍ରେନଟି ପ୍ରତି ସୋମବାର ଅପରାହ୍ନ ୨ ଟାରେ ଧାନବାଦରୁ ଛାଡ଼ି ବୁଧବାର ପୋତନୁରରେ ପହଞ୍ଚିବ। ଏହି ଟ୍ରେନ୍‌ଟି ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଅନ୍ତର୍ଗତ ବିଶାଖାପାଟଣା, ବିଜୟନଗରମ୍, ପାର୍ବତୀପୁରମ୍, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲା ଦେଇ ପୂର୍ବତଟ ରେଳପଥ କ୍ଷେତ୍ରାଧିକାର ଦେଇ ଯିବ ଏବଂ ଏହା ଦୁଭାଡା, ସିମାଚଳମ୍ ଉତ୍ତର, କୋଟାଭାଲସା, ବିଜୟନଗରମ୍, ବୋବିଲି, ପାର୍ବତୀପୁରମ୍, ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର ବରଗଡ଼ ରୋଡ୍, ସମ୍ବଲପୁର ଜଙ୍କସନ୍, ଝାରସୁଗୁଡ଼ା, ରାଉରକେଲା ଇତ୍ୟାଦି ସ୍ଥାନରେ ରହଣି କରିବ।



# ଐତିହାସିକ "ନ୍ୟାୟ ସଂହିତା" ପ୍ରଦର୍ଶନୀ ଉଦ୍‌ଯାପିତ

## ନୂତନ ନ୍ୟାୟ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ହେଲା ଭୁବନେଶ୍ୱର

ଭୁବନେଶ୍ୱର, ୧୨/୩(ନିପ୍ର): ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ସପ୍ତାହବ୍ୟାପୀ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ଗୁରୁବାର ସଫଳତାର ସହ ଉଦଯାପିତ ହୋଇଛି। ଭୁବନେଶ୍ୱରର ୟୁନିଟ୍-୩ ର ଇଡକୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଏହି ପ୍ରଦର୍ଶନୀରେ ୧ ଲକ୍ଷରୁ ଅଧିକ ଲୋକ ଯୋଡ଼ି ହୋଇଥିଲେ। ଏହି ସମ୍ମିଳନୀ ବୃହତ୍ତର ଭାବେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ଓ କମ୍ୟୁନିଟି ପୋଲିସିଂରେ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନା କରିସାରିଛି। ପ୍ରଦର୍ଶନୀର ଶେଷ ଦିନରେ ଓଡ଼ିଶା ବିଧାନସଭାର ବାଚ୍‌ସ୍ପତି ସୁରମା ପାଢ଼ୀ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଡାକ୍ତର ମନୋଜ କୁମାର ସାହୁ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚ୍ଚିବ ଶାଶ୍ୱତ ମିଶ୍ର, ଶ୍ରମ ବିଭାଗର ଅତିରିକ୍ତ ମୁଖ୍ୟ ସଚ୍ଚିବ ଚିତ୍ରା ଅରୁମୁଗମ, ଏବଂ ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ଶେଷଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆରପିଏଫ, ସିଆଇଏସଏଫ ଓ ସିଆରପିଏଫ କର୍ମଚ୍ଚାରୀ ଓ ତାଙ୍କ ପରିବାର ସଦସ୍ୟମାନେ ଯୋଗଦେଇ ଭାରତର ନୂତନ ନ୍ୟାୟ ବ୍ୟବସ୍ଥା ବିଷୟରେ ଅବଗତ ହୋଇଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଦୁଇ ଦିନ ସମୟ ବଢ଼ାଯାଇଥିବା ଏହି ପ୍ରଦର୍ଶନୀ ନୂତନ ଆଇନ ଭାରତୀୟ ନ୍ୟାୟ ସଂହିତାକୁ ସାଧାରଣ ଲୋକଙ୍କ ମଧ୍ୟରେ ସରଳ ଭାବରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହି ଆଇନ ୧ ଜୁଲାଇ ୨୦୨୪ ଠାରୁ ଔପନିବେଶିକ ଯୁଗର ପୁରୁଣା ଆଇନକୁ ପରିବର୍ତ୍ତନ କରି ଏକ ଅଧିକ ପାରଦର୍ଶୀ, କାର୍ଯ୍ୟକୁଶଳ ଓ ନାଗରିକମୁଖୀ ନ୍ୟାୟ ବ୍ୟବସ୍ଥା ଗଢ଼ି ତୋଳିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟି ଦ୍ୱାରା ପରିକଳ୍ପିତ ଏହି ପ୍ରଦର୍ଶନୀକୁ ଜର୍ଣ୍ଣି ଅଫ ଜଷ୍ଟିସ ଭାବେ ଗଢ଼ାଯାଇଥିଲା। ପରମ୍ପରାଗତ ବ୍ୟାଖ୍ୟା ପରିବର୍ତ୍ତେ ଏଠାରେ ଏକ ଅନୁଭୂତିମୂଳକ ପ୍ରଦର୍ଶନୀ ତିଆରି କରାଯାଇଥିଲା। ଦର୍ଶକମାନେ ପ୍ରଥମେ ଏକ ବାସ୍ତବସଦୃଶ କ୍ରାଇମ ସିନ ପାଭିଲିଅନ୍‌ରୁ ଯାତ୍ରା ଆରମ୍ଭ କରିଥିଲେ, ଯେଉଁଠାରେ ଫରେନ୍ସିକ୍ ଏକ୍ସପର୍ଟମାନେ ପ୍ରମାଣ ସଂଗ୍ରହର ଗୋଲଡେନ ଆୱାର ବିଷୟରେ ପ୍ରଦର୍ଶନ କରିଥିଲେ। ତାପରେ ଏହି ଯାତ୍ରା ପୋଲିସ କଂଟ୍ରୋଲ ରୁମ ମାଧ୍ୟମରେ ଆଗକୁ ବଢ଼ିଥିଲା, ଯେଉଁଠାରେ ଡାଏଲ-୧୧୨ ହେଲ୍ପଲାଇନ୍ ଓ ଜିପିଏସ ସମର୍ଥିତ ପୋଲିସ୍ ଡିସ୍ପାଚ୍ ପ୍ରଣାଳୀ ପ୍ରଦର୍ଶିତ ହୋଇଥିଲା।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ